





- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-228 ♦FRIDAY ♦13 FEBRUARY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୨୮ ♦ଶୁକ୍ରବାର ♦୧୩ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆଜି 'ସେବାତୀର୍ଥ' ଯିବେ ପ୍ରଧାନମନ୍ତ୍ରୀ



■ ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଭାରତୀୟ ପ୍ରଶାସନିକ ଇତିହାସରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନିଜର ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହେବେ। ସେ ନୂଆ କାର୍ଯ୍ୟାଳୟ 'ସେବା ତୀର୍ଥ'ରେ କାର୍ଯ୍ୟ ଆରମ୍ଭ କରିବେ। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅଧୀନରେ ଏହି ନୂତନ ବିଲ୍ଡିଂ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ଅପରାହ୍ଣ ୧.୩୦ ସମୟରେ 'ସେବା ତୀର୍ଥ' ନାମ ଫଳକ ଉନ୍ମୋଚନ ହେବ ଓ ସନ୍ଧ୍ୟା ୬ଟାରେ ମୋଦୀ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିବେ। ଏଥିସହ କର୍ତ୍ତବ୍ୟ ଭବନ-୧ ଓ ୨ର ମଧ୍ୟ ଉଦ୍‌ଘାଟନ କରାଯିବ, ଯେଉଁଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ରହିବ। ନୂଆ କାର୍ଯ୍ୟାଳୟକୁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶୁକ୍ରବାର ସନ୍ଧ୍ୟା ୪ଟାରେ ପୁରୁଣା ସେକ୍ରେଟାରିଏଟ ବିଲ୍ଡିଂ (ନର୍ଥ-ସାଉଥ୍ ବ୍ଲକ)ରେ ଶେଷ କ୍ୟାବିନେଟ ବୈଠକ କରିବେ। ଏହି ନର୍ଥ-ସାଉଥ ବ୍ଲକ ପ୍ରାୟ ୯୫ ବର୍ଷ ଧରି ଭାରତର ସାଶନ କେନ୍ଦ୍ର ହୋଇ ରହିଆସିଥିଲା। ଏହି ବିଲ୍ଡିଂକୁ ବ୍ରିଟିଶ ▶ପୃଷ୍ଠା-୭

### ବିରୋଧୀ ଦଳ ନେତାଙ୍କ ବିରୋଧରେ ଫେରାଦ ହେଲେ ଦୁବେ

## ରାହୁଲଙ୍କ ସଦସ୍ୟତା ରଦ୍ଦ ପାଇଁ ନୋଟିସ୍

■ ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଥିବା ବେଳେ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କର ସାଂସଦ ପଦ ରଦ୍ଦ କରିବା ଲାଗି ବିଜେପି ସାଂସଦ ନୋଟିସ ଦେଇଛନ୍ତି। ବିଜେପିର ଏହି ସାଂସଦ ହେଉଛନ୍ତି ନିଶିକାନ୍ତ ଦୁବେ। ବାଣିଜ୍ୟ ଚୁକ୍ତି ଓ ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ନରବାଣେଙ୍କ ଅପ୍ରକାଶିତ ପୁସ୍ତକ ଠାରୁ ଆରମ୍ଭ କରି ବିଭିନ୍ନ ବିବାଦୀୟ ପ୍ରସଙ୍ଗ ନେଇ ରାହୁଲ ଏବଂ ବିଜେପି ସାଂସଦ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଦୁବେ ଆଜି ଏଭଳି ନୋଟିସ୍ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ମିଥ୍ୟା ଓ



> "ରାହୁଲ ଗାନ୍ଧୀ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି"

ମନଗଢ଼ା ଅଭିଯୋଗ ଆଣି ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। କୁଖ୍ୟାତ ଯୌନ ଅପରାଧୀ ଏପଷ୍ଟିନଙ୍କ ସହିତ କେନ୍ଦ୍ର ମନ୍ତ୍ରୀ ହରଦିପ ସିଂହ ପୁରୀଙ୍କର ସଂପର୍କ ରହିଛି ବୋଲି ଗତକାଲି ରାହୁଲ ଅଭିଯୋଗ କରିବା ପରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।

ନୋଟିସ ଦେବାପରେ ଦୁବେ କହିଛନ୍ତି ଯେ ଯାହା ଲାଗୁଛି ବିଦେଶୀ ଶକ୍ତିଙ୍କ ସହିତ ରାହୁଲ ଗାନ୍ଧୀଙ୍କର ସଂପର୍କ ରହିଛି। ଦେଶକୁ ବରବାଦ କରିବାକୁ ଚାହୁଁଥିବା ରାହୁଲଙ୍କୁ କିଏ ପାଣ୍ଠି ଯୋଗାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଜେନେରାଲ ନରବାଣେଙ୍କ ଯେଉଁ ପୁସ୍ତକ ପ୍ରକାଶିତ ହୋଇନାହିଁ, ତାହାର କପି ରାହୁଲ କେଉଁଠୁ ପାଇଲେ? ସରକାରଙ୍କୁ ବଦନାମ କରିବା ଲାଗି ରାହୁଲଙ୍କର ଏହା ପ୍ରଥମ ପ୍ରୟାସ ନୁହେଁ ବୋଲି ଉଲ୍ଲେଖ କରି ଦୁବେ କହିଛନ୍ତି ଯେ ପ୍ରତିରକ୍ଷା ହେଉକି, ବାଣିଜ୍ୟ, ଅର୍ଥବା ବୈଦେଶିକ ବ୍ୟାପାର ହେଉ ସବୁ ପ୍ରସଙ୍ଗରେ ରାହୁଲ ମିଥ୍ୟା ଓ ମନଗଢ଼ା ଅଭିଯୋଗ କରୁଛନ୍ତି। ବିଭିନ୍ନ ଦେଶରେ ସରକାରକୁ ଅସ୍ଥିର କରିବାରେ କୁଖ୍ୟାତି ଅର୍ଜନ କରିଥିବା 'ସୋରୋସ ଫାଉଣ୍ଡେସନ୍' ସହିତ ରାହୁଲଙ୍କର ସଂପର୍କ ରହିଛି ଏବଂ ସେହି ସଂସ୍ଥା କଥାରେ ପଡ଼ି ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଗତ ୧୧ ତାରିଖରେ ଲୋକସଭାରେ ଭାଷଣ ଦେବା ସମୟରେ ସେ ଏମିତି ବିଭ୍ରାନ୍ତିକର ତଥ୍ୟ ଦେଲେ ଯେ ସତେ ଯେମିତି ବଡ଼ ବଡ଼ କରପୋରେଟ ସଂସ୍ଥା ସହିତ ସଂପର୍କ ଯୋଗୁଁ ଆମ ଦେଶରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ରାହୁଲଙ୍କର ଏଭଳି ଆଚରଣ ଦର୍ଶାଉଛି ଯେ ଦେଶ ଭିତରେ ସେ ଅସ୍ଥିରତା ସୃଷ୍ଟି କରିବାକୁ ▶ପୃଷ୍ଠା-୭

## ଭାରତ ବନ୍ଦ ଶାନ୍ତିପୂର୍ଣ୍ଣ

### ରାଜ୍ୟରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ



■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୨।୨ (ସମିସ): ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଡାକରା ଦିଆଯାଇଥିବା 'ଭାରତ ବନ୍ଦ'ର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ଶ୍ରମନୀତି, ୪ଟି ନୂଆ ଶ୍ରମକୋଡ୍ ଏବଂ ଭାରତ- ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଥିଲା। ପଞ୍ଜାବରେ ଶ୍ରମିକ ଓ କୃଷକ ସଂଗଠନଗୁଡ଼ିକ ଧର୍ମଘଟ କରିଥିଲେ। ଠିକା କର୍ମଚାରୀମାନେ କାମ ବନ୍ଦ ରଖିଥିବା ବେଳେ ନିୟମିତ କର୍ମଚାରୀମାନେ କାମ ଜାରି ରଖିଥିଲେ। ଫଳରେ ସରକାରୀ ବିଭାଗରେ କାର୍ଯ୍ୟ ଆଂଶିକ ପ୍ରଭାବିତ ହୋଇଛି। ବନ୍ଦ ସତ୍ତ୍ୱେ ବ୍ୟାଙ୍କ ଖୋଲା ରହିଥିଲା ଓ ସାଧାରଣ ଦିନ ଭଳି କାର୍ଯ୍ୟ ଜାରି ରହିଥିଲା। ଅଲ ଇଣ୍ଡିଆ ପାୱାର ଇଞ୍ଜିନିୟର୍ସ ଫେଡେରେସନ (ଏଆଇପିଇଏଫ୍) ପକ୍ଷରୁ ପ୍ରାୟ ୨୭ ଲକ୍ଷ କର୍ମଚାରୀ ଓ ଇଞ୍ଜିନିୟର ଏହି ବନ୍ଦରେ ସାମିଲ ଅଛନ୍ତି। ଭାରତ ବନ୍ଦକୁ ଆମ ଆଦମୀ ପାର୍ଟି (ଆପ୍) ସମେତ ଅନେକ ବିରୋଧୀ ଦଳ ସମର୍ଥନ ଜଣାଇଛନ୍ତି। ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ▶ପୃଷ୍ଠା-୭



ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ଅଭିଯୋଗରେ ଗୁରୁବାର ସଂସଦ ଭବନ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ସାଂସଦଙ୍କ ପ୍ରତିବାଦ

**୧୪ରେ ମନ୍ତ୍ରୀ ପରିଷଦ ବୈଠକ**

## ୩ ଲକ୍ଷ କୋଟି ଟପିପାରେ ବଜେଟ ଆକାର

■ ଭୁବନେଶ୍ୱର, ୧୨।୨ (ସମିସ): ଆସନ୍ତା ୧୪ ତାରିଖ ସନ୍ଧ୍ୟା ୭ଟାରେ ରାଜ୍ୟ କ୍ୟାବିନେଟ ଓ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ମନ୍ତ୍ରୀ ପରିଷଦ ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷର ଚିଠା ବଜେଟ୍ ପ୍ରସ୍ତାବକୁ ଅନୁମୋଦନ ଦିଆଯିବ। ମନ୍ତ୍ରୀ ପରିଷଦ ବୈଠକ ପରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ।

**ବଜେଟ ଚିଠା ପ୍ରସ୍ତାବକୁ ମିଳିବ ଅନୁମୋଦନ**

୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ଗୃହରେ ଆଗତ କରିଥିଲେ। ସେହିପରି ୧୭୭୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ ଗୃହର ସମ୍ମତି ଲାଭ କରିଥିଲା। ଏସବୁକୁ ବିଚାରକୁ ନେଲେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଆକାର ୩ ଲକ୍ଷ କୋଟି ଟପିବା ନେଇ ଆଶା କରାଯାଉଛି। ଅନ୍ୟପକ୍ଷରେ କ୍ୟାବିନେଟ ବୈଠକରେ ରାଜସ୍ୱ, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ, ଶକ୍ତି, ପୂର୍ତ୍ତ ପରି ବିଭାଗର ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ମୋହର ବାଜିପାରେ।

## ବଜେଟ ଖର୍ଚ୍ଚରେ ମନ୍ଥରତା

### ବଳକା ଅର୍ଥ ଫେରସ୍ତ ଅବଧି ଫେବୃଆରୀ ୨୭ ଯାଏ ବୃଦ୍ଧି

■ ଭୁବନେଶ୍ୱର, ୧୨।୨ (ସମିସ): ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚରେ ସରକାରଙ୍କୁ ସେପରି ଆଖିଦୃଶିଆ ସଫଳତା ମିଳିପାରି ନାହିଁ। ଅନେକ ପ୍ରମୁଖ ବିଭାଗର ବଜେଟ ଅର୍ଥ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ତେଣୁ ଆର୍ଥିକ ବର୍ଷର ଶେଷ ଭାଗରେ ଅଧିକ ଆର୍ଥିକ ବ୍ୟୟର ସମସ୍ୟାକୁ ଏଡ଼ାଇବା ପାଇଁ ସରକାରର ଅର୍ଥ ବିଭାଗ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପର ସମୟସୀମାକୁ ବୃଦ୍ଧି କରିଛନ୍ତି। ବିଭିନ୍ନ ବିଭାଗ ସାମ୍ନା କରୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଅର୍ଥ ମଞ୍ଜୁରୀ, ବଣ୍ଟନ, ଅର୍ଥର ପୁନଃ ବିନିଯୋଗ ଏବଂ ଖର୍ଚ୍ଚ ହୋଇପାରି ନ ଥିବା ଅର୍ଥର ଫେରସ୍ତ ଆଦିର ସମୟସୀମାକୁ ଫେବ୍ରୁଆରୀ ୨୭ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି।

ଅର୍ଥ ବିଭାଗ ପକ୍ଷରୁ ଜାରି ଏକ ଚିଠିରେ ସମସ୍ତ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଏବଂ ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ଏହି ସମ୍ପର୍କରେ ସୂଚନା ଦିଆଯାଇଛି। ପୂର୍ବରୁ ଅର୍ଥ ବିଭାଗ ଏନେଇ ଏକ ସମୟସୀମା ନିର୍ଦ୍ଧାରଣ କରାଯାଇଥିଲା; କିନ୍ତୁ କିଛି ସମୟସୀମା ଅତିକ୍ରମ ହୋଇଯାଇଥିବାରୁ ବିଭିନ୍ନ ବିଭାଗରୁ ଅର୍ଥ ମଞ୍ଜୁରୀ ଏବଂ ▶ପୃଷ୍ଠା-୭


SIKSHA 'O' ANUSANDHAN

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC


NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in


## ଆମେରିକାରେ ମୃତ ଭାରତୀୟ ଛାତ୍ରଙ୍କ ପରିବାରକୁ ୨୬୦ କୋଟିର କ୍ଷତିପୂରଣ

■ ସିଆଟେଲ, ୧୨।୨ (ଏଜେନ୍ସି): ଆମେରିକାର ୱାସିଂଟନ ରାଜ୍ୟର ସିଆଟେଲ ସହରରେ ୨୦୨୩ରେ ପୁଲିସର ଗାଡ଼ି ଧକ୍କାରେ ଜଣେ ଭାରତୀୟ ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଏବେ ତାଙ୍କୁ ନ୍ୟାୟ ମିଳିଛି। ତାଙ୍କ ପରିବାରକୁ ୨୯ ମିଲିଅନ ଡଲାର ବା ୨୬୨ କୋଟି ଟଙ୍କାର କ୍ଷତିପୂରଣ ଦେବାକୁ କୁହାଯାଇଛି। ଜଣେ ପୁଲିସ ଅଧିକାରୀଙ୍କ ଗାଡ଼ି ଧକ୍କାରେ ପ୍ରାଣ ହରାଇଥିବା ୨୩ ବର୍ଷୀୟ ଭାରତୀୟ ଛାତ୍ରୀ ଜାହ୍ନବୀ କାଣ୍ଡୁଲାଙ୍କ ପରିବାର ସହ ସିଆଟେଲ ପ୍ରଶାସନ ପାଖାପାଖି ୨୬୨ କୋଟି ଟଙ୍କାର ସମାଧାନ ବା ସେଟଲମେଣ୍ଟ କରିଛି। ଏହା ଜାହ୍ନବୀଙ୍କ ପରିବାର ପାଇଁ ଏକ ପ୍ରକାର ନ୍ୟାୟ ସଦୃଶ ହୋଇଛି। ଜାହ୍ନବୀ ରାସ୍ତା ପାର ହେଉଥିବା ସମୟରେ ପୁଲିସ ଅଧିକାରୀ କେଭିନ୍ ଡେଭ୍ ତାଙ୍କୁ ଧକ୍କା ଦେଇଥିଲେ। ସେହି ସମୟରେ ପୁଲିସ ଗାଡ଼ିର ବେଗ ଘଣ୍ଟାପ୍ରତି ୧୧୯ କିମି ଥିଲା। ▶ପୃଷ୍ଠା-୭

# ଏୟାର ଇଣ୍ଡିଆ ଦୁର୍ଘଟଣା ରିପୋର୍ଟକୁ ନେଇ ବିଭ୍ରାନ୍ତି



ନୂଆଦିଲ୍ଲୀ, ୧୨।୨: ଗତବର୍ଷ ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ରିପୋର୍ଟ ଆସିନାହିଁ। ଏସଂପର୍କରେ ଇଟାଲୀ ସମ୍ବାଦପତ୍ରରେ ଯାହା ପ୍ରକାଶ ପାଇଛି, ତାହା ବିଭ୍ରାନ୍ତିକର। ଆଜି ଏଭଳି ସ୍ପଷ୍ଟୀକରଣ ଦେଇଛି ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ। ବ୍ୟୁରୋ ପକ୍ଷରୁ କୁହାଯାଇଛି ଯେ ଇଟାଲୀ ସମ୍ବାଦପତ୍ରରେ ମନଗଢ଼ା ଏବଂ ବିଭ୍ରାନ୍ତିକର ରିପୋର୍ଟ ପ୍ରକାଶ ପାଇଛି। ବିମାନ ଦୁର୍ଘଟଣାର ତଦନ୍ତ ଏବେ ବି ଚାଲିଛି ଏବଂ ଏହାର ରିପୋର୍ଟ ଆସିଲା ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ସୂଚନାଯୋଗ୍ୟ ଯେ ଇଟାଲୀ ସମ୍ବାଦପତ୍ରରେ ପ୍ରକାଶ ପାଇଛି ଯେ ପାଇଲଟ ହିଁ ଦୁର୍ଘଟଣା ପାଇଁ ଦାୟୀ। କାରଣ ସେ ହିଁ ଇନ୍ଧନ ସୁଇଚକୁ ଜାଣିଶୁଣି ବନ୍ଦ କରିଦେଇଥିଲେ। ତଦନ୍ତ ବେଳେ ଏହା ସ୍ପଷ୍ଟ ହୋଇଥିବା ସମ୍ବାଦପତ୍ର ରିପୋର୍ଟରେ ପ୍ରକାଶ ପାଇଥିଲା। ଏଭଳି ରିପୋର୍ଟ ପ୍ରକାଶ ପାଇବା ପରେ ଭାରତ ସରକାରଙ୍କର ଏହି ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଆଜି ଏହି ସ୍ପଷ୍ଟୀକରଣ ଦେଇଛି। ଜୁନ୍ ୨୦୨୫ରେ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନ ଲଣ୍ଡନ ଯାଉଥିବା ବେଳେ ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ଏଥିରେ ୨୬୦ ଜଣ ପ୍ରାଣ ହରାଇଥିଲେ।

## ‘ବନ୍ଦେ ମାତରମ୍’ ନିଷ୍ପତ୍ତିକୁ ଜମିୟତ, ଶିଖ ସଂଗଠନଙ୍କ ବିରୋଧ

ନୂଆଦିଲ୍ଲୀ, ୧୨।୨(ଏଜେନ୍ସି): କେନ୍ଦ୍ର ସରକାରଙ୍କ ‘ବନ୍ଦେ ମାତରମ’ ସମ୍ପର୍କିତ ନିର୍ଦ୍ଦେଶାବଳୀକୁ ନେଇ ବିବାଦ ଦେଖାଦେଇଛି। ଜମିୟତ ଉଲେମା- ଏ- ହିନ୍ଦ ଓ କିଛି ଶିଖ ସଂଗଠନ ଏହାକୁ ବିରୋଧ କରିଛନ୍ତି। ସରକାରଙ୍କ ଆଦେଶ ଅନୁଯାୟୀ, ରାଷ୍ଟ୍ରୀୟ ଗୀତ ‘ବନ୍ଦେ ମାତରମ’କୁ ଜାତୀୟ ସଙ୍ଗୀତ ‘ଜନଗଣ ମନ’ ଭଳି ସମ୍ମାନ ଦେବା ଓ ଏହାର ସମସ୍ତ ୬ଟି ଅନ୍ତରା ଗାଇବାକୁ ବାଧ୍ୟତାମୂଳକ କରିବା ପରେ ବିବାଦ ଆରମ୍ଭ ହୋଇଛି। ଜମିୟତ ଉଲେମା-ଏ- ହିନ୍ଦ୍‌ର ସଭାପତି ମୌଲାନା ଅର୍ଶଦ ମଦନୀ କହିଛନ୍ତି ଯେ, ‘ବନ୍ଦେ ମାତରମ’ ଉପରେ ସରକାରଙ୍କ ଆଦେଶ ସ୍ୱାଧୀନତା ଉପରେ ଆକ୍ରମଣ ସଦୃଶ। ଏହି ନିର୍ଦ୍ଦେଶ ମନୋମୁଖୀ ଓ ଏକପାଖିଆ ବୋଲି ସେ କହିଛନ୍ତି। ମୁସଲମାନମାନେ କେବଳ ଆଲ୍ଲାଙ୍କୁ ପୂଜା କରନ୍ତି। କିନ୍ତୁ ‘ବନ୍ଦେ ମାତରମ’ରେ କିଛି ପଦରେ ମାତୃଭୂମିକୁ ଦେବୀ ରୂପେ ଦର୍ଶାଯାଇଛି ଓ ଏହା ଧର୍ମ ବିରୁଦ୍ଧ। ପୁଣି କୌଣସି ନିର୍ଦ୍ଦିଷ୍ଟ ସଙ୍ଗୀତ ଗାଇବା ପାଇଁ ବାଧ୍ୟ କରିବା ସମ୍ବିଧାନ ଅନୁଚ୍ଛେଦ ୨୫ ଅର୍ଥାତ ଧାର୍ମିକ ସ୍ୱାଧୀନତାର ଉଲ୍ଲଂଘନ। ଏହାକୁ ଏକ ସାମ୍ପ୍ରଦାୟିକ ଏଜେଣ୍ଡା ଓ ମୂଳ ସମସ୍ୟାରୁ ଲୋକଙ୍କ ଧ୍ୟାନ ହଟାଇବାର ପ୍ରୟାସ ବୋଲି ସେ ଅଭିହିତ କରିଛନ୍ତି। ଅନ୍ୟପଟେ ପଞ୍ଜାବର ଶିଖ ସଂଗଠନ ‘ଦଳ ଖାଲସା’ ମଧ୍ୟ ଏହାକୁ ବିରୋଧ କରିଛି। ସେମାନଙ୍କ କହିବା ଅନୁଯାୟୀ, ଏହା ଶିଖ ପରିଚୟ ଉପରେ ହିନ୍ଦୁତ୍ୱ ବିଚାରଧାରା ଲଦି ଦେବାକୁ ଏକ ପ୍ରୟାସ ବୋଲି କୁହାଯାଇଛି। ସରକାର ବର୍ତ୍ତମାନ ‘ବନ୍ଦେ ମାତରମ’ର ୧୫୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଏହି ପଦକ୍ଷେପ ନେଇଛନ୍ତି।

## ଝିଅକୁ ଉତ୍ତରାଧିକାରୀ ଭାବେ ବାଛିଲେ କିମ୍ ଜୋଙ୍ଗ



ପ୍ୟୋଙ୍ଗୟାଙ୍ଗ୍, ୧୨।୨(ଏଜେନ୍ସି): ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍ ନିଜର ୧୨ ବର୍ଷୀୟା ଝିଅ କିମ୍ ଜୁ ଏଙ୍କୁ ଦେଶର ପରବର୍ତ୍ତୀ ନେତା ଅର୍ଥାତ ନିଜର ଉତ୍ତରାଧିକାରୀ ଭାବେ ବାଛିଛନ୍ତି। ଉତ୍ତର କୋରିଆର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ପଡୋଶୀ ଦକ୍ଷିଣ କୋରିଆର ଗୁପ୍ତଚର ସଂସ୍ଥା (ଏନ୍‌ଆଇଏସ୍) ଏନେଇ ସାଂସଦମାନଙ୍କୁ ଅବଗତ କରାଇଛନ୍ତି। ଗତ କିଛି ମାସ ମଧ୍ୟରେ ଜୁ ଏଙ୍କୁ ତାଙ୍କ ବାପାଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଛୁ। ଏହାକୁ ଆଧାର କରି ଏନ୍‌ଆଇଏ ଏହି ସୂଚନା ଦେଇଛି। ଗତ ସେପ୍ଟେମ୍ବର ମାସରେ ଚୀନ୍ ଗସ୍ତ ସମୟରେ ଜୁ ଏ ବାପାଙ୍କ ସହ ଉପସ୍ଥିତ ଥିଲେ। ଚଳିତ ମାସ ଶେଷରେ ଉତ୍ତର କୋରିଆର ‘ପାର୍ଟି କଂଗ୍ରେସ’ (ଯାହା ୫ ବର୍ଷରେ ଥରେ ହୁଏ) ଉପରେ ସମସ୍ତଙ୍କ ନଜର ରହିଛି। ଯଦି ସେଠାରେ ଜୁ ଏ ଉପସ୍ଥିତ ରୁହନ୍ତି, ତେବେ ଏହି ଦାବି ଆହୁରି ସ୍ପଷ୍ଟ ହେବ। ୧୨ ବର୍ଷୀୟ ଜୁ ଏ ୨୦୨୨ ବାଲାଷ୍ଟିକ ମିସାଇଲ (ଆଇସିବିଏମ୍) ପରୀକ୍ଷଣ ସମୟରେ ପ୍ରଥମଥର ପାଇଁ ଲୋକଲୋଚନକୁ ଆସିଥିଲେ। ଜୁ ଏ ଘରେ ରହି ପାଠ ପଢ଼ନ୍ତି ଓ ସେ ଘୋଡ଼ା ଚଢ଼ିବା, ପହଁରିବା, ସ୍କି କରିବାକୁ ଭଲ ପାଆନ୍ତି। କିମ୍ ଜୋଙ୍ଗଙ୍କ ୩ଟି ସନ୍ତାନ ଅଛନ୍ତି। ତାଙ୍କର ଜଣେ ବଡ଼ ପୁଅ ଓ ଜଣେ ସାନ ସନ୍ତାନ ମଧ୍ୟ ଅଛନ୍ତି। କିନ୍ତୁ ଏମାନେ କେବେବି ସର୍ବସାଧାରଣରେ ସାମ୍ନାକୁ ଆସିନାହାନ୍ତି। ଉଲ୍ଲେଖଥାଉ କି, ଉତ୍ତର କୋରିଆର ବିଦେଶୀ ଗଣମାଧ୍ୟମଗୁଡ଼ିକୁ ନିଷିଦ୍ଧ କରାଯାଇଥିବା ବେଳେ ସେଠାକାର କୌଣସି ତଥ୍ୟ ବାହାରକୁ ଆସିପାରେ ନାହିଁ। କିମ୍ ତାଙ୍କ ପରିବାରକୁ ସାଧାରଣତଃ ସାର୍ବଜନୀନ କରିନଥାନ୍ତି।

# ଗାଜାରେ ଇସ୍ରାଏଲ ପକାଇଥିଲା ଭାକ୍ୟୁମ୍ ବୋମା!

## ତାପମାତ୍ରା ୩୫୦୦ ଡିଗ୍ରୀରେ ପହଞ୍ଚିଥିଲା: ହଜାର ହଜାର ମଣିଷ ନିଖୋଜ

■ ୨୮୪୨ ପାଲେଷ୍ଟେନୀୟଙ୍କର ମୃତଦେହ ମିଳିନାହିଁ
■ ୩୫୦୦ ଏବେ ବି ନିଖୋଜ ଅଛନ୍ତି





ୱାସିଂଟନ, ୧୨।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଓ ପାଲେଷ୍ଟାଇନ ତଥା ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଏକ ଅତ୍ୟନ୍ତ ଭୟାନକ ତଥା ସ୍ପର୍ଶକାତର ତଥ୍ୟ ସାମ୍ନାକୁ ଆସିଛି। ଗାଜା ଯୁଦ୍ଧରେ ଇସ୍ରାଏଲ ‘ଭାକ୍ୟୁମ ବୋମା’ ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ‘ଦି ରେଷ୍ଟ ଅଫ୍ ଦି ଷ୍ଟୋରୀ’ ନାମରେ ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି ଯେ ଏହି ବୋମାଗୁଡ଼ିକ ପ୍ରଥମେ ବାୟୁରେ ଇନ୍ଧନର ଏକ ମେଘ ବିସ୍ତାର କରନ୍ତି ଓ ଏହାପରେ ତାକୁ ଜାଳି ଦିଅନ୍ତି। ଏହା ଏକ ବିଶାଳ ଅଗ୍ନିପିଣ୍ଡୁଳା ସୃଷ୍ଟିକରେ ଓ ଚାରିପାଖରେ ଥିବା ବାୟୁକୁ ତଥା ଅମ୍ଳଯାନକୁ ଟାଣି ନେଇ ଏକ ଶୂନ୍ୟସ୍ଥାନ ସୃଷ୍ଟିକରେ। ଏହି ବିସ୍ଫୋରଣଗୁଡ଼ିକରେ ୩୫୦୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ସୃଷ୍ଟି ହୋଇଥାଏ। ଏହି ବୋମଗୁଡ଼ିକରେ ଆଲୁମୁନିୟମ ଓ ମାଗ୍ନେସିଅମ ଭଳି ଉପାଦାନ ରହିଛି ଓ ଏହା କିଛି ସେକେଣ୍ଡ ମଧ୍ୟରେ ଶରୀରକୁ ପୋଡ଼ି ଦେଇପାରେ। ରିପୋର୍ଟ ଅନୁଯାୟୀ, ପ୍ରାୟ ୨୮୪୨ ପାଲେଷ୍ଟାଇନବାସୀଙ୍କର କୌଣସି ମୃତଦେହ ମିଳିନାହିଁ ଓ ୩୫୦୦ ଲୋକ ଏବେବି ନିଖୋଜ ଅଛନ୍ତି। ବର୍ତ୍ତମାନ ଗାଜାରେ ଔପଚାରିକ ଭାବେ ଯୁଦ୍ଧବିରତି ଲାଗୁ ହୋଇଛି ଓ ଏହାପରଠାରୁ ଏପର୍ଯ୍ୟନ୍ତ ୫୦୦ରୁ ଅଧିକ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ୭୨,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ମାନବାଧିକାର ସଂଗଠନମାନେ ଇସ୍ରାଏଲ ଉପରେ ଏଥିପାଇଁ ଯୁଦ୍ଧ ଅପରାଧର ଅଭିଯୋଗ କରିଛନ୍ତି। ବିଶେଷଜ୍ଞମାନେ କୁହନ୍ତି ଯେ, ଘନ ଜନବସତି ଅଞ୍ଚଳରେ ଏଭଳି ‘ଭାକ୍ୟୁମ ବମ୍’ର ବ୍ୟବହାର ଅତି ଗୁରୁତର ବିଷୟ। ଇସ୍ରାଏଲ ଉପରେ ୩ ପ୍ରକାରର ‘ଭାକ୍ୟୁମ ବମ୍’ ବ୍ୟବହାର କରିବାର ଅଭିଯୋଗ ହୋଇଛି। ଏଗୁଡ଼ିକ ହେଲା ଏମ୍‌କେ-୮୪ ‘ହାମର’ ଓ ଏହା ୯୦୦ କିଲୋ ଓଜନର ବୋମା, ଯାହା ଭୀଷଣ ଚାପ ଓ ଗରମ ସୃଷ୍ଟିକରେ। ଦ୍ୱିତୀୟଟି ହେଉଛି ବିଏଲୟୁ-୧୦୯ ବଙ୍କର ବ୍ରଷ୍ଟାର ଓ ଏହା କୋଠା ଭିତରକୁ ପଶି ବିସ୍ଫୋରଣ ଘଟାଏ। ତୃତୀୟଟି ହେଉଛି ଜିବିୟୁ-୩୯, ଏହା ସଠିକ ଲକ୍ଷ୍ୟଭେଦୀ ଗ୍ଲାଇଡ଼ ବମ୍। ଏହି ବୋମାଗୁଡ଼ିକର ପ୍ରଭାବ ଏତେ ଭୟଙ୍କର ହୋଇଥାଏ ଯେ, ଏହା ବାହାରୁ ଅଧିକ ଖରାପ ଦେଖାଯାଇନଥାଏ।

# ୧୧୪ ନୂଆ ରାଫେଲ କିଣିବ ଭାରତ

■ ୩.୨୫ ଲକ୍ଷ କୋଟିର ପ୍ରତିରକ୍ଷା ଚୁକ୍ତି
■ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନଙ୍କ ଭାରତ ଗସ୍ତ ସମୟରେ ହୋଇପାରେ ଚୁକ୍ତି




ନୂଆଦିଲ୍ଲୀ, ୧୨।୨(ଏଜେନ୍ସି): ଭାରତର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଗୁରୁବାର ଫ୍ରାନ୍ସଠାରୁ ୧୧୪ଟି ରାଫେଲ ଲଢୁଆ ବିମାନ କ୍ରୟକୁ ମଞ୍ଜୁରୀ ଦେଇଛି। ସେହିପରି ଆମେରିକାରୁ ୬ଟି ପି-୮ଆଇ ବିମାନ କ୍ରୟପ୍ରସ୍ତାବକୁ ମଧ୍ୟ ସବୁଜ ସଙ୍କେତ ମିଳିଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଆସନ୍ତା ୧୭ରୁ ୨୦ ତାରିଖ ମଧ୍ୟରେ ଭାରତ ଗସ୍ତରେ ଆସିବେ। ଏହି ଗସ୍ତ ସମୟରେ ଏହି ପ୍ରତିରକ୍ଷା ଚୁକ୍ତି ହୋଇପାରେ। ଏହି ଚୁକ୍ତି ପରେ ଭାରତ ପାଖରେ ମୋଟ୍ ଉପରେ ୧୫୦ଟି ରାଫେଲ ବିମାନ ରହିବ। ଏହା ବ୍ୟତୀତ ନୌସେନା ପାଇଁ ମଧ୍ୟ ୨୬ଟି ରାଫେଲ ମାରିନ ବିମାନ ସାମିଲ କରାଯିବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଏସି ରାଫେଲ ପାଇଁ ୩.୨୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରସ୍ତାବକୁ ଏବେ ଅନୁମୋଦନ ପାଇଁ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ନିକଟକୁ ପଠାଯିବ। ଏହି ଯୁଦ୍ଧ ବିମାନଗୁଡ଼ିକ ଭାରତରେ ଏକ ଦେଶୀ କମ୍ପାନୀ ସହ ମିଶି ନିର୍ମାଣ କରାଯିବ। ଫ୍ରାନ୍ସର ଡସଲ୍ଟ ଆଭିଏସନ ଭାରତର ଅସ୍ତ୍ରଶସ୍ତ୍ର, ମିସାଇଲ ଓ ସେନ୍ସର ପ୍ରଣାଳୀକୁ ଏଥିରେ ସଂଯୋଗ କରିବ। ଟେକ୍ନୋଲୋଜିର ହସ୍ତାନ୍ତର ପରେ ଏହି ବିମାନଗୁଡ଼ିକରେ ୫୫ରୁ ୬୦ ପ୍ରତିଶତ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରାଯିବ। ଏହା ଦ୍ୱାରା ବାୟୁସେନା ଓ ନୌସେନାର ଶକ୍ତି ବୃଦ୍ଧି ହେବ। ବର୍ତ୍ତମାନ ବାୟୁସେନାର ସ୍କ୍ୱାଡ୍ରନ ସଂଖ୍ୟା ୨୯କୁ ଖସିଆସିଛି ଓ ଏବେ ୪୨ଟି ଆବଶ୍ୟକ। ନୂଆ ରାଫେଲ ମିଳିବା ପରେ ବାୟୁସେନାର ଏହି ଅଭାବ ଦୂର ହେବ। ସେହିପରି ନୌସେନା ପାଇଁ ଆସୁଥିବା ପି-୮ଆଇ ଏୟାରକ୍ରାଫ୍ଟ ଭାରତ ମହାସାଗରରେ ଶତ୍ରୁ ପକ୍ଷର ବୁଡ଼ା ଜାହାଜ ଉପରେ ନଜର ରଖିବାରେ ସହାୟ ହେବ। ସୂଚନାଯୋଗ୍ୟ ଯେ, ବଜେଟ୍‌ରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ୭.୮ ଲକ୍ଷ କୋଟି ଟଙ୍କା ମିଳିଛି ଓ ଏହା ବଜେଟର ପ୍ରାୟ ୧୪.୬୭ ପ୍ରତିଶତ। ଏଥିରୁ ଅଧିକାଂଶ ଅଂଶ ଅସ୍ତ୍ରଶସ୍ତ୍ର ଓ ଆଧୁନିକୀକରଣ ପାଇଁ ଖର୍ଚ୍ଚ ହେବ।

# ମହିଳା ଆତଙ୍କବାଦୀଙ୍କୁ ନେଇ ନୂଆ ସଂଗଠନ ଗଢ଼ିଛି ଜୈଶ: ଜାତିସଂଘ

ନୂଆଦିଲ୍ଲୀ, ୧୨।୨(ଏଜେନ୍ସି): ୨୦୨୫ ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ କାର ବିସ୍ଫୋରଣ ହୋଇଥିଲା ଓ ଏଥିରେ ଅତିକମ୍‌ରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏବେ ଏହି ବିସ୍ଫୋରଣ ନେଇ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍‌ଏସ୍‌ସି)ର ଏକ ରିପୋର୍ଟ ପ୍ରକାଶିତ ହୋଇଛି ଓ ଏଥିରେ ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈଶ-ଏ- ମହମ୍ମଦ (ଜେଇଏମ୍)କୁ ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ପାଇଁ ଦାୟୀ କରାଯାଇଛି। ଏହି ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଘଟଣାର ତଦନ୍ତ କରୁଛି। ଏଜେନ୍ସିଗୁଡ଼ିକ ଏହାକୁ ଏକ ହ୍ୱାଇଟ କଲର ଆତଙ୍କୀ ମଡ୍ୟୁଲ ଭାବେ ବର୍ଣ୍ଣନା କରୁଛନ୍ତି। ଏହି ମାମଲାରେ ଏପର୍ଯ୍ୟନ୍ତ ୯ ଜଣଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୩ ଜଣ ଡାକ୍ତର ସାମିଲ ରହିଛନ୍ତି। ରିପୋର୍ଟରେ ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି ଓ ଏଥିରେ ସାମିଲ ଥିବା ୩ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଜୈଶ ମୁଖ୍ୟ ମାସୁଦ ଆଝାର ୨୦୨୫ ଅକ୍ଟୋବରରେ ମହିଳା ଆତଙ୍କବାଦୀଙ୍କର ଏକ ପୃଥକ ଶାଖା ଗଠନ କରିଥିଲା। ଏହାର ନାମ ଥିଲା ଜମାତ-ଅଲ- ମୁମିନାତ। ଆତଙ୍କବାଦୀ କାର୍ଯ୍ୟକଳାପକୁ ସହଯୋଗ କରିବା ପାଇଁ ଏହି ଶାଖା ପ୍ରସ୍ତୁତ କରାଯାଇଛି। ଏହି ରିପୋର୍ଟ ଏବେ ୟୁଏସ୍‌ଏସ୍‌ସିର ୧୨୬୭ ସାଙ୍କସନ୍ସ କମିଟିକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟରେ ସଦସ୍ୟ ରାଷ୍ଟ୍ରମାନଙ୍କଠାରୁ ଭିନ୍ନ୍ ମୂଲ୍ୟାଙ୍କନ ମଧ୍ୟ ଉଲ୍ଲେଖ କରାଯାଇଛି। କିଛି ଦେଶ ସ୍ୱୀକାର କରିଛନ୍ତି ଯେ, ଜୈଶ ଆତଙ୍କବାଦୀ ସଂଗଠନ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଚାଲିଛି।

## ଦୂରଦର୍ଶନ ଉପସ୍ଥାପିକା ସାରଳା ମାହେଶ୍ୱରୀଙ୍କ ପରଲୋକ



ନୂଆଦିଲ୍ଲୀ, ୧୨।୨(ଏଜେନ୍ସି): ଦୂରଦର୍ଶନର ଜଣେ ଅତି ପରିଚିତ ତଥା ଲୋକପ୍ରିୟ ଖବର ପରିବେଷିକା ତଥା ଉପସ୍ଥାପିକା ସାରଳା ମାହେଶ୍ୱରୀ ୭୧ବର୍ଷବୟସରେପରଲୋକଗମନ କରିଛନ୍ତି। ୮୦ ଓ ୯୦ ଦଶକରେ ସେ ନିଜର ଶାନ୍ତ ସ୍ୱାଭାବ, ସ୍ପଷ୍ଟ ଉଚ୍ଚାରଣ ଏବଂ ଚମତ୍କାର ଉପସ୍ଥାପନା ଶୈଳୀ ପାଇଁ ଘରେ ଘରେ ପରିଚିତ ଥିଲେ। ଗୁରୁବାର ନିଗମ ବୋଧ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସେ ୧୯୭୬ରୁ ୨୦୦୫ ପର୍ଯ୍ୟନ୍ତ ଦୂରଦର୍ଶନ ସହିତ ଜଡ଼ିତ ଥିଲେ। ହିନ୍ଦୀ ଖବର ପଢ଼ିବାରେ ତାଙ୍କର ଏକ ସ୍ୱତନ୍ତ୍ର ଶୈଳୀଥିଲା। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହଂସରାଜ କଲେଜରେ ଜଣେ ଅଧ୍ୟାପିକା ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗକୁ ଟେଲିଭିଜନ ସାମ୍ବାଦିକତାର ଏକ ‘ସୁବର୍ଣ୍ଣ ଯୁଗ’ର ଅନ୍ତ ଘଟିଲା ବୋଲି କୁହାଯାଉଛି। ତାଙ୍କର ଶାଳୀନତା ଓ ବିଶ୍ୱସନୀୟତା ଆଗାମୀ ପିଢ଼ିର ସାମ୍ବାଦିକଙ୍କ ପାଇଁ ସର୍ବଦା ପ୍ରେରଣା ହୋଇ ରହିବ।

## ରୁଷରେ ନିଷିଦ୍ଧ ହେଲା ହ୍ୱାଟ୍ସଆପ୍

ମସ୍କୋ, ୧୨।୨(ଏଜେନ୍ସି): ରୁଷ ସରକାର ମେଟା ମାଲିକାନାରେ ଥିବା ହ୍ୱାଟ୍ସଆପ୍‌କୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିଛନ୍ତି। ରୁଷରେ ଡିଜିଟାଲ ସାର୍ବଭୌମତ୍ୱ ରକ୍ଷା କରିବା ଓ ବିଦେଶୀ ଟେକ୍ କମ୍ପାନୀଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଏହା ଏକ ବଡ଼ ପ୍ରୟାସ ବୋଲି କୁହାଯାଉଛି। ଏବେ ରୁଷ ସରକାର ନିଜର ସ୍ୱଦେଶୀ ଆପ୍ ‘ମ୍ୟାକ୍ସ’ ବ୍ୟବହାର କରିବାକୁ ନାଗରିକଙ୍କୁ ପରାମର୍ଶ ଦେଇଛନ୍ତି। ମ୍ୟାକ୍ସ ଏକ ସୁପରଆପ୍ ବୋଲି ସରକାର କହିଛନ୍ତି। ସୁପରଆପ୍ କେବଳ ଏକ ମେସେଞ୍ଜର ନୁହେଁ, ବରଂ ଏଥିରେ ବ୍ୟାଙ୍କିଙ୍ଗ୍, ସରକାରୀ ସେବା ଓ ପେମେଣ୍ଟ ଭଳି ସୁବିଧା ରହିଛି। ଏହାର ସର୍ଭର ରୁଷରେ ଥିବାରୁ ସରକାର ୟୁଜରଙ୍କ ଡାଟା ଉପରେ ନଜର ରଖିପାରିବେ। ୨୦୨୫ ସେପ୍ଟେମ୍ବରରୁ ରୁଷ୍‌ରେ ବିକ୍ରି ହେଉଥିବା ସମସ୍ତ ସ୍ମାର୍ଟଫୋନରେ ଏହି ଆପକୁ ପୂର୍ବରୁ ଇନଷ୍ଟାଲ କରିବା ବାଧ୍ୟତାମୂଳକ କରାଯାଇଛି। ହ୍ୱାଟ୍ସଆପ୍ ରୁଷ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସ୍ଥାନୀୟ ତଥ୍ୟ ସଂରକ୍ଷଣ ଓ ସୁରକ୍ଷା ନିୟମଗୁଡିକୁ ପାଳନ କରୁ ନଥିଲା। କ୍ରେମଲିନ ଅନୁଯାୟୀ, ବିଦେଶୀ ମେସେଜିଂ ଆପ୍‌ଗୁଡ଼ିକ ଦ୍ୱାର ତଥ୍ୟ ଚୋରି ଓ ବିଜ୍ଞାପନ ମାଧ୍ୟମରେ ଭୂଲ ଖବର ପ୍ରଚାରର ଭୟ ରହିଛି।

# ସରିଲା ବାଂଲା ଭୋଟ୍

**ଦୁଇ ବେଗମ୍‌ଙ୍କ ଯୁଗ ଶେଷ, ପ୍ରଧାନମନ୍ତ୍ରୀ ଦୌଡ଼ରେ ୫ ପୁରୁଷ ନେତା**

ନୂଆଦିଲ୍ଲୀ, ୧୨।୨(ଏଜେନ୍ସି): ବାଂଲାଦେଶରେ ସାଧାରଣ ନିର୍ବାଚନ ଆଜି ହୋଇଯାଇଛି। ଏହି ନିର୍ବାଚନ ଦେଶର ରାଜନୈତିକ ଇତିହାସରେ ନୂଆ ମୋଡ଼ ଆଣିବାକୁ ଯାଉଛି। ଦୀର୍ଘ ଦଶନ୍ଧି ଧରି ବାଂଲାଦେଶ ରାଜନୀତି ଶେଖ ହସିନା ଓ ଖାଲେଦା ଜିଆଙ୍କ ମଧ୍ୟରେ ସୀମିତ ଥିଲା। ଖାଲେଦାଙ୍କ ପରଲୋକ ହୋଇସାରିଥିବା ବେଳେ ହସିନା ନିର୍ବାସନରେ ଭାରତରେ ଶରଣ ନେଇଛନ୍ତି। ତେଣୁ ଏହି ଦୁଇ ବେଗମ ଅର୍ଥାତ ନାରୀ ନେତ୍ରୀଙ୍କ ଯୁଗ ଶେଷ ହୋଇଛି। ଏବେ ୫ ଜଣ ପୁରୁଷ ନେତା ପ୍ରଧାନମନ୍ତ୍ରୀ ଦୌଡ଼ରେ ଆଗରେ ରହିଛନ୍ତି। ଶୁକ୍ରବାର ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଯାଉଥିବା ବେଳେ ଏହି ୫ ଜଣଙ୍କୁ ନେଇ ଚର୍ଚ୍ଚା ଚାଲିଛି। ଏହି ୫ ନେତା ହେଲେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ତାରିକ ରହମାନ, ଜମାତ-ଏ-ଇସଲାମୀର ଶଫିକୁର ରହମାନ, ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ନାହିଦ ଇସଲାମ, ବିଏନ୍‌ପିର ମିର୍ଜା ଫକରୁଲ ଇସଲାମ ଓ ଇସଲାମୀ ଆନ୍ଦୋଳନ ବାଂଲାଦେଶର ସୟଦ ରେଜାଉଲ କରିମ୍। ତାରିକ ରହମାନ ହେଉଛନ୍ତି ବିଏନ୍‌ପିର ଅଧ୍ୟକ୍ଷ ଓ ଖାଲେଦା ଜିଆଙ୍କୁ ପୁଅ। ୧୭ ବର୍ଷର ନିର୍ବାଚନ ପରେ ଲଣ୍ଡନରୁ ଫେରି ସେ ଦଳକୁ ମଜବୁତ କରିଛନ୍ତି। ତାଙ୍କର ମୁଖ୍ୟ ପ୍ରତିଶ୍ରୁତିଗୁଡ଼ିକ ହେଲା ସଂଖ୍ୟାଲଘୁଙ୍କ ସୁରକ୍ଷା, ଭାରତ ସହ ସମ୍ପର୍କରେ ଉନ୍ନତି ଓ ଦେଶକୁ ୧ ଟ୍ରିଲିଅନ ଡଲାର ଅର୍ଥବ୍ୟବସ୍ଥା କରିବା। ସେହିଭଳି ସଫିକୁର ରହମାନ୧୧ଟି ଦଳକୁ ନେଇ ଗଠିତ ମେଣ୍ଟର ନେତୃତ୍ୱ ନେଉଛନ୍ତି। ସେ ଜମାତକୁ ଏକ ନିଷିଦ୍ଧ ହୋଇଥିବା ସଂଗଠନରୁ ମୁଖ୍ୟ ବିରୋଧୀ ଦଳ ଭାବେ ଠିଆ କରିବାରେ ସଫଳ ହୋଇଛନ୍ତି। ଯଦି ଏହି ମେଣ୍ଟ ଜିତେ, ତେବେ ବାଂଲାଦେଶ ଇତିହାସରେ ପ୍ରଥମଥର ପାଇଁ ଜଣେ ଇସ୍‌ଲାମୀୟ ପାର୍ଟିର ନେତା ପ୍ରଧାନମନ୍ତ୍ରୀ ହୋଇପାରିନ୍ତି। ଅନ୍ୟତମ ନେତା ନାହିଦ ଇସଲାମ ହେଉଛନ୍ତି, ୨୦୨୪ ଜନ ଆନ୍ଦୋଳନର ଜେନ-ଜେଡ୍ ଚେହେରା। ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରରେ ସେ ଜଣେ ଅନ୍ୟତମ ପରାମର୍ଶଦାତା ଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ସେ ବେଶ୍ ଲୋକପ୍ରିୟ ଥିଲେ। ମେଣ୍ଟ ସରକାର ହେଲେ ସେ ପ୍ରଧାନମନ୍ତ୍ରୀ ପଦ ପାଇଁ ସେ ଏକ ବଡ଼ ଦାବିଦାର। ମିର୍ଜା ଫାରୁକ ଇସଲାମ ହେଉଛନ୍ତିବିଏନ୍‌ପିର ସାଧାରଣ ସମ୍ପାଦକ। ଯଦି କୌଣସି ଆଇନଗତ କାରଣରୁ ତାରିକ ରହମାନ ପ୍ରଧାନମନ୍ତ୍ରୀ ହୋଇପାରନ୍ତି, ତେବେ ସେ ଦଳର ‘ପ୍ଲାନ-ବି’ ପ୍ରାର୍ଥୀ।ସୟଦ ରେଜାଉଲ କରିମ ହେଉଛନ୍ତି ଜଣେ ଇସଲାମୀୟ ବିଦ୍ୱାନ ଓ ତାଙ୍କର ବହୁତ ଧର୍ମୀକ ଅନୁଗାମୀ ଅଛନ୍ତି।

# ଧୀରେ ଧୀରେ କଳା ପଡୁଛି ବିଶ୍ୱ ପ୍ରସିଦ୍ଧ ‘ଓମ୍’ ପର୍ବତ



ପିଥୋରାଗଡ଼, ୧୨।୨(ଏଜେନ୍ସି): ବର୍ଦ୍ଧିତ ତାପମାନ ଓ ‘ଗ୍ରୀନ ହାଉସ୍’ ଇଫେକ୍ଟ କାରଣରୁ ଏବେ ସାରା ପୃଥିବୀ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଛି। ଏଥିରୁ ଏବେ ବିଶ୍ୱର ସବୁଠାରୁ ଯୁବ ପର୍ବତମାଳା କୁହାଯାଉଥିବା ହିମାଳୟ ମଧ୍ୟ ବାଦ୍ ପଡ଼ିନାହିଁ। ଏବେ ଏହା ପରିବେଷବିତ୍‌ମାନଙ୍କ ସହ ଅନ୍ୟମାନଙ୍କ ପାଇଁ ଚିନ୍ତା ସୃଷ୍ଟି କରିଛି। ପିଥୋରଗଡ଼ରେ ବିଶ୍ୱପ୍ରସିଦ୍ଧ ଓମ୍ ପର୍ବତରୁ ଏବେ ବରଫ ହଜିବାରେ ଲାଗିଛି। ସମ୍ପୂର୍ଣ୍ଣ ଭାବେ ଧଳା ଦେଖାଯାଉଥିବା ଏହି ପର୍ବତ ଏବେ କଳା ପଡ଼ିବାରେ ଲାଗିଛି। ଏହା କେବଳ ପରିବେଶବିତ୍‌ମାନଙ୍କ ପାଇଁ ନୁହେଁ, ସମଗ୍ର ମାନବଜାତି ପାଇଁ ଚିନ୍ତା ସୃଷ୍ଟି କରିବା ସହ ସତର୍କ ଘଣ୍ଟି ସଦୃଶ ହୋଇଛି। ଉତ୍ତରାଖଣ୍ଡରେ ବର୍ଷା ଓ ବରଫପାତର ଅଭାବ ଯୋଗୁଁ ହିମାଳୟର ରଙ୍ଗ ବଦଳିବାରେ ଲାଗିଛି। ପୁଣି ପ୍ରକୃତିର ଅନିମିତ ଆଚରଣ ମଧ୍ୟ ସମ୍ପୂର୍ଣ୍ଣ ପରିବେଶର ସନ୍ତୁଳନକୁ ବିଗାଡ଼ିବାରେ ଲାଗିଛି। ପିଥୋରାଗଡ଼ ଜିଲ୍ଲାରେ ଅବସ୍ଥିତ ପଞ୍ଚାଚୂଳୀ, ହଂସଲିଙ୍ଗ ଏବଂ ବିଶ୍ୱ ପ୍ରସିଦ୍ଧ ଓମ୍ ପର୍ବତ, ଯେଉଁଠାରେ ଶୀତଦିନେ ବରଫର ମୋଟାସ୍ତର ରହୁଥିଲା, ସେଠାରେ ଏବେ ନାମମାତ୍ର ବରଫ ଦେଖିବାକୁ ମିଳୁଛି। ଏବେ ଏହି ସ୍ଥିତି କେବଳ ଚିନ୍ତା ଜନକ ନୁହେଁ, ବରଂ ହିମାଳୟ ପରିବର୍ତ୍ତିତ ପାଣିପାଗର ସଙ୍କେତ ମଧ୍ୟ।

ଫେବୃଆରୀ ମାସର ପାଖାପାଖି ଅଧା ବିତିଯାଇଥିଲେ ମଧ୍ୟ ଆଶାନୁରୂପ ବରଫ ପାତ ହୋଇନାହିଁ। ଜାନୁଆରୀ ମାସରେ ମଧ୍ୟ ବରଫ ପାତ ହୋଇ ନଥିଲା। ଦିନରେ ପ୍ରଖର ଖରା କାରଣରୁ ବଳକା ବରଫ ମଧ୍ୟ ତରଳିଯାଇଛି, ଯାହା ଫଳରେ ପର୍ବତ କଳା ଦେଖାଯାଉଛି। ପିଥୋରାଗଡ଼ର ଗଞ୍ଜି ଅଞ୍ଚଳରେ ଯେଉଁଠି ଅତିକମ୍‌ରେ ଦୁଇ ଫୁଟ ବରଫ ରହିବା କଥା, ସେଠାରେ ଏବେ ଧୂଳି ଉଡୁଛି। ସ୍ଥାନୀୟ ଲୋକେ ଏହି ପ୍ରତିକୂଳ ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି। ପୂର୍ବରୁ ସେମାନେ ଏଭଳି ସ୍ଥିତି କେବେ ଦେଖି ନଥିଲେ। ପାଣିବାଗ ବିଶେଷଜ୍ଞଙ୍କ କହିବାର ଅନୁଯାୟୀ, ବର୍ଷା ଓ ବରଫପାତ ହେଉନାହିଁ ଓ ଏହାର ମୁଖ୍ୟ କାରଣ ହେଉଛି, ପଶ୍ଚିମା ବାୟୁ ବା ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ନିଷ୍କ୍ରିୟ ହେବା। ଏହା ସକ୍ରିୟ ହେବା ପରେ ହିଁ ବରଫପାତ ଆଶା କରାଯାଇପାରେ।

ଓମ୍ ପର୍ବତ କୈଳାସ ମାନସରୋବର ଯାତ୍ରା ମାର୍ଗରେ ହିଁ ଅବସ୍ଥିତ। ଏହା ହିନ୍ଦୁ ଧର୍ମୀମାନଙ୍କ ଆସ୍ଥାର କେନ୍ଦ୍ର। ଏହି ପର୍ବତର ଉଚ୍ଚତା ପ୍ରାୟ ୫,୯୦୦ ମିଟର। କୈଳାସ ମାନସରୋବର ଓ ଆଦି କୈଳାସକୁ ଆସୁଥିବା ଭକ୍ତମାନେ ନିଶ୍ଚିତ ଭାବେ ଓମ୍ ପର୍ବତକୁ ଯାଇଥାନ୍ତି। କୈଳାଶ ମାନସରୋବର ଯାତ୍ରା ମାର୍ଗରେ ୩୯୮୭ ମିଟର ଉଚ୍ଚରେ ଅବସ୍ଥିତ ନାଭିଧାଙ୍ଗରୁ ଓମ୍ ପର୍ବତ ଦୃଶ୍ୟମାନ ହୋଇଥାଏ।

ସାଧାରଣତଃ ଏହି ସମୟରେ ପର୍ବତ ଉପରେ ୪ ଫୁଟ୍‌ର ବରଫ ରହିବା କଥା, କିନ୍ତୁ ଏହା ଏବେ ବରଫ ଶୂନ୍ୟ ଦେଖାଯାଉଛି। ତେବେ ଗତ ଅକ୍ଟୋବରରେ ଏଠାରେ ସାମାନ୍ୟ ବରଫ ପଡ଼ିଥିଲା। କିନ୍ତୁ ତା'ପରେ ପାଣିପାଗ ସୁଖିଲା ରହିଛି। ଜାନୁଆରୀ ପ୍ରଥମ ସପ୍ତାହରେ ହାଲୁକା ତୁଷାରପାତ ପରେ ପାଗ ଖରାପ ହୋଇଥିଲା। ଫଳରେ ସୂର୍ଯ୍ୟତାପର ଗରମରେ ପଡ଼ିଥିବା ତୁଷାର ତରଳିଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ୫-୬ ବର୍ଷ ପୂର୍ବେ ନଭେମ୍ବରରୁ ଏହି ଅଞ୍ଚଳରେ ବରଫପାତ ଆରମ୍ଭ ହେଉଯାଉଥିଲା। ଏବେ ଶେଷ ଗାଁ କୁହାଯାଉଥିବା ‘କୁଟୀ’ରେ ମଧ୍ୟ ବରଫ ନାହିଁ। ଗତ ଦୁଇ ଦଶନ୍ଧି ମଧ୍ୟରେ ପାଣିପାଗରେ ବଡ଼ ପରିବର୍ତ୍ତନ ଆସିଛି। ଏଥିପାଇଁ ପରିବେଶବିତ୍‌ମାନେ ଖାସ୍ କରି ମଣିଷକୁ ହିଁ ଦାୟୀ କରିଛନ୍ତି ଓ ଏହି ଉଚ୍ଚ ଅଞ୍ଚଳରେ ମାନବୀୟ ହସ୍ତକ୍ଷେପକୁ ରୋକିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଅଞ୍ଚଳରେ ଜଙ୍ଗଲକୁ ମନଇଚ୍ଛା କଟାଯିବା ସହ ଅତ୍ୟଧିକ ବିକାଶ କାର୍ଯ୍ୟ ଚାଲିଛି। ଉଚ୍ଚ ହିମାଳୟ ଅଞ୍ଚଳରେ ହଜାର ହଜାର ଲୋକଙ୍କ ଯାତାୟତ ବୃଦ୍ଧି ପାଇବାରେ ଲାଗିଛି।

**ହିମାଳୟ ଶିଖରରୁ ଗାଏବ୍ ହେଉଛି ବରଫ**







ଭାରତ ବନ୍ଦ' ର ପ୍ରଭାବ

**ଓଟିଇଟି ଫଳ ପ୍ରକାଶିତ**

# ପାସ୍ ହାର ୬୮.୯୭ ପ୍ରତିଶତ

କଟକ, ୧୨।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି)-୨୦୨୫ର ଫଳ ଆଜି ପ୍ରକାଶ ପାଇଛି। ଗତ ୨୦୨୫ ଡିସେମ୍ବର ୧୭ରେ ଅନୁଷ୍ଠିତ ଏହି ପରୀକ୍ଷାରେ ଚଳିତବର୍ଷ ଫଳ ବେଶ୍ ଉତ୍ସାହଜନକ ରହିଛି। ବୋର୍ଡ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ମୋଟ ୧,୬୦,୪୨୦ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବା ବେଳେ ୧,୫୩,୭୪୭ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୧,୦୬,୦୪୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ପେପର୍-୧ରେ ମୋଟ ୪୫,୦୯୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨,୦୮୭ ଜଣ ପାସ୍ କରିଛନ୍ତି। ଏଥିରେ ପାସ୍ ହାର ୭୧.୧୬ ପ୍ରତିଶତ ରହିଛି। ସେହିପରି ପେପର୍-୨ ପରୀକ୍ଷା ଦେଇଥିଲେ ମୋଟ ୧,୦୮,୬୫୬ଜଣ। ସେମାନଙ୍କ ମଧ୍ୟରୁ ୭୩,୯୫୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ପେପର୍-୨ରେ ପାସ୍ ହାର ୬୮.୦୬ ପ୍ରତିଶତ ହୋଇଛି। ଚଳିତବର୍ଷ ଦୁଇ ପେପର୍‌ରେ ମୋଟ ପାସ୍ ହାର ୬୮.୯୭ ପ୍ରତିଶତ ରେକର୍ଡ କରାଯାଇଛି। ପରୀକ୍ଷାର୍ଥୀମାନଙ୍କ ପାଇଁ ବୋର୍ଡର ୱେବସାଇଟ୍ www.bseodisha.ac.inରେ ଆଜି ଫଳ ଉପଲବ୍ଧ ହୋଇଛି।

**ମେ' ତୃତୀୟ ସପ୍ତାହରେ ୨୦୨୬ ଓଟିଇଟି**

ସେହିଭଳି ଯୋଗ୍ୟତା ଅର୍ଜନ କରିଥିବା ପରୀକ୍ଷାର୍ଥୀମାନେ ଆଜିଠାରୁ ୱେବସାଇଟ୍‌ରୁ ନିର୍ଦ୍ଧାରିତ ଫି' ଦେଇ ନିଜର ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ। ଯେଉଁ ପରୀକ୍ଷାର୍ଥୀମାନେ କୃତକାର୍ଯ୍ୟ ହୋଇନାହାନ୍ତି, ସେମାନଙ୍କ ପାଇଁ ଓଏମଆର ସିଟ୍ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ଏହା ଫେବ୍ରୁଆରୀ ୧୮ ପର୍ଯ୍ୟନ୍ତ ୱେବସାଇଟ୍‌ରେ ଉପଲବ୍ଧ ରହିବ। ସେହିଭଳି, ୨୦୨୬ ଓଟିଇଟି ପରୀକ୍ଷା ଆସନ୍ତା ମେ' ତୃତୀୟ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରୀକ୍ଷା ପାଇଁ ଅନଲାଇନ୍ ଆବେଦନ, ସିଲାବସ୍, ପରୀକ୍ଷା ତାରିଖ ଓ ଯୋଗ୍ୟତା ସମ୍ପର୍କିତ ବିସ୍ତୃତ ବିଜ୍ଞପ୍ତି ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି କୁହାଯାଇଛି।

**ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ**

# ସଂସଦ ଭବନ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡିର ପ୍ରତିବାଦ

- ରାଜ୍ୟ ସରକାରଙ୍କ ଇସ୍ତଫା ଦାବି କଲେ ବିଜେଡି ସାଂସଦ
- ଶ୍ରୀମନ୍ଦିର ଓ ସାଂସଦ ସୁଭାଶିଷ ଖୁଣ୍ଟିଆଙ୍କ ସୁରକ୍ଷା ଦାବି

ଭୁବନେଶ୍ୱର,୧୨।୨(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଗୁରୁବାର ସଂସଦ ଭବନ ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ପ୍ରତିବାଦ କରିଛି ବିଜେଡି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ମହିଳା ବିରୋଧୀ ହିଂସା ଚରମ ସ୍ଥିତିରେ ପହଞ୍ଚିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ରାଜ୍ୟବାସୀଙ୍କୁ ସୁରକ୍ଷାଦେବାରେବିଫଳରାଜ୍ୟସରକାରଇସ୍ତଫା ଦିଅନ୍ତୁ ବୋଲି ବିଜେଡି ସାଂସଦମାନେ ଦାବି କରି ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣା ଦେଇଛନ୍ତି ।

ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ଦେବାଶିଷ ସାମନ୍ତରାୟ, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ ଓ ନିରଞ୍ଜନ ବିଶି ପ୍ରମୁଖ ରାଜ୍ୟର ସାମ୍ପ୍ରତିକ ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ଲାକାର୍ଡ ପ୍ରଦର୍ଶନ କରିବା ସହ ଓଡ଼ିଶା ସରକାରଙ୍କ ବିରୋଧରେ ସାଂସଦମାନେ ସ୍ଲୋଗାନ ଦେଇଛନ୍ତି। ରାଜ୍ୟରେ ଦିନକୁ ଦିନ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ୁଛି। ବିଶେଷକରି ମହିଳା ବିରୋଧୀ ହିଂସା, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ମାମଲା ଦିନକୁ ଦିନ ବୃଦ୍ଧି ପାଉଛି। ଏଥିପାଇଁ ଓଡ଼ିଶା ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଗତ ୧୮ ମାସରେ ନାରୀ ନିର୍ଯାତନା କ୍ଷେତ୍ରରେ ଡ଼ବଲ ଇଞ୍ଜିନ ସରକାର ଶୀର୍ଷରେ ରହିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଲିଖିତ ଉତ୍ତରରେ ଅନୁଯାୟୀ ୧୫ ମାସରେ ଓଡ଼ିଶାରେ ୩୭,୬୧୧ ମହିଳା ବିରୋଧୀ ଅପରାଧ ମାମଲା ପଞ୍ଜିକୃତ ହୋଇଛି। ସେହିପରି ଡବଲ ଇଞ୍ଜିନ ସରକାରରେ ୪୦୦୦ରୁ ଅଧିକ ଦୁଷ୍କର୍ମ ହୋଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିରକୁ ଉଡ଼ାଇଦେବା ଓ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ଗୁଳି ମାଡ଼ ଧମକକୁ ପୁଲିସ ଓ ସରକାର ଅତ୍ୟନ୍ତ ହାଲୁକା ଭାବରେ ଗ୍ରହଣ କରିବା ଘଟଣାକୁ ନିନ୍ଦା କରିବା ସହ ପୁଲିସର ପକ୍ଷପାତ ନୀତିକୁ ସାଂସଦମାନେ ସମାଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ଆରମ୍ଭ କରି ଆଦିବାସୀ ଅଧ୍ୟୁଷିତ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଆବାସ ସ୍କୁଲରେ ନାବାଳିକା ଗର୍ଭବତୀ ହେଉଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାରମ୍ବାର ବୋମା ଧମକ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ରାଜ୍ୟରେ ପୁଲିସ ଥାନାଗୁଡ଼ିକୁ ବିଜେପି ନେତା କବ୍‌ଜା କରିଛନ୍ତି। ପୁଲିସ ସମ୍ପୂର୍ଣ୍ଣ ଭାବେ ଶାସକ ଦଳର ଇଙ୍ଗିତରେ କାମ କରୁଛି। ଏହାର ପ୍ରତିବାଦରେ ବିଜେଡି ସାଂସଦମାନେ ଦିଲ୍ଲୀରେ ଧାରଣା ଦେବା ସହ ରାଜ୍ୟ ସରକାରଙ୍କ ଇସ୍ତଫା ଦାବି କରିଛନ୍ତି।

# ପୁଲିସ ପଞ୍ଝାରେ ୮ ଡକାୟତ

ବୈଶିଙ୍ଗା, ୧୨।୨ (ସମିସ): ଖୁଣ୍ଟାପୁର ଗାଁ ଡକାୟତି ଘଟଣାରେ ବୈଶିଙ୍ଗା ପୁଲିସକୁ ସଫଳତା ମିଳିଛି। ଏହି ଘଟଣାରେ ପୁଲିସ ୮ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ନଗଦ ୫,୯୧୦ ଟଙ୍କା ସହ ସୁନା ଚେନ୍, ମଙ୍ଗଳସୂତ୍ର, ବାଲା, ଅଙ୍ଗୁଠି, କାନ ଗହଣା ଓ ରୁପା ଆଳଙ୍କାର ଜବତ କରିଛି। ଏହାସହ ତେଲେଙ୍ଗା କଟୁରି, ଭୁଜାଲି, ଛୁରି, ଲୁହା ରଡ୍, ଖଣ୍ଡା ଭଳି ମାରଣାସ୍ତ୍ର ସହ ୮ଟି ମୋବାଇଲ ଓ ୨ଟି ସ୍କୁଟି ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କ ଘର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବୋଲି ଜଣାପଡ଼ିଛି।

ଗତ ୧୦ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ଖୁଣ୍ଟାପୁର ଗାଁର ଚିନ୍ମୟ କୁମାର ମିଶ୍ର (୫୯)ଙ୍କ ଘରୁ ଡକାୟତି ହୋଇଥିଲେ। ୮ଜଣ ସଶସ୍ତ୍ର ଡକାୟତ ଚିନ୍ମୟଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି ଘରୁ ନଗଦ ଟଙ୍କା, ସୁନା ରୁପା ଗହଣା ଲୁଟି ନେଇଥିଲେ। ଏ ସଂପର୍କରେ ତାଙ୍କ ପତ୍ନୀ ସୁଜାତାରାଣୀ ପତି ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସ୍ଥାନୀୟ ଲୋକେ ଜଣେ ଦୁର୍ବୃତ୍ତକୁ ଧରି ପୁଲିସ ଜିମା ଦେଇଥିଲେ।

ତଦନ୍ତରୁ ଜଣାପଡ଼ିଛି ଯେ ସ୍ଥାନୀୟ ଦୁଇ ଅଭିଯୁକ୍ତ ଘର ବିଷୟରେ ସୂଚନା ସଂଗ୍ରହ କରି ଗ୍ୟାଙ୍ଗକୁ ଦେଇଥିଲେ। ଘରଟି ନିର୍ଜନ ସ୍ଥାନରେ ଥିବାରୁ ଦୁର୍ବୃତ୍ତମାନେ ସହଜରେ ଡକାୟତି କରିଥିଲେ। ଏହି ମାମଲାରେ ଆଉ ୨ ଜଣ ଅଭିଯୁକ୍ତ ଫେରାର୍ ରହିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଜାରି ରଖିଛି। ଏନେଇ ଗୁରୁବାର ଅପରାହ୍ଣରେ ବୈଶିଙ୍ଗା ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ସୂଚନା ଦେଇଛନ୍ତି।

**ରାଜସ୍ୱ ବିଭାଗର ଅଭିନବ ପ୍ରୟାସ**

# ଜମି ପଟ୍ଟାରେ ଲାଗିବ ସ୍ୱତନ୍ତ୍ର କ୍ୟୁଆର୍ କୋଡ୍

**ସ୍କାନ୍ ମାତ୍ରକେ ବାହାରିବ ଜମିର ସମସ୍ତ ତଥ୍ୟ**

ଭୁବନେଶ୍ୱର,୧୨।୨(ସମିସ): ରାଜ୍ୟରେ ଜମି କିଣାବିକା ଏବଂ ମାଲିକାନା ସ୍ୱତ୍ୱକୁ ନେଇ ଚାଲିଥିବା ଠକେଇ ସାଧାରଣରେ ମୁଣ୍ଡବିନ୍ଧାର କାରଣ ସାଜିଥିବା ବେଳେ ଖୁବ୍‌ଶୀଘ୍ର ଏହାର ଅନ୍ତ ଘଟିବାକୁ ଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏକ ଅତ୍ୟାଧୁନିକ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଏଣିକି ପାରମ୍ପରିକ ପଟ୍ଟା ବଦଳରେ ହିତାଧିକାରୀଙ୍କୁ ଇଲେକ୍ଟ୍ରୋନିକ୍ସ କ୍ୟୁଆର୍ କୋଡ୍ ଯୁକ୍ତ ପଟ୍ଟା ମିଳିବ। ଏହାକୁ ସ୍କାନ କରିବା ମାତ୍ରେ ସମ୍ପୃକ୍ତ ଜମିର ସମ୍ପୂର୍ଣ୍ଣ ଇତିହାସ, ପୂର୍ବ ମାଲିକଙ୍କ ବିବରଣୀ ଏବଂ ବର୍ତ୍ତମାନର ସ୍ଥିତି ସ୍ପଷ୍ଟ ଜଣାପଡ଼ିବ। ଏହାଦ୍ୱାରା ଜଣେ ବ୍ୟକ୍ତି ଗୋଟିଏ ଜମିକୁ ମିଛ କହି ଏକାଧିକ ଲୋକଙ୍କୁ ବିକ୍ରି କରିବା ବା ଜାଲ୍ କାଗଜପତ୍ର ଦେଖାଇବା ସମ୍ଭବ ହେବନାହିଁ। ଠକାମୀ ଉପାୟରେ ଜମି କିଣାବିକା କଲେ ସଙ୍ଗେ ସଙ୍ଗେ ତହସିଲଦାର ଓ ଆରଆଇଙ୍କ ପାଖକୁ ଖବର ଚାଲିଯିବ। ଏହି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଜମିଜମା କାରବାର ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ସୁରକ୍ଷିତ ହୋଇପାରିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

# ଆଉ ୧୦ ଜିଲ୍ଲାରେ ବିଜୁ ଯୁବ ଓ ଛାତ୍ର ବିଜେଡି ସଭାପତି ନିଯୁକ୍ତ

ଭୁବନେଶ୍ୱର,୧୨।୨(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଉ ୧୦ଟି ଜିଲ୍ଲାରେ ବିଜୁ ଯୁବ ଜନତା ଦଳ ଏବଂ ଛାତ୍ର ଜନତା ଦଳ ସଭାପତି ନିଯୁକ୍ତ କରିଛନ୍ତି। ଗୁରବାର ଏନେଇ ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତିଅନୁଯାୟୀକଳାହାଣ୍ଡିଜିଲ୍ଲାରେବିଜୁଯୁବଜନତାଦଳସଭାପତି ଭାବେଅବିନାଶଟାକୁରଙ୍କୁନିଯୁକ୍ତିମିଳିଛି। ବରଗଡ଼ଯୁବବିଜେଡିସଭାପତି ଭାବେ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଦାୟିତ୍ୱ ତୁଲାଇବାକୁ ଯାଉଥିବା ବେଳେ ବୌଦ୍ଧରେ ଭାଗିରଥି ମଲ୍ଲିକ ଦାୟିତ୍ୱ ସମ୍ଭାଳିବେ। ସେହିପରି ଭଦ୍ରକରେ ରାକେଶ ପଣ୍ଡା, ମାଲକାନଗିରିରେ ଶ୍ରୀନିବାସ ମୁଦୁଲି, କୋରାପୁଟରେ ଲଲାଟ ରଞ୍ଜନ ସେଠୀ, ଢେଙ୍କାନାଳରେ ଧର୍ମେନ୍ଦ୍ର ପରିଡ଼ା, ବଲାଙ୍ଗୀରରେ ଜତୀନ ପଟେଲ, ଗଞ୍ଜାମରେ ନଚିକେତା ସ୍ୱାଇଁ ଏବଂ ନବରଙ୍ଗପୁରରେ ଗୁପ୍ତ ପ୍ରସାଦ ଝଙ୍କାରଙ୍କୁ ନିଯୁକ୍ତି ମିଳିଛି। ସେହିପରି କଳାହାଣ୍ଡିରେ ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ ଅଜିତ୍ ସାହୁଙ୍କୁ ନବୀନ ନିଯୁକ୍ତି ଦେଇଛନ୍ତି। ବରଗଡ଼ରେ ଛାତ୍ର ବିଜେଡି ସଭାପତି ଭାବେ କରଣ ସିକନ୍ଦର, ବୌଦ୍ଧରେ ଉଦିତ୍ ଭୋଇ ଓ ଭଦ୍ରକରେ ଭାସ୍କର ମହାଳିକ ନିଯୁକ୍ତି ପାଇଛନ୍ତି। ସେହିପରି ମାଲକାନଗିରିରେ ସୁବ୍ରତର କୁମାର ଦାସଙ୍କୁ ନିଯୁକ୍ତି ମିଳିଥିବା ବେଳେ କୋରାପୁଟରେ ଫିରୋଜ ପଡାଲ, ଢେଙ୍କାନାଳରେ ଆର୍ଯ୍ୟନ ଦାସ, ବଲାଙ୍ଗୀରରେ ସୁମନ ନନ୍ଦ, ଗଞ୍ଜାମରେ ସୌଭିକ୍ ନନ୍ଦ ଓ ନବରଙ୍ଗପୁରରେ ବାବୁଲା ନାୟକ ଛାତ୍ର ବିଜେଡି ଭାବେ ଦାୟିତ୍ୱ ସମ୍ଭାଳିବେ।

# ଚାଲାଣ ବେଳେ ଶ୍ୱାସରୁଦ୍ଧ ହୋଇ ୧୯ ଗୋରୁ ମୃତ



- କଣ୍ଟେନର୍ ଛାଡ଼ି ଚାଳକ ଫେରାର୍
- ୬ ଜୀବନ୍ତ ଗୋରୁ ଉଦ୍ଧାର

ବିଶୋଇ, ୧୨।୨(ସମିସ): ଚାଲାଣ ବେଳେ ଶ୍ୱାସରୁଦ୍ଧ ହୋଇ କଣ୍ଟେନର୍‌ରେ ୧୯ ଗୋରୁଙ୍କ ମୃତ୍ୟୁକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶୋଇ ଥାନା ଅଧୀନ କାଦପାଣି ଛକ ନିକଟରେ ଏହି ଘଟଣା ଘଟିଛି। ଏନେଇ ପୁଲିସ ନମ୍ବର ୨୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ବିଶୋଇ ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ଦେଇ ଗତକାଲି ରାତିରେ ଏକ ଗୋରୁ ବୋଝେଇ କଣ୍ଟେନର୍ ଯାଉଥିବା ବେଳେ ଯାନ୍ତ୍ରିକ ତ୍ରୁଟିରୁ କାଦପାଣି ଛକରେ ଅଚଳ ହୋଇଯାଇଥିଲା। ପରେ ଚାଳକଜଣଙ୍କ ସେଠାରୁ ଖସି ପଳାଇଥିଲା। ଆଜି ସକାଳେ କଣ୍ଟେନର୍‌ରୁ ଦୁର୍ଗନ୍ଧ ଆସୁଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା ଏବଂ ସେମାନେ ବିଶୋଇ ପୁଲିସକୁ ଖବର ଦେଇଥିଲେ। ଥାନାଧିକାରୀ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କଣ୍ଟେନର୍ ଖୋଲିବାରୁ ସେଥିରେ ଥିବା ୧୯ଟି ଗୋରୁଙ୍କ ମୃତ୍ୟୁ ହୋଇସାରିଥିଲା। ଅନ୍ୟ ୬ଟି ଜୀବନ୍ତ ଗୋରୁ ସହ କଣ୍ଟେନର୍‌କୁ ପୁଲିସ ଜବତ କରି ଥାନାକୁ ନେଇଥିଲା। ମୃତ ଗୋରୁଗୁଡ଼ିକୁ ପୁଲିସ ଉପସ୍ଥିତିରେ ବାଢୁଣିଆ ଜଙ୍ଗଲ ମଧ୍ୟରେ ପୋତି ଦିଆଯାଇତିଲା। ଗୋ ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତକୁ ଖୋଜିବା ପାଇଁ ତଦନ୍ତ ଚଳାଇଛି।

# ୩୧ଟି ବୃହତ୍ ପ୍ରକଳ୍ପକୁ ଜମି ଆବଣ୍ଟନ ପାଇଁ ମଞ୍ଜୁରୀ

ଭୁବନେଶ୍ୱର,୧୨।୨(ସମିସ): ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ୩୧ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଆବଣ୍ଟନକୁ ଅନୁମୋଦନ କରାଯାଇଛି। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଅଂଶ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କ୍ଷେତ୍ରର ହୋଇଥିବା ବେଳେ ଏଥିରେ ପୋଷାକ ଓ ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇଞ୍ଜିନିୟରିଂ ଭଳି ବିଭିନ୍ନ ଉଦୀୟମାନ କ୍ଷେତ୍ରର ପ୍ରସ୍ତାବ ସାମିଲ ରହିଛି। ବିଶେଷ ଭାବରେ, ରାଜ୍ୟର ସନ୍ତୁଳିତ ବିକାଶକୁ ଗୁରୁତ୍ୱ ଦେଇ କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଣ-ଶିଳ୍ପାଞ୍ଚଳ ତଥା ପଛୁଆ ଜିଲ୍ଲାଗୁଡ଼ିକରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ଉକ୍ତ ବୈଠକରେ ଏମଏସଏମଇ ବିଭାଗର କମିଶନର ତଥା ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ ଏବଂ ଓକାକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

**ବିଜେପିର ଦୁଇ କର୍ମୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ**

# ସୁରକ୍ଷା ଦେବାକୁ ଯାଇ ମାଡ଼ ଖାଇଲା ପୁଲିସ

- ନିଜଆଡୁ ମାମଲା ରୁଜୁ କଲା ପୁଲିସ
- ମନ୍ତ୍ରୀଙ୍କ ପ୍ରତିନିଧି ବିରୋଧରେ ସଙ୍ଗିନ ଦଫା

ଧାମନଗର, ୧୨।୨(ସମିସ): ଶାସକ ବିଜେପି ଦଳର ଦୁଇ କର୍ମୀଙ୍କ ମଧ୍ୟରେ ଲାଗିଥିବା ଖଣ୍ଡଯୁଦ୍ଧ ଛଡ଼ାଇବାକୁ ଯାଇ ମାଡ଼ ଖାଇଲା ପୁଲିସ। ଗତ ଜାନୁଆରି ୨୫ ତାରିଖ ରାତିରେ ଘଟିଥିବା ଏହି ଘଟଣାକୁ ନେଇ ମାମଲା ରୁଜୁ ହେବା ପରେ ଏହା ପଦାକୁ ଆସିଛି। ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ବେଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର ଓରଫ୍ ସୁଶନ ଓ ତାଙ୍କ ୨ ପୁଅଙ୍କ ବିରୋଧରେ ପୁଲିସ ନିଜ ଆଡୁ ସଙ୍ଗିନ ମାମଲା ରୁଜୁ କରିଛି।


ସୂଚନାନୁଯାୟୀ, ଗତ ଜାନୁଆରୀ ୨୫ତାରିଖ ବିଳମ୍ବିତ ରାତିରେ ଶ୍ୟାମପୁରଠାରେ ସୁଶନ ମହାପାତ୍ର ଓ ଅନ୍ୟତମ ବିଜେପି ନେତା ବୀରେନ୍ଦ୍ର ଜେନାଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଭୟଙ୍କର ରୂପ ନେଇଥିଲା। ପୁଲିସ ସୂଚନାନୁସାରେ, ସୁଶନ, ତାଙ୍କ ଦୁଇପୁଅ ଏବଂ ପ୍ରାୟ ୨୩ଜଣ ସମର୍ଥକ ଅସ୍ତ୍ରଶସ୍ତ୍ର ଧରି ବୀରେନ୍ଦ୍ରଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଦୁଇ ପକ୍ଷରୁ ଆହତ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଗାଡ଼ି ଭଙ୍ଗାରୁଜା ସହିତ ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସକୁ ଯୋଗାଯୋଗ କରାଯାଇଥିଲା। ଖବର ପାଇ ଧାମନଗର ଥାନା ଏସ୍‌ଆଇ ମହେଶ୍ୱର ପ୍ରଧାନ, କନେଷ୍ଟବଳ ଶିବଶକ୍ତି ଦାସ, ସୁଜିତ୍ ନାୟକ, ସଦାନନ୍ଦ ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। କିଛି ବୁଝିବା ଆଗରୁ ଦୁର୍ବୃତ୍ତମାନେ ପୁଲିସକୁ ଅତର୍କିତ ଆକ୍ରମଣ କରିଥିଲେ। ସେଥିରେ କିଛି ଅଫିସରଙ୍କ ସହ କନେଷ୍ଟବଳ ଆହତ ହୋଇଥିଲେ। ଉତ୍ତେଜନା ପ୍ରଶମିତ ନ ହେବାରୁ ଘଟଣାସ୍ଥଳରେ ଅଧିକ ପୁଲିସ ମୁତୟନ କରାଯାଇଥିଲା।

ହେଲେ ଉଭୟ ଶାସକ ଦଳର କର୍ମୀ ହୋଇଥିବାରୁ ଦଳୀୟ ନେତାଙ୍କ ଚାପରେ ଉଭୟଙ୍କ ପକ୍ଷରୁ ଥାନାରେ କୌଣସି ଏତଲା ଦିଆଯାଇନଥିଲା। ଘଟଣା ପରେ ଆଇଆଇସିଙ୍କ ଉପରେ ଚାପ ପକାଇ ଦୁର୍ଘଟଣାରେ ନଷ୍ଟ ହୋଇଥିବା ଗାଡ଼ିକୁ ଥାନାକୁ ନେବା ପାଇଁ କୁହାଯାଇଥିଲା। କିନ୍ତୁ ଆଇଆଇସି ଏହାକୁ ନ ମାନି ଏତଲା ଦେବାକୁ ପରାମର୍ଶ ଦେଇଥିଲେ। ତେବେ ଏସ୍‌ଆଇ ପକ୍ଷରୁ ଦିଆଯାଇଥିବା ଏତଲାକୁ ସଙ୍ଗେସଙ୍ଗେ ପଞ୍ଜୀକରଣ କରିବା ସହ ଥାନା କେସ୍ ନମ୍ବର ୩୬/୨୬ରେ ଏକ ମାମଲା ରୁଜୁ କରିବା ସହ ଏଥିରେ ସମ୍ପୃକ୍ତ ବିଜେପି ନେତା ସୁଶନଙ୍କ ସମେତ ୧୬ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ, ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟରେ ବାଧା ଦେବା ଓ ଆକ୍ରମଣ କରିବା, ଅପରାଧିକ ଧମକ ଓ ଅଶ୍ଳୀଳ ବ୍ୟବହାର ଭଳି ସଂଗିନ୍ ଦଫା ଲଗାଯାଇଛି। ତେବେ ତଦନ୍ତ ଚାଲିଥିବା ବେଳେ ହଠାତ୍ ନୂଆ କରି ଯୋଗ ଦେଇଥିବା ଆଇଆଇସିଙ୍କୁ ବଦଳି କରି ଭଦ୍ରକ ଜିଲ୍ଲା ମୁଖ୍ୟାଳୟକୁ ନିଆଯିବା ଭିନ୍ନ ଆଲୋଚନାକୁ ଜନ୍ମ ଦେଇଛି।

**ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଚଳାବସ୍ଥାର ପ୍ରତିବାଦ**

# ୧୭ରେ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଆଣ୍ଠେଇବେ ସେବାୟତ

ବାରିପଦା, ୧୨।୨(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀହରିବଳଦେବଜୀଉ ବିଜେଙ୍କ ମନ୍ଦିରର ଅଚଳାବସ୍ଥାକୁ ନେଇ ସେବାୟତମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଠାକୁରଙ୍କ ସମ୍ପତ୍ତିର ପୁନରୁଦ୍ଧାର ହେଉ




ନଥିବାରୁ ଠାକୁରଙ୍କ ରୀତିନୀତିରେ ସମସ୍ୟା ଉପୁଜୁଛି। ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଏହାର ସମାଧାନ କରୁନାହାନ୍ତି। ଠାକୁରଙ୍କ ସମ୍ପତ୍ତିକୁ ସଠିକ୍ ଭାବେ ପରିଚାଳନା କରିବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେବା ବ୍ୟତୀତ ଅନ୍ୟ କିଛି କରୁନାହିଁ। ତେଣୁ, ତୁରନ୍ତ ଏହାର ସମାଧାନ କରାନଗଲେ, ୧୭ ତାରିଖରୁ ସେବାୟତମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଉପାୟରେ ଆନ୍ଦୋଳନ କରିବେ ବୋଲି ସଂଘ ଚେତାବନୀ ଦେଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସେବାୟତମାନେ ହାତରେ ଦୀପଜାଳି ଆଣ୍ଠେଇ ଆଣ୍ଠେଇ ଅହିଂସାତ୍ମକ ପ୍ରତିବାଦ ପ୍ରଦର୍ଶନ କରିବେ। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ବାରିପଦା ଉପଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଦିଆଯାଇଛି। ଏଥିସହ ଗୃହ ନିର୍ମାଣ ଓ ନଗର ଉନ୍ନୟନମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନମନ୍ତ୍ରୀ, ରାଜ୍ୟସଭା ସଦସ୍ୟା, ମୟୂରଭଞ୍ଜ ସାଂସଦ, ବାରିପଦା ବିଧାୟକ, ଦେବତ୍ତୋର ଆୟୁକ୍ତ ଭୁବନେଶ୍ୱରଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂଜକ ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ଜୟନ୍ତ କୁମାର ତ୍ରିପାଠୀ, ପ୍ରଦୀପ କୁମାର ପଣ୍ଡା, ସେବାୟତ ବିମଳ ଲୋଚନ ଦେଓଘରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ମାସ ମଧ୍ୟରେ ଶେଷ କର ରତ୍ନଭଣ୍ଡାର ଗଣତିମଣତି: ହାଇକୋର୍ଟ

**ଚାବି ହଜିବା ପ୍ରସଙ୍ଗରେ ତଦନ୍ତ କମିସନ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ନିର୍ଦ୍ଦେଶ**

କଟକ, ୧୨।୨ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି କାର୍ଯ୍ୟ ଶେଷ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଶେଷଥର ପାଇଁ ୧୯୭୮ ମସିହାରେ ସ୍ୱତନ୍ତ୍ର କମିଟି ଦେଇଥିବା ଗଣତିମଣତି ତଥ୍ୟ ସହ ବର୍ତ୍ତମାନ ଗଣତିମଣତି ପରେ ରିପୋର୍ଟକୁ ମେଳ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସେହିଭଳି ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିସନ ଦେଇଥିବା ରିପୋର୍ଟକୁ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଗୃହରେ ଉପସ୍ଥାପନ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ନିଷ୍କ୍ରିୟତା ଅବଲମ୍ବନ କରାଯାଇପାରିବ ନାହିଁ। କାରଣ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ ବୋଲି କହିଛନ୍ତି ଖଣ୍ଡପୀଠ। ରାଜ୍ୟ ସରକାର ଉଭୟ ଗଣତିମଣତି ଓ ଚାବି ହଜିବା ଘଟଣାର ତଦନ୍ତ କମିଟି ରିପୋର୍ଟ ଉପସ୍ଥାପନରେ ତତ୍ପରତା ପ୍ରକାଶ କରିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତା ୩ମାସ ପରେ ମାମଲାର ପରବର୍ତ୍ତୀ ଶୁଣାଣି ବେଳେ ସରକାର ଏ ସମ୍ପର୍କିତ ରିପୋର୍ଟ ଅଦାଲତରେ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ। ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଡ୍ରାଫ୍ଟ ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ଏସ୍‌ଓପି ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ ୯ଜଣିଆ କମିଟିଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି କରାଯିବାର କାର୍ଯ୍ୟକ୍ରମ ରହିଛି।

ମାମଲାରୁ ପ୍ରକାଶ ଯେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିସନ ରିପୋର୍ଟ ସାର୍ବଜନୀନ କରିବା ଓ ରତ୍ନଭଣ୍ଡାର ମରାମତି ସହ ରତ୍ନ ଅଳଙ୍କାରର ଗଣତିମଣତିକୁ ନେଇ ଏହି ମାମଲା ରୁଜୁ ହୋଇଛି। ଚାବି ହଜିବା ଘଟଣାରେ ଜଷ୍ଟିସ୍ ରଘୁବୀର ଦାସ ତଦନ୍ତ କମିସନ ରିପୋର୍ଟ ଦୀର୍ଘ ୮ବର୍ଷ ପରେ ବି ସାର୍ବଜନୀନ ହୋଇ ନଥିବାରୁ ଏହାର ବର୍ତ୍ତମାନର ସ୍ଥିତି ନେଇ ଆବେଦନକାରୀ ଆପତ୍ତି ଉଠାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

■ ଫେସ୍‌ବୁକ୍‌ରେ ବିଧାୟକଙ୍କ ବିରୋଧରେ ମନ୍ତବ୍ୟ

# ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ

ଜୟପୁର,୧୨ ।୨(ସମିସ):

ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ବିରୋଧରେ ଦୁର୍ନିତୀ କରିଥିବା ସହିତ ଆବାସ ଯୋଜନାରେ ଟଙ୍କାରେ ହଡପ କରିଥିବା ଆପତ୍ତିଜନକ ମନ୍ତବ୍ୟ ଫେସବୁକ ମାଧ୍ୟମରେ ପୋଷ୍ଟ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ନିହାର ରଞ୍ଜନ ବିଶୋୟୀ ଜୟପୁର ଟାଉନଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ଟାଉନଥାନାରେ ଏକ ମାମଲା ରୁଜୁ ହେବା ସହିତ କୋରାପୁଟ ସାଇବର ଥାନାକୁ ଅବଗତ କରାଯାଇଛି। ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ତଥା ଅଭିଯୋଗକାରୀ ଶ୍ରୀ ବିଶୋୟୀ ଲିଖିତ ଅଭିଯୋଗ ରେ ଦର୍ଶାଇଛନ୍ତି ଯେ, କିଛି ଖଳ ପ୍ରକୃତିର ଲୋକ ଜୟପୁର ବିଧାୟକ ଶ୍ରୀ ବାହୀପତିଙ୍କ ବିରୋଧରେ ଓଡିଆଙ୍କ ଛାଟ ନାମକ ଏକ ଜାଲି ପରିଚୟ ପ୍ରଦାନ କରାଯାଇ ସାଇଟ ଖୋଲିବା ସହିତ ସେଥିରେ ଘର ଖାଇଗଲା ଭାଲୁ, ୭୦ଟି ଆବାସ ଯୋଜନାର ଘରର ଟଙ୍କା ଲୁଟିନେବା ଭଳି ମିଥ୍ୟା ଓ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇ ଫେସବୁକରେ ଭାଇରାଲ କରାଯାଇଛି। ତେଣୁ ଏହା ଦ୍ୱାରା ରାଜ୍ୟର ଜଣେ ବରିଷ୍ଠ ବିଧାୟକ ଶ୍ରୀ ବାହିନୀପତି ଏବଂ ଜିଲ୍ଲା କଂଗ୍ରେସକୁ ବଦନାମ କରିବାକୁ ଏକ କୁଚକ୍ରାନ୍ତ ଗୋଷ୍ଠି ମିଥ୍ୟା ପେସବୁକ ପରିଚୟରେ ଏହପିର ଅପଶବ୍ଦ ବ୍ୟବହାରକାରୀଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଦର୍ଶାଇଛନ୍ତି। ଏହି ଏତଲା ପ୍ରଦାନ ବେଳେ କଂଗ୍ରେସ ଦଳର ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁ, ବସନ୍ତ ନାୟକ, ଏ .ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ।

କଡ଼ା ସୁରକ୍ଷା ମଧ୍ୟରେ ପହଞ୍ଚିଲା ମାଟ୍ରିକ ପ୍ରଶ୍ନପତ୍ର

# ସବୁ କେନ୍ଦ୍ରରେ ସିସି ଟିଭି କ୍ୟାମେରା ସ୍ଥାପନ ହୋଇଛି: ଜିଲ୍ଲା ଶିକ୍ଷା ଅଧିକାରୀ

କୋରାପୁଟ,୧୨ ।୨(ସମିସ) ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମାଟ୍ରିକ ପରୀକ୍ଷା ଫେବୃଆରୀ ମାସ ୧୯ ତାରିଖରୁ ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ଆବଶ୍ୟକ ପରୀକ୍ଷା କେନ୍ଦ୍ର ରହିଥିବା ବେଳେ ମଧ୍ୟମା ପାଇଁ ଗୋଟିଏ, ଏସଓଏସସି ପାଇଁ ୬ ମୋଟ ୯୪ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଜିଲ୍ଲାର ୨୯୦ ହାଇସ୍କୁଲର ମୋଟ ୧୯ ହଜାର ୬୭୫

> ➤ ଫେବୃଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା
> ➤ ଜିଲ୍ଲାର ୨୯୦ ହାଇସ୍କୁଲର ୧୯ ୬୭୫ ଜଣ ପରୀକ୍ଷାର୍ଥୀ

ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ସେମାନଙ୍କ ମଧ୍ୟରେ ରେଗୁରାଲ ୧୮ ହଜାର ୧୫୮ ଜଣ, ଏକ୍ସ ରେଗୁରାଲ ୧୧୧ ଜଣ, ଏସଓଏସସି ୧ ହଜାର ୩୭୭ ଜଣ , ମଧ୍ୟମା ୧୪ ଜଣ ଏବଂ ଡିଷ୍ଟାନ୍ସରେ ୧୫ ଜଣ ଛାତ୍ରଛାତ୍ରୀଙ୍କ ସହ ମୋଟ ୧୯ ହଜାର ୬୭୫ ଜଣ ପରୀକ୍ଷା ଦେବେ।୧୪ ଟି ବ୍ଲକରେ ୧୪ ଟି ନୋଡାଲ କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରରୁ ପ୍ରଶ୍ନପତ୍ର କଡା ସୁରକ୍ଷା ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଦିନ ହିଁ ପଠାଯିବ।ଏଥିପାଇଁ ୨୭ ଦଳ ନିୟୋଜିତ ହୋଇଛନ୍ତି। ସବୁ କେନ୍ଦ୍ରରେ ସିସି ଟିଭି ସ୍ଥାପନ କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି ବୋଲି ପ୍ରଶ୍ନପତ୍ର କୋରାପୁଟ ସରକାରୀ ହାଇସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି। ପରୀକ୍ଷା ପାଇଁ କୋରାପୁଟ ଜିଲ୍ଲାରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ କହିଛନ୍ତି। ଜିଲ୍ଲାର ରେଗୁରାଲ ଓ ଏକ୍ସ ରେଗୁରାଲ ପରୀକ୍ଷାର୍ଥୀଙ୍କ ପାଇଁ ୮୭ ଟି ସେ କହିଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଦୁଇଟି ସ୍କ୍ୱାର୍ଡ ଏବଂ ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ଗଠନ କରାଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ ପ୍ରତ୍ୟେକ କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବ୍ୟାନ ହୋଇଛି। ପରୀକ୍ଷାର୍ଥୀଙ୍କ ସମେତ ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷକ ଓ କର୍ମଚାରୀ ମାନେ ମଧ୍ୟ ପରୀକ୍ଷା ହଲ ଭିତରକୁ ମୋବାଇଲ ନେଇ ପାରିବେ ନାହିଁ। କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି ବୋଲି ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ କହିଛନ୍ତି।



## ଭାଲୁ ଆକ୍ରମଣରେ ବୃଦ୍ଧା ଆହତ

ଡାବୁଗାଁ, ୧୨।୨(ସମିସ): ଗୁରୁବାର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧୀନ ସିନ୍ଧିକାଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ବୃଦ୍ଧା ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି । ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧୀନ ସିନ୍ଧିକାଗୁଡା ଗ୍ରାମର ଜେମା ପୂଜାରୀ (୬୬) ଆଜି ମଧ୍ୟାହ୍ନ ୧୨ଟା ସମୟରେ ଗ୍ରାମ ନିକଟ ଜଙ୍ଗଲକୁ ଜାଳେଣୀ କାଠ ସଂଗ୍ରହ କରିବା ପାଇଁ ଯାଇଥିଲେ। କାଠ ସଂଗ୍ରହ କରିବା ସମୟରେ ଏକ ଭାଲୁ ଆସି ବୃଦ୍ଧା ଜଣଙ୍କୁ ପଛପଟୁ ଆକ୍ରମଣ କରିଥିଲା। ସେହି ସମୟରେ ଅନ୍ୟ ପଟେ କାଠ ସଂଗ୍ରହ କରୁଥିବା ମହିଳା ମାନେ ପାଟି କରି ବାଡି ଧରି ଆସିବାରୁ ଭାଲୁଟି ବୃଦ୍ଧାଙ୍କୁ ଛାଡି ଚାଲି ଯାଇଥିଲା। ଫଳରେ ବୃଦ୍ଧା ଜଣଙ୍କ ଆହତ ହୋଇଥିଲେ। ପରେ ମହିଳା ମାନେ ତାଙ୍କୁ ଉଦ୍ଧାର କରି ଗ୍ରାମକୁ ନେଇଥିଲେ। ସେହି ସମୟରେ ଉକ୍ତ ଗ୍ରାମକୁ ଡାବୁଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ ଓ ଅଞ୍ଚଳା ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ. ଡି ପ୍ରସାଦ ଉନ୍ନୟନ କାର୍ଯ୍ୟର ତଦାରଖ କରିବା ପାଇଁ ଯାଇଥିଲେ। ୨ ଅଧିକାରୀ ଆହତ ବୃଦ୍ଧାଙ୍କୁ ନିଜ ଗାଡିରେ ଆଣି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରିଥିଲେ।

## ଦୋକାନ ଗୃହ ପୋଡ଼ି ପାଉଁଶ

କୋଷାଗୁମୁଡା,୧୨।୨(ସମିସ): ସର୍ଟ ସର୍କିଟ ହେବା ଫଳରେ ଏକ ଦୋକାନ ଘରଟି ପୋଡି ପାଉଁଶ ହୋଇଯାଇଛି। ଏଭଳି ଏକ ଅଘଟଣ ଘଟିଯାଇଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡୀଙ୍ଗା ଗ୍ରାମରେ। ସୂଚନା ମୁତାବକ ଆଜି ସକାଳ ପ୍ରାୟ ୬ଟା ସମୟରେ। ଗ୍ରାମର ଗଙ୍ଗାଧର ପାତ୍ର ଦୀର୍ଘ ବର୍ଷ ତଳେ ଏକ କଂସା, ପିତଳ ଦୋକାନ କରି ନିଜ ପରିବାରର ପ୍ରତିପୋଷଣ କରି ଆସୁଥିଲେ। ହେଲେ ଆଜି ସର୍ଟ ସର୍କିଟ ଯୋଗୁଁ ନିଆଁ ଦୋକାନ ସାରା ବ୍ୟାପି ଯାଇଥିଲା। ଦୋକାନ ଘର ମଧ୍ୟରେ ରହିଥିବା କଂସା, ପିତଳ, ଷ୍ଟିଲ ଆଲୁମିନିୟମ ସାମଗ୍ରୀ ସବୁ ନିଆଁରେ ପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକେ ଦମକଳକୁ ସୂଚନା ଦେବା ପରେ ଦମକଳ ଘଟଣା ସ୍ଥଳରେ ନିଆଁକୁ ଆୟତ୍ତ କରିବା ମଧ୍ୟରେ ସବୁ କିଛି ଛାରଖାର ହୋଇସାରିଥିଲା । ଗଙ୍ଗାଧରଙ୍କ ସୂଚନା ପ୍ରକାରେ ପାଖାପାଖି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନିଆଁରେ ପୋଡି ପାଉଁଶ ହୋଇଯାଇଛି। ତେଣୁ ଗଙ୍ଗାଧରଙ୍କ ପରିବାର ଉପରେ ଏବେ ଚଡକ ପଡିଛି। ପ୍ରଶାସନ କିଛି ସହାୟତା ପ୍ରଦାନ କଲେ ପରିବାର ଲୋକେ ଉପକୃତ ହୁଅନ୍ତେ ବୋଲି ଗଙ୍ଗାଧର ପ୍ରଶାସନକୁ ଗୁହାରି କରିଛନ୍ତି

## ଲଲାଟ ଯୁବ, ଫିରୋଜ ଛାତ୍ର ବିଜେଡ଼ି ସଭାପତି





କୋରାପୁଟ,୧୨।୨(ସମିସ): ବିଜୁ ଜନତା ଦଳ ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବିଭିନ୍ନ ଜିଲ୍ଲାର ଯୁବ ଏବଂ ଛାତ୍ର ବିଜେଡ଼ି ସଭାପତି ମାନଙ୍କ ନାମ ଘୋଷଣା କରିଥିବା ବେଳେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ତଥା ବର୍ତ୍ତମାନର ସଭାପତି ଲଲାଟ ରଞ୍ଜନ ସେଠୀଙ୍କୁ ପୁନର୍ବାର ଯୁବ ବିଜେଡ଼ି ସଭାପତି ଭାବେ ମନୋନୀତ କରିଛନ୍ତି। ସେହିପରି ଛାତ୍ର ନେତା ଫିରୋଜ ପଡ଼ାଲଙ୍କୁ ଶ୍ରୀ ପଟ୍ଟନାୟକ ଛାତ୍ର ବିଜେଡ଼ି ଜିଲ୍ଲା ସଭାପତି ଭାବେ ମନୋନୀତ କରିଛନ୍ତି। ସୂଚନା ପାଇବା ପରେ ନବ ନିଯୁକ୍ତ ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ ଏବଂ ଛାତ୍ର ବିଜେଡ଼ି ସଭାପତି ଫିରୋଜ ପଡ଼ାଲ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲା ସଭାପତି ଝିଁନ ହିକକା, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପିତମ୍ ପାଢ଼ୀ, ପ୍ରଭୁ ଜାନି, ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ମହିଳା ବିଜେଡ଼ି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଜୋନାଲ ସଭାନେତ୍ରୀ ଲତା ସାହୁ, କାଉନସିଲର କାଦମ୍ବିନୀ ସେଠୀ, ଟାଉନ ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, କୋରାପୁଟ ବ୍ଲକ ସଭାପତି ମଣ୍ଟୁ ବେହିଆ , ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ତ୍ରିପତି ପାଣିଗ୍ରାହି, ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ଜିଲ୍ଲା ଉପସଭାପତି ନାରାୟଣ ବିଶୋଇ ପ୍ରମୁଖ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସମ୍ମାନିତ ହେଲେ ବିଶିଷ୍ଟ ଶିକ୍ଷାବିତ୍ ଇଂ ସୁବ୍ରତ କୁମାର ମିଶ୍ର




କୋରାପୁଟ,୧୨।୨ (ସମିସ): ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ପକ୍ଷରୁ ଜୟଦେବ ଭବନଠାରେ ଅନୁଷ୍ଠିତ ଷଷ୍ଠ ବାର୍ଷିକ ଉତ୍ସବରେ କୋରାପୁଟ ବିଜ୍ଞାନ ଇଣ୍ଟରନ୍ୟାସନାଲ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଇଂସୁବ୍ରତ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କୋରାପୁଟ ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ ସହ ଗ୍ରାମାଞ୍ଚଳଯୁବପିଢ଼ିଙ୍କ କ୍ୟାରିୟରଗଠନକ୍ଷେତ୍ରରେତାଙ୍କରଅତୁଳନୀୟଅବଦାନପାଇଁତାଙ୍କୁ ଏହିସ୍ୱିକୃତିପ୍ରଦାନକରାଯାଇଛି। ବୈଷୟିକ ଶିକ୍ଷା ମାଧ୍ୟମରେ ହଜାର ହଜାର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବାରେ ଶ୍ରୀ ମିଶ୍ରଙ୍କ ନିରନ୍ତର ପ୍ରଚେଷ୍ଟାକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ କୀର୍ତ୍ତି ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୁପ୍ତେଶ୍ୱର ପୀଠକୁ ପଲିଥିନ ମୁକ୍ତ କରିବାକୁ ପ୍ରଶାସନ ତତ୍ପର

ବୈପାରୀଗୁଡ଼ା,୧୨।୨(ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ପଲିଥିନ ମୁକ୍ତ କରିବାକୁ ଅଣ୍ଟା ଭିଡିଛି ବ୍ଲକ ପ୍ରଶାସନ। ଆଉ ଦିନକ ପରେ ଜାଗର ଯାତ୍ରା ଅନୁଷ୍ଠିତ ହେବ। ପୀଠରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ଏହି ଅବସରରେ ପୀଠରେ ପ୍ଲାଷ୍ଟିକ ବ୍ୟବହାର ନ କରବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜାନ । ଯାହାକୁ ନେଇ ବ୍ଲକ ପ୍ରଶାସନ ଏବେ ଅଣ୍ଟା ଭିଡିଛି । ପଲିଥିନ ମୁକ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଛି। ଲୋକଙ୍କୁ ସଚେତନ କରାଯିବ ଆବଶ୍ୟକ ସ୍ଥଳେ ଅମାନିଆ ଙ୍କ ପାଇଁ ଜରିମାନା ଲାଗୁହେବ ବୋଲି ବିଡ଼ିଓ ସୁବ୍ରତ ସାହୁ କହୁଛନ୍ତି । ସେପଟେ ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବିନ୍ଦ୍ର ରନ୍ଧାରୀ କହିଛନ୍ତି ଯେ, ପ୍ଲାଷ୍ଟିକ ମୁକ୍ତ ପାଇଁ ସ୍ୱତନ୍ତ୍ର ନଜର ରାଖଯାଇଛି । ଯେହେତୁ ଗୁପ୍ତେଶ୍ୱର ଗୁମ୍ଫାକୁ ଘେରି ରହିଥିବା ଜଙ୍ଗଲକୁ ରାଜ୍ୟ ସରକାର 'ଜୈବ ବିବିଧତା ଐତିହ୍ୟ କେନ୍ଦ୍ର' ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ଏଥିପାଇଁ ସମସ୍ତ ଶ୍ରଦ୍ଧାଳୁ ଙ୍କୁ ମଧ୍ୟ ପରିବେଶ ସୁରକ୍ଷା ପାଇଁ ନିବେଦନ କରିଛନ୍ତି । ଗୁପ୍ତେଶ୍ୱର ଜଙ୍ଗଲକୁ ଜୈବିକ ବିବିଧତା ଆଇନ ୨୦୦୨ ଅଧୀନରେ ବିଏଚ୍‌ଏସ୍ ମାନ୍ୟତା ମିଳିଛି।

## ଜଳିଗଲା ୧୨ ଏକର ପାଳଗଦା

ବୈପାରିଗୁଡା, ୧୨।୨ (ସମିସ): ବୈପାରିଗୁଡା ବ୍ଲକର ଲକ୍ଷ୍ମୀପୁର ମାଳିଗୁଡା ଗ୍ରାମର ଏକ ଖଳାରେ ନିଆଁ ଲାଗିଯିବାରୁ ୧୨ ଏକର ଜମିର ପାଳଗଦା ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀପୁର ମାଳିଗୁଡା ଗ୍ରାମର ଜଗବନ୍ଧୁ ମାଳି, ତୈଳ ମାଳି, ହରିହର ମାଳି, ନରେନ୍ଦ୍ର ମାଳି ଏବଂ ବଳଭଦ୍ର ମାଳିଙ୍କ ସହ ଅନ୍ୟ ଚାଷୀମାନେ ନିଜ ନିଜ ଜମିରେ ଧାନ ଏବଂ ମାଣ୍ଡିଆ ଅମଳ ପରେ ଗୋଟିଏ ଖଳାରେ ପାଳଗଦା କରି ରଖିଥିଲେ। ଆଜି ଅପରାହ୍ନ ସାଢେ ୨ଟା ବେଳେ ଗାଁ ମୁଣ୍ଡରେ ଥିବା ପରିବା ବଗିଚାରେ କିଛି ଚାଷୀ ନିଆଁ ଲଗାଇ ବସିଥିଲେ। ପବନରେ ନିଆଁ ଉଡ଼ି ପାଳଗଦାରେ ପଡ଼ି ଯାଇଥିଲା। ଫଳରେ ଧିରେଧିରେ ଖଳାରେ ଗଦା କରାଯାଇଥିବା ପାଳଗଦା ନିଆଁ ସଂସ୍ପର୍ଶରେ ଆସି ଧୂଆଁ ବାହାରିବା ଆରମ୍ଭ ହୋଇଥିଲା। ପାଳଗଦାରେ ନିଆଁ ଲାଗିବା ଗ୍ରାମବାସୀ ଜାଣିବା ପରେ ତୁରନ୍ତ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବୈପାରିଗୁଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ସହାୟତାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୮୦ ହଜାର ଟଙ୍କା କ୍ଷତି ହୋଇଥିବା ଆକଳନ କରାଯାଇଛି। ଅଗ୍ନିଶମ ବାହିନୀ ତୁରନ୍ତ ନିଆଁକୁ ଆୟତ୍ତ କରିଥିବାରୁ ଅନ୍ୟ ଚାଷୀ ମାନଙ୍କ ପାଳଗଦା ନିଆଁ ଦାଉରୁ ରକ୍ଷା ପାଇଯାଇଛି।

## ଦୋକାନର ତାଲା ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ଜୟପୁର,୧୨ ।୨(ସମିସ): ଜୟପୁର ସହରର ଲାଲ ସାହିସ୍ଥିତ ଏକ ମୂର୍ତ୍ତି ନିର୍ମାଣ ସହିତ ରଙ୍ଗଦେବା ଦୋକାନର ସଟର ଭାଙ୍ଗି ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ କୁନ୍ଦୁରା ଥାନା ଫୁଫଗାଁ ଅଞ୍ଚଳର ସୁବାଶ ହରିଜନ(୨୩)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ୪୦ ହଜାର ଟଙ୍କା, ଗୋଟିଏ ନାମୀଦାମୀ ଏସଏଲଆର କ୍ୟାମେରା ଏବଂ ଗିରଫ ଅଭିଯୁକ୍ତ ଚୋରି ବ୍ୟବହାର କରିଥିବା ଏକ ସ୍କୁଟି ଜବତ କରାଯାଇଛି। ଗତ ଡିସେମ୍ବର ୩୧ ତାରିଖରେ ରାତିରେ ଜୟପୁର ଲାଲ ସାହିସ୍ଥିତ ଉପରୋକ୍ତ ଦୋକାନର ସଟର ତାଲା ଭାଙ୍ଗି ଅଭିଯୁକ୍ତ କାଉଣ୍ଟରରେ ରହିଥିବା ଦେଢ ଲକ୍ଷଟଙ୍କା ଏବଂ ଏସଏଲଏଲଆର କ୍ୟାମେରା ଲୁଟ ହୋଇଥିବା ନେଇ ଘଟଣାର ୪ ଦିନ ପରେ ଦୋକାନ ମାଲିକ ଚନ୍ଦନ କୁମାର ସାହୁ ଅଭିଯୋଗ କରିଥିଲେ। ଏଥିନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତକାରୀ ଅଧିକାରୀ ଭାବେ ଗୋବିନ୍ଦ ଚନ୍ଦ୍ର ହାଂସଦା ବିଭିନ୍ନ ସିସି କ୍ୟାମେରା ଏବଂ ଅନ୍ୟାନ୍ୟ ତଥ୍ୟକୁ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇଥିଲେ ଏବଂ ଉକ୍ତ ସ୍କୁଟି ଚୋରି ନା କାହାର ଏହାର ମଧ୍ୟ ତଦନ୍ତ ଜାରୀ ରହିଛି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

## ଜୟପୁରରେ ଭାରତ ବନ୍ଦ




ଜୟପୁର,୧୨ ।୨(ସମିସ): କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ଓ କୃଷକ ମାରଣନୀତିକୁ ବିରୋଧ କରାଯାଇ ସାରା ଦେଶରେ ୧୦ ଟି ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମିଳିତ ଭାବେ ଦିନିକିଆ ବନ୍ଦ ଡାକରାରେ କୋରାପୁଟ ଜିଲ୍ଲା ଜୟପୁର ଠାରେ ଆଂଶିକ ପ୍ରଭାବ ପଡିଛି। ଜୟପୁର ସହରର ମୁଖ୍ୟ ଟ୍ରାଫିକ ଛକ ଠାରେ ପୂର୍ବାହ୍ନ ୯ ଟା ଠାରୁ ସାଢେ ଗୋଟାଏ ପର୍ଯ୍ୟନ୍ତ ବିଭିନ୍ନ ଟ୍ରେଡ ୟୁନିୟନ ସଦସ୍ୟ ମାନେ ଉପସ୍ଥିତ ରହି ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଏହିପରି ଉଭୟ ପଟେ ଭାରୀଯାନ ଗୁଡିକ ଅଟକି ରହିଥିଲା, କିନ୍ତୁ କେବଳ ଦୁଇଚକିଆ ଯାନ ଏବଂ ସାଇକେଲ ଓ ପଥଚାରୀ ମାନେ ଯାତାୟାତ କରୁଥିଲେ। ସେହିପରି ସହରରେ ବିଦ୍ୟାଳୟ, ବ୍ୟାଙ୍କ, ଘରୋଇ ଅର୍ଥନୈତିକ ଲଗାଣ କାରୀ ସଂସ୍ଥା, ମୁଖ୍ୟ ରାସ୍ତା ଏବଂ ଦୈନିକ ବଜାରରେ ଦୋକାନ ଗୁଡିକ ବନ୍ଦ ରହିଥିଲେ ସୁଦ୍ଧା ପନିପରିବା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଦୋକାନ ଗୁଡିକ ଖୋଲା ରହିଥିଲା। ଏହିପରି ସରକାରୀ ଏବଂ ଘୋରଇ କାର୍ଯ୍ୟାଳୟ ଗୁଡିକ ଖୋଲା ରହିଥିଲା। ଜୟପୁର ସହରରେ ଜାତୀୟ ରାଜପଥ ଅବରୋଧ ଏବଂ ବନ୍ଦ ଡାକରାରେ ଏଆଇଟିୟୁସି, ଆଇଏନଆଇଟିୟୁସି, ରାଜ୍ୟ ପେନସନ ମହାସଂଘ ଏବଂ ଅନ୍ୟାନ୍ୟ ଶ୍ରମିକ ସଂଗଠନ ସହିତ ସ୍ଥାନୀୟ କିଛି କୃଷକ ନେତା ମାନେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ଶ୍ରମିକ ନେତା ଯୁଧିଷ୍ଠିର ରାଉଳ, ପ୍ରମୋଦ କୁମାର ମହାନ୍ତି, ଭଗବାନ ବାହିନୀପତି, ସତ୍ୟବ୍ରତ ନନ୍ଦ, ମନୋଜ ପାତ୍ର, ପ୍ରଣବ କିଶୋର ନାୟକଙ୍କ ନେତୃତ୍ୱରେ ଶ୍ରମିକ ଓ କୃଷକ ସଂଗଠନର ସଦସ୍ୟ ମାନେ ସାମିଲ ହୋଥିଲେ। ମୁଖ୍ୟତଃ ୪ଟି ଶ୍ରମ ସଂହିତା, ବିହନ ବିଲ୍ ୨୦୨୫, ବିଜୁଳି ସଂଶୋଧନ ବିଲ୍, ବିଭି ଜାରିମଜୀ ପ୍ରଭୃତି ଆଇନକୁ ବିରୋଧ କରିବା ସହିତ ତୁରନ୍ତ ଏହାକୁ ରଦ୍ଦ କରିବାକୁ ସାରା ଦେଶରେ ଶ୍ରମିକ ସଂଗଠନ ମାନେ ଦାବି ଜାରୀ ରଖିଛନ୍ତି ଏବଂ ଆଗାମୀ ଦିନରେ କେନ୍ଦ୍ର ସରକାର କୌଣସି ପଦକ୍ଷପ ଗ୍ରହଣ ନ କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଶ୍ରମିକ ନେତା ମାନେ ଦାବି କରିଛନ୍ତି।

## ଐତିହାସିକ ପାଟ ବାଲିଯାତ୍ରା ଶୁଭାରମ୍ଭ



ପାପଡାହାଣ୍ଡି, ୧୨।୨(ସମିସ): ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ବ୍ଲକ ଚେରଚେଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବତାସର ଗ୍ରାମ ଠାରେ ଐତିହାସିକ ବାଲିଯାତ୍ରା ଶୁଭାରମ୍ଭ ହୋଇଯାଇଛି। ପ୍ରତି ୧୨ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ବାଲିଯାତ୍ରା ୩ମାସ ସମୟ ଧରି ଅନୁଷ୍ଠିତ ହେବ। ବତାସର, ବିରୀଗୁଡା, ଖୁଟୁଗୁଡ଼ା,ଆକାଶିୟାଗୁଡା, ନାୟକ ଗୁଡା,ବେଲଗୋଚିଆ ଗୁଡା, ଚେରଚେଟା, ବାମୁନି, ଭାଇସା ଗୁଦ୍ରା ଗ୍ରାମବାସୀଙ୍କ ପକ୍ଷରୁ ମିଳିତ ଭାବେ ଏହି ବାଲିଯାତ୍ରା ପାଳନ କରାଯାଉଛି। ଭୂମି ମାତା,କୃଷିର ଦେବତା ଭୀମା ଓ ଗ୍ରାମ ଦେବା ଦେବୀ ସନ୍ତୁଷ୍ଟ ହେଲେ ଭଲ ଫସଲ ଅମଳ ହେବା ସହ ଅଞ୍ଚଳର ମଙ୍ଗଳ ହେବ ବୋଲି ଲୋକ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ୩ ମାସ ଧରି ଧରି ପ୍ରତ୍ୟେକ ଦିନ ପୁରାଣ ପାଠ ଓ ଦେବାଦେବୀଙ୍କ ରୀତିନୀତି ଅନୁଯାୟୀ ପୂଜାପାଠ କରାଯିବ। ଏହି ଅବସରରେ ଗୁରୁମାଇଙ୍କୁ ଆଜି ଗ୍ରାମରେ ବାଦ୍ୟବାଜଣା ସହ ବାଣ ଫୁଟାଇ ଗ୍ରାମବାସୀ ସ୍ୱାଗତ କରି କରି ଆଣିଥିଲେ। ଗୁରୁମାଇନି ଗୋମତୀ ଭତରା ଠାକୁରାଣୀ ମନ୍ଦିର ପରିର୍ଶନ କରିବା ପରେ ବାଲିଯାତ୍ରା ପଡ଼ିଆକୁ ଯାଇଥିଲେ । ପରେ ଗୁରୁମାଇଙ୍କ ନିର୍ଦ୍ଦେଶକ୍ରମେ କିଛି ରଇତଙ୍କ ଦ୍ୱାରା ଶୁଭ ହାଣ୍ଡି ସ୍ଥାପନ କରାଯାଇଥିଲା । ବାଲିଯାତ୍ରା କିଭଳି ତିନି ମାସ ଧରି ଶାନ୍ତିଶୃଙ୍ଖଳା ରେ ଚାଲିବ ସେ ନେଇ ସେନେଇ ଏକ ପରିଚାଳନା କମିଟି ଗଠନ କରାଯାଇଛି । ବନମାଳୀ ଭତରା , ବନସିଂ ପୂଜାରୀ , ହରି ପାଇକ , ହୀରା ଭତରା , ତୁଲାରାମ ଭତରା , ମାତିସିଂ ଭତରା , ମନହର ଭତରା , ମାନିରମ ଭତରା ଫୁଲଧର ଭତରା , ସଦୁରାମ ଗୌଡ଼ ମନୋନୀତ କିରାଯାଇଛି ଲେହି ଅବସରରେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ସରପଞ୍ଚ ଉର୍ମିଳା ମାଝୀ , ସମିତି ପ୍ରହ୍ଲାଦ ଚାଲାଣ , ପୂର୍ବତନ ସରପଞ୍ଚ ଉଆସୁ ମାଝୀ ଉପସ୍ଥିତ ରହି ଶୁଭ ଉଦଘାଟନ କରିଥିଲେ କ୍ଷ ପ୍ରଥମ ଦିବସରେ ଉମରକଟର ବ୍ଲକ ଦୁମୋରଦଡା ଗ୍ରାମର "ଗୋରୀ ଝିଅ ସାରିଦେଲା " ଆଦିବାସୀ ନାଟକ ପରିବେଷଣ କରାଯିବ ବୋଲି ସୂଚନା ଦେଇଛନ୍ତି।

ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ

# ବସ୍ ପରମିଟ୍‌କୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଜୟପୁର,୧୨ ।୨(ସମିସ):

କୋରାପୁଟ ଜିଲ୍ଲା ଜୟପୁର ଜଗଜତନନୀ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିବା ସହିତ ତାଙ୍କ ମାଲିକାନାରେ ରହିଥିବା ଏକ ଘରୋଇ ବସର ରୁଟ ପରମିଟକୁ ସ୍ଥାୟୀ କରିଥିବା ନେଇ ଅଭିଯୋଗ କରାଯାଇଛି। ଅନ୍ୟ ପକ୍ଷରେ ହାଇକୋର୍ଟରେ ମାମଲା ରହିଥିବା ବେଳେ ଗଣମାଧ୍ୟମ ସମ୍ମୁଖରେ ଏହିପରି ବିନା ଅନୁମତି ସାର୍ବଜନୀନ କରିବା ନେଇ ଜଗତଜନନୀ ସଂଘ ବିରୋଧରେ କାର୍ଯ୍ୟାନୁଷ୍ଠା ଦାବି କରିଛନ୍ତି ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ। ଆଜି ଜଗତଜନନୀ ବସ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ରାୟ ସାମ୍ବାଦିକ ସମ୍ମିଳନୀରେ ସଂଘର ସମ୍ପାଦକ ବି.ଏସ.ରାମଲୁ ସେନାପତି ଏବଂ ଉପସଭାପତି ଅଜୟ ରାଉତଙ୍କ ଉପସ୍ଥିତିରେ ଅଭିଯୋଗ କରିଛନ୍ତି ଯେ, ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ ତଥା ଜୟପୁର ପୌରାଧ୍ୟକ୍ଷ ନେରେନ୍ଦ୍ର ମହାନ୍ତି ଏକ ଘରୋଇ ବସ (ଓଡି ୨୪ଜେ-୩୫୨୩) ମାଲିକ ଭାବେ ଅସ୍ଥାୟୀ ରୁଟ ପେରମିଟ ମାଧ୍ୟମରେ ବସ ଚଳାଚଳ କରୁଥିଲେ। କିନ୍ତୁ ଏହାକୁ ସ୍ଥାୟୀ କରିବା ନେଇ ସରକାରଙ୍କ ପରିବହନ ନିୟମ ଅନୁଯାୟୀ ଏକ ମାସ ପୂର୍ବରୁ ଆବେଦନ କରିବାର ରହିଛି। କିନ୍ତୁ ଉକ୍ତ ଅସ୍ଥାୟୀ ପେରମିଟ ମିଆଦ ପୂର୍ଣ୍ଣ ହେବା ପରେ ଆବେଦନକାରୀ ବସ ମାଲିକ ତଥା ସଂଘର ସମ୍ପାଦକ ଶ୍ରୀ ମହାନ୍ତି ପରିବହନ ବିଭାଗ ନିକଟରେ ଆବେଦନ କରିଥିଲେ। କିନ୍ତୁ ଏହାକୁ ପରିବହନ ବିଭାଗ ଖାରଜ କରଦେଇଥିଲା। ତେଣୁ ସେ ଦୀର୍ଘ ୧୦୯ ଦିନ ବିଶାଖପାଟଣାରେ ଏକ ଘରୋଇ ଚିକିତ୍ସାଳୟ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଯୋଗୁଁ ନିର୍ଦ୍ଧାରିତ ସମୟରେ ଆବେଦନ କରିପାରିନଥିଲେ ବୋଲି ଅନୁରୋଧ କରିବା ସହ ତାଙ୍କୁ ରୁଟ ପେରମିଟ ଦେବାକୁ ଆବେଦନ କରିଥିଲେ। କିନ୍ତୁ ବିରୋଧି ଜଗତଜନନୀ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇ ପରିବହନ ବିଭାଗ ନିକଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଏଥିନେଇ ବିଭାଗ ପକ୍ଷରୁ କୌଣସ ପଦକ୍ଷପ ଗ୍ରହଣ କରିବା ପୂର୍ବରୁ ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ ଶ୍ରୀ ମହାନ୍ତି ହାଇକୋର୍ଟରେ ନିଜର ସ୍ୱାସ୍ଥ୍ୟ ସମସ୍ୟା ଆଳ ଦେଖାଇ ଆବେଦନ କରିବା ପରେ ହାଇକୋର୍ଟର ନିର୍ଦ୍ଦେଶକ୍ରମେ ତାଙ୍କୁ ରାଜ୍ୟ ପରିବହନ ନିଗମ ପକ୍ଷରୁ ତାଙ୍କ ବସ ଚଳାଚଳ ନେଇ ସ୍ଥାୟୀ ପରମିଟ ପ୍ରଦାନ କରିଥିଲେ ବୋଲି ଜଗତ୍‌ଜନନୀ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ରାୟ ଅଭିଯୋଗ କରିଛନ୍ତି। କିନ୍ତୁ ସେ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ରହିଥିବା ବେଳେ ସେ ଚିକିତ୍ସିତ ହେଉଥିବା ସମୟ ସୀମା ମଧ୍ୟରେ ଜୟପୁର ସହରର ପ୍ରାୟ ୪ରୁ ଅଧିକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ତେଣୁ ମିଥ୍ୟା ଚିକିତ୍ସିତ ହେଉଥିବା ପ୍ରାମାଣପତ୍ର ଏବଂ ମିଥ୍ୟା ସତ୍ୟପାଠ ମାଧ୍ୟମରେ ସ୍ଥାୟୀ ପରମିଟ ହାତେଇଥିବା ଯୋଗୁଁ ତାଙ୍କ ବିରୋଧରେ ହାଇକୋର୍ଟରେ ଜଗତଜନନୀ ସଂଘ ପକ୍ଷରୁ ଅଭିଯୋଗପତ୍ର ଦାଖଲ କରାଯାଇଥିଲା । ଏହାକୁ ହାଇକୋର୍ଟ ଗ୍ରହଣ କରିବା ସହିତ ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ଶୁଣାଣି ନେଇ ତାରିଖ ଧାର୍ଯ୍ୟ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଜୟପୁର ଘୋରଇ ବସ ମାଲିକ ସଂଘର ସମ୍ପାଦକ ଶ୍ରୀ ମହାନ୍ତି କହିଛନ୍ତି ଯେ, ଏହି ମାମଲା କୋର୍ଟରେ ବିଚାରଧିନ ରହିଥିବା ବେଳେ ଏବଂ ଆସନ୍ତା ଶୁଣାଣି ନେଇ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା କୋର୍ଟର ଅବମାନନା। ତେଣୁ ଏହା ବିରୋଧରେ ଉକ୍ତ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସେ କୋର୍ଟର ଆଶ୍ରୟ ନେବେ ଏବଂ ଦାବି ଉପସ୍ଥାପନ କରିବେ।

## ଜଳଭଣ୍ଡାରରେ ବୁଡ଼ି ଜଣେ ମୃତ

କୋରାପୁଟ,୧୨।୨( ସମିସ) କୋଲାବ ଜଳ ଭଣ୍ଡାରରେ ବୁଡି ଭୋଇ ଗୁଡା ଗ୍ରାମର ଡ଼ମ୍ବୁ ଭୋଇ(୫୯)ଙ୍କ ମୃତ୍ୟୁ ଘଟିଛି। ଗତକାଲି ୩ଟା ସମୟରେ ନିଜ ଗ୍ରାମ ଭୋଇଗୁଡା ସ୍ଥିତ କୋଲାବ ଜଳ ଭଣ୍ଡାରକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ଜଳ ଭଣ୍ଡାରରେ ବୁଡି ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେ ବାହାରକୁ ନବାହାରିବାରୁ ଗ୍ରାମବାସୀ କୋରାପୁଟ ସଦର ଥାନା ଓ ଅଗ୍ନିସମ ବିଭାଗକୁ ଖବର ଦେଇଥିଲେ। ସଦର ଥାନା ପୁଲିସ ଉପସ୍ଥିତିରେ ନନ୍ଦପୁର ଅଗ୍ନିଶମ ବାହିନୀଙ୍କ ଦ୍ୱାରା ଆଜି ମୃତଦେହ ଉଦ୍ଧାର କରାଯାଇଥିଲା।ଗାଁରୁ କୋରାପୁଟ ଆସିବାକୁ ରାସ୍ତା ନଥିବାରୁ ଶବ ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ମୃତଦେହକୁ ୮ କିମି ବୋହିକରୀ ଆଣୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ସଦର ଥାନାରେ ୟୁଡି କେସ ନମ୍ବର -୪ ରେ ମାମଲା ରୁଜୁ କରାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ନନ୍ଦପୁର ଅଗ୍ନିଶମ ବିଭାଗ ପକ୍ଷରୁ ଏଏସଓ ହେମନ୍ତ କୁମାର ସାମଲ, ଏଫଏଫଡି ଡି. ବରର୍ତ୍ତୀ ଙ୍କ ସମେତ ଅଗ୍ନିଶମ କର୍ମଚାରୀ ପ୍ରକାଶ କିଶାନ, ଥବିର ଭୋଇ ଓ ରଞ୍ଜନ ମଲ୍ଲିକଙ୍କ ସହଯୋଗରେ ଜଳଭଣ୍ଡାରରୁ ମୃତଦେହ ଉଦ୍ଧାର କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଭାରତ ବନ୍ଦ ପାଳନ













**ନବରଙ୍ଗପୁର,୧୨।୨(ସମିସ):** ନବରଙ୍ଗପୁର ଜିଲ୍ଲାରେ ଗୁରୁବାର ଭାରତ ବନ୍ଦ ପାଳିତ ହୋଇଯାଇଛି । ନବରଙ୍ଗପୁର ଠାରେ କିଛି ଔଷଧ ଦୋକାନ ଖୋଲା ରହିବା ସହିତ ଜରୁରୀକାଳୀନ ସେବା ସ୍ୱାଭାବିକ ରହିଥିବା ବେଳେ ବଳକା ସମସ୍ତ ଦୋକାନ ବଜାର ଚକ ଅଖ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଏପରିକି ବହୁ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଏବଂ ବ୍ୟାଙ୍କ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି । କେନ୍ଦ୍ରୀୟ ଟ୍ରେଡ ୟୁନିଅନ ପକ୍ଷରୁ ଆଜି ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଥିବାବେଳେ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଉମରକୋଟ ସହର ର ରାସ୍ତାଘାଟ ଶୂନଶାନ୍ ହୋଇଯାଇଥିଲା । ରାଜପଥରେ ଗାଡି ଚଳାଚଳ ବନ୍ଦ ରହିଥିବାବେଳେ ବାହାର ରାଜ୍ୟର ଟ୍ରକଗୁଡିକୁ ଅଟକାଇ ଦିଆଯାଇଥିଲା । ଉମରକୋଟ ସହରର ରୁରୁଣା ବସଷ୍ଟାଣ୍ଡ ରାସ୍ତାରେ ଗାଡି ଚଳାଚଳ କରୁନଥିବାବେଳେ ବିଭିନ୍ନ ଶ୍ରମିକ ସଂଗଠନ ଓ କଂଗ୍ରେସ କାର୍ଯ୍ୟକର୍ତ୍ତା ରାସ୍ତାରେ ବିରୋଧ ପ୍ରଦର୍ଶନ କରିଥିଲେ । ଶ୍ରମିକ ସଂଗଠନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ ଓ ବିକ୍ଷୋଭ କରାଯାଇଥିଲା । ଶ୍ରମ ଆଇନରେ ସଂଶୋଧନ, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୫କୁ ପ୍ରତ୍ୟାହାର, ଭିବି-ଜି ରାମଜି ଆଇନ ବଦଳରେ ମନରେଗା ଲାଗୁ, ଚାଷୀ ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ସହ ବିହନ ବିଲ୍ ୨୦୨୫ ପ୍ରତ୍ୟାହାର, ସ୍ୱାମୀନାଥନ କମିସନ ଅନୁସାରେ ଏମ୍ଏସ୍ପି ଲାଗୁ, ସମାନ କାମକୁ ସମାନ ଦରମା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା, ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଦରଦାମ ଓ ବେକାରୀ ନିୟନ୍ତ୍ରଣ, ସାଂପ୍ରଦାୟିକ ବିଦ୍ୱେଷ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି ।

**ମାଲକାନଗିରି :** ଟ୍ରେଡ୍ ୟୁନିୟନର ବନ୍ଦ ଡ଼ାକରାରେ ମାଲକାନଗିରି ଜିଲ୍ଲା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ସକାଳରୁ ହିଁ ବସ ଚଳାଚଳ ବନ୍ଦ ହୋଇଯାଇଥିବା ବେଳେ ଗନ୍ତବ୍ୟ ସ୍ଥଳକୁ ପହଞ୍ଚି ନପାରି ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ସେହିପରି ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ସରକାରୀ, ବେସରକାରୀ ଅନୁଷ୍ଠାନଗୁଡିକ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ମାଲକାନଗିରି ଜିଲ୍ଲାର ସବୁ ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଚାଷୀ, ଶ୍ରମିକଙ୍କ ସମୂହ ସ୍ୱାର୍ଥ ଦୃଷ୍ଟି ରେ ରଖି ୧୦ ଗୋଟି କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ, କର୍ମଚାରୀ ଫେଡେରେସନ, ବିଦ୍ୟୁତ କର୍ମଚାରୀ ଫେଡେରେସେନ ଟ୍ରେଡ଼ ୟୁନିଅନ ଏହି ଧର୍ମଘଟରେ ସାମିଲ ହୋଇଥିଲେ । ଟ୍ରେଡ଼ ୟୁନିଅନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଭାରତ ବନ୍ଦ ଡାକରାକୁ କଂଗ୍ରେସ, ବିଜେଡିର ସମର୍ଥନ ରହିଥିଲା । ମାଲକାନଗିରି ଜିଲ୍ଲାର ୭ଟି ବ୍ଲକ୍ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ସହ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା ।

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମା ଅଲ୍ ଇଣ୍ଡିଆ ଟ୍ରେଡ ୟୁନିୟନ୍ ବନ୍ଦ ଡାକରାରେ ଲକ୍ଷ୍ମୀପୁରରେ ସମ୍ପୂର୍ଣ୍ଣ ପ୍ରଭାବ ପଡ଼ିବା ଦେଖିବାକୁ ମିଳିଛି । ୧୨ ଘଣ୍ଟିଆ ବନ୍ଦ ପ୍ରଭାବ ପଡିଛି । ସକାଳୁ ସବୁ ଦୋକାନ ବଜାର ବନ୍ଦ କରି ରେଳବାଇ ଛକ ଠାରେ ବନ୍ଦ ପାଳନ କରିଥିଲେ । ଟ୍ରେଡ୍ ୟୁନିୟନ୍ ସଦସ୍ୟ ବିରେନ୍ଦ୍ର ମିଣିଆକା ଏବଂ ଅନ୍ୟ ସଦସ୍ୟ ମାନଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିଲା । କଂଗ୍ରେସ ସମର୍ଥନ ଜଣାଇ ସ୍ଥାନୀୟ ବିଧାୟକ ପବିତ୍ର ସାଉଁନ୍ତା ମଧ୍ୟ ଏଥିରେ ସାମିଲ ହୋଇ ବନ୍ଦ ପାଳନକୁ ସଫଳ କରାଇ ଥିଲେ । ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଲକ୍ଷ୍ମୀପୁର ପୁଲିସ ମୁତୟନ ହୋଇଥିଲେ ।

**ପଟାଙ୍ଗି :** କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ଆମ୍ବାବାଲି ଠାରେ ଆଜି ବନ୍ଦ ପାଳନ କରାଯାଇଛି । ପଟାଙ୍ଗି ବ୍ଲକର ଆମ୍ବାବାଲି ଠାରେ ସର୍ବ ଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ ଓ କୃଷକ ସଂଗଠନ ଏଆଇକେଏମଏସ ପକ୍ଷରୁ ମିଳିତ ଭାବେ ଏକ ପଟୁଆର ଆୟୋଜିତ ହେବା ସହ ସ୍ଥାନୀୟ ଜେକେ ସିମେଣ୍ଟ କାରଖାନା ଆଗରେ ପହଞ୍ଚି ଏକ ସଭାର ଆୟୋଜନ ହୋଇଥିଲା । ଏଥିରେ ସିମେଣ୍ଟ କାରଖାନା ଓ ନିକଟସ୍ଥ ଚୂନ ପଥର ଖଣିରେ କାର୍ଯ୍ୟରତ ଶ୍ରମିକ ମାନେ ଓ ବିଭିନ୍ନ ଗ୍ରାମର କୃଷକ ମାନେ ଅଂଶ ଗ୍ରହଣ କରିଥିଲେ । ଏଆଇକେ ଏମଏସର ଜାତୀୟ ସଂପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଆଇଏଫଟିୟୁର ସାନୁ ମାରି, ସିମେଣ୍ଟ କାରଖାନା ଶ୍ରମିକ ସଂଗଠନର ସଭାପତି ପି କ୍ରିଷ୍ଣା, ସମ୍ପାଦକ ଏମ୍ ରାମୁ, ସୁରଙ୍ଗୀ ରାମୁ, ଡି ସୀତାନ୍ନା, ପ୍ରମୁଖ ନେତୃମଣ୍ଡଳୀ ନେଇ ଧର୍ମଘଟରେ ଯୋଗ ଦେଇଥିଲେ ।

**ତେନ୍ତୁଲିଖୁଣ୍ଟି :** ଭାରତ ବନ୍ଦର ପ୍ରଭାବ ଉଭୟ ତେନ୍ତୁଲିଖୁଣ୍ଟି ଏବଂ ଇନ୍ଦ୍ରାବତୀ ସଦର ଠାରେ ଦେଖିବାକୁ ମିଳିଛି । ବନ୍ଦ ପ୍ରଭାବରେ ଇନ୍ଦ୍ରାବତୀ ଠାରେ ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା । ଏଠାରେ ଯାତାୟାତ କରୁଥିବା ଉଭୟ ସରକାରୀ ଏବଂ ବେସରକାରୀ ବସ ସେବା ବନ୍ଦ ହୋଇଥିଲା । ସମସ୍ତ ଚାରିଚକିଆ ଏବଂ ତିନି ଚକିଆ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଇନ୍ଦ୍ରାବତୀ ମୁଖ୍ୟ ଛକ ନିକଟରେ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ କରି ଜଗି ରହିଥିଲେ ସମର୍ଥନକାରୀ । ତେନ୍ତୁଲିଖୁଣ୍ଟି ମୁଖ୍ୟ ଛକ ଠାରେ ମଧ୍ୟ ବନ୍ଦ ରହିଥିଲା ଗମନାଗମନ । ତେନ୍ତୁଲିଖୁଣ୍ଟି ବ୍ଲକ ପାଖ କୁର୍ମାକୋଟ ଛକରେ ବିଭିନ୍ନ ସଂଗଠନ ପକ୍ଷରୁ ଚକ ଅଖ ବନ୍ଦ କରାଯାଇଥିଲା । ଏହାକୁ କଂଗ୍ରେସ ଓ ବିଜେଡି ସମର୍ଥନ ଜଣାଇଛି । ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲ୍ଲା ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ସୁବାଷ କର୍କରା, ପଙ୍କଜ ଖୁରା,ରାଜେଶ, କୃଷ୍ଣ ପାଢ଼ୀ ଏବଂ ବିଜେଡିର ବାରିଜ ପଟ୍ଟନାୟକ, ପିଙ୍କୁ ସାହୁ,ଚପଳ ନାୟକ ପ୍ରମୁଖ ସମର୍ଥନ ଜଣେଇଥିଲେ । ଆନ୍ଦୋଳନ ସ୍ଥାନ ଦେଇ ବାଇକ ମଧ୍ୟ ଚଳାଚଳ କରିପାରିନଥିଲା । ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା । ବନ୍ଦ ସମର୍ଥକ ମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଅନୁଷ୍ଠାନକୁ ଯାଇ ସେଗୁଡିକୁ ବନ୍ଦ କରାଇଥିଲେ । କିଶୋର ମାହାଙ୍କୁଡ,କାଁହୁ ଚରଣ ନାୟକ, ଗୋପୀନାଥ ଗୌଡ଼, ରମେଶ ଡ଼ଙ୍ଗରି, ରବି ହରିଜନ, ଧନୁର୍ଜୟ ଗୌଡ଼, ଟଙ୍କଧର ଗୌଡ଼, ଗଙ୍ଗା ଗୌଡ଼, କୃତିବାସ ପ୍ରଧାନ, ମଧୁବନ ଗୌଡ଼, ଦୁଲଭ ମାଝୀଙ୍କ ସମେତ ଅନ୍ୟ ସମର୍ଥକ ଏହି ବନ୍ଦରେ ସାମିଲ ହୋଇଥିଲେ । ଏହାକୁ ରାଜ ମିସ୍ତ୍ରୀ ସଂଘ, ଖଲାସୀ ସଂଘ, ଶ୍ରମିକ ସଂଘ ସମର୍ଥନ ଜଣାଇ ୧୨ ଘଣ୍ଟିଆ ବନ୍ଦ ଡାକରାରେ ସାମିଲ ହୋଇଥିଲେ ।

**ବିଷମ କଟକ :** ରାୟଗଡା ଜିଲ୍ଲା ବିଷମ କଟକ ଠାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଜିଲ୍ଲାର ୧୦ଟି ବିଭିନ୍ନ ସଂଗଠନ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ବିଷମ କଟକ ମେଡିକାଲ ଛକ ଠାରେ ଶ୍ରମିକ ସଂଗଠନ କର୍ମକର୍ତ୍ତା ମାନେ ପିକେଟିଂ କରି ରାସ୍ତା ଅବରୋଧ କରିଥିଲେ । ଫଳରେ ସହରର ବିଭିନ୍ନ ଦୋକାନ ବଜାର ଓ ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା । ବିଷମ କଟକ ବସଷ୍ଟାଣ୍ଡରେ ବସ୍‌ସେବା ବନ୍ଦ ରହିଥିବା ବେଳେ ଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ବ୍ୟାଙ୍କ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା । ଏ.ଆଇ.ଟି.ଇୟୁ.ସି ରାୟଗଡା ଜିଲ୍ଲା ସଭାପତି ମକର ଲିମା, ଉପସଭାପତି ଅନନ୍ତ କୌଶଲିଆ, କୋଷାଧ୍ୟକ୍ଷ ବିରଞ୍ଚି ଗୌଡ଼, ବେଲାଲସେନ ଉର୍ଲାକା, ଡୁଶା ପାଲକା ,ଆଇଏନ୍‌ଟିୟୁସିର ଜିଲ୍ଲା ଯୁବ ସଭାପତି ବଳରାମ କୌଶଲିଆ ,ବହୁଜନ ସମାଜ ପାର୍ଟୀ ବ୍ଲକ ସଭାପତି ଲଦା ହିକକା, ବିଷମ କଟକ ବ୍ଲକ କଂଗ୍ରସ୍ ସଭାପତି କୃଷ୍ଣ ନାଣକା, କାହ୍ନୁ ପାତ୍ରିକା ସମେତ ବହୁ ସଦସ୍ୟ ଯୋଗଦେଇ ୧୨ ଘଣ୍ଟିଆ ବନ୍ଦକୁ ସଫଳ କରିଥିଲେ ।

**କଲ୍ୟାଣ ସିଂହପୁର :** ଏଆଇସିସିଟିୟୁ , ଏଆଇକେଏମ୍ ତରଫରୁ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଠାରେ ରାସ୍ତା ଅବରୋଧ କରାଯାଇଛି । କଲ୍ୟାଣ ସିଂହପୁର ସିପିଆଇ (ଏମଏଲ) ଲିବରେସନର ବ୍ଲକ ସଭାପତି ରାମ ଚନ୍ଦ୍ର ପ୍ରାସ୍କାଙ୍କ ନେତୃତ୍ୱରେ ଚୈତନ୍ୟ ଗର୍ଡିଆ, ସୁଦ୍ରୁରୁ ମିଣିଆକା, ଦେବେନ୍ଦ୍ର ଲାବିକି, ଘାସିରାମ କରକରିଆ, ଗୁରୁନାଥ ବାଗିରିଆ, ସମ୍ଭୁରୁ କାଡ୍ରାକା, ଲକ୍ଷ୍ମଣ କାଡ୍ରାକା, ସିନାମାଝି ସିର୍କା, ରଘୁ ବାଗିରିଆ ପ୍ରମୁଖ ଉପସ୍ଥିତ ରହିଥିଲେ ।

**ପଦ୍ମପୁର :** ରାୟଗଡ଼ା ଜିଲ୍ଲାର ପଦ୍ମପୁର ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ ଶ୍ରମିକ ସଂଗଠନ ତରଫରୁ ଦେଶବ୍ୟାପୀ ଧର୍ମଘଟ ଓ ହଡ଼ତାଳ କରିବା ଆହ୍ୱାନରେ ଦକ୍ଷିଣ ଓଡିଶା ପାଚିକା ଓ ସହାୟକ ମହାସଂଘ (ଏଆଇସିସିଟିୟୁ) ଓ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ପୂର୍ଣ୍ଣ ସମର୍ଥନ କରି ପଦ୍ମପୁର ସୁନାରିଘାଇ ଛକ ଠାରେ ଟାୟାର ପୋଡାଯାଇ ରାସ୍ତା ଅବରୋଧ କରାଯାଇଥିଲା । ଆନ୍ଦୋଳନରେ ଉର୍ମିଳା ପାଣିଗ୍ରାହୀ, ପାର୍ବତୀ ଶବର, ଶ୍ରିମତୀ ଶବର, ଦେବକୀ ଶବର, ବୁଡୁ ମଣ୍ଡାଙ୍ଗି, ତୁଳସା ନିମାଲା, ବିଜୟ ଶବର, ଶ୍ରୀମତି ଶବର, ମାଥ୍ୟୁ ରଇତ, କର୍ଣ୍ଣଏଲ ଗମାଙ୍ଗ, କେଶବ ମାଝୀ,ଡୁସା ଶବର, ଅର୍ଜୁନ ଶବର, ଭିମ ମାଝୀ, ପାଉଲ ରଇତ, ସାହେବ ଲିମା, ଯୋହନ ମାଝୀ, ଏଲୋ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଗୁଡାରୀ:** ଗୁରୁବାର ଦିନ ଗୁଡ଼ାରୀରେ ୧୨ ଘଣ୍ଟା ଭାରତ ବନ୍ଦ ପାଳନ କରାଯାଇଥିଲା । ଆଇଟିୟୁସି ରାଜ୍ୟ କମିଟି ସଭ୍ୟ ବୃନ୍ଦାବନ ବିଡିକା ଏବଂ ଶତାଧିକ ମହିଳା, ପୁରୁଷ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଯଦି ଏହି ଦାବିଗୁଡିକ ସରକାର ପାଳନ ନ କରନ୍ତି, ତେବେ ଆହୁରି ବଡ ଧରଣର ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହାର ପ୍ରଭାବ ସମ୍ପୂର୍ଣ୍ଣ ରୂପେ ପଡିଛି । ଦୀର୍ଘ ୧୨ ଘଣ୍ଟା ଚକଅଖ ସହ ସମସ୍ତ ପରିଷଦ ଦୋକାନ ବଜାର ବନ୍ଦ ଏବଂ ବାହାରରୁ ଆସିଥିବା ଯାତ୍ରୀ ବନ୍ଦ ପାଳନ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି ।

**ମାଥିଲି :** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଠାରେ ଭାରତ ବନ୍ଦ ପାଳିତ ହୋଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସମ୍ପାଦକ ହଳଧର ପୂଜାରୀଙ୍କ ନେତୃତ୍ୱରେ ମାଥିଲି ଅଞ୍ଚଳରେ ସକାଳୁ ସକାଳୁ ପିକେଟିଂ କରି ଦୋକାମ ବଜାର ଓ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ସହିତ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ଆଜିର ଭାରତ ବନ୍ଦକୁ ଭାରତୀୟ ଜାତୀୟ କଂଗ୍ରେସ ସହିତ ବିଭିନ୍ନ ରାଜନୈତିକ ଦଳ ସମର୍ଥନ କରି ଏହି ବନ୍ଦ ରେ ଯୋଗ ଦାନ କରିଥିଲେ । ଭାରତ ବନ୍ଦରେ ୩୨୬ ଜାତୀୟ ରାଜପଥର ଦୁଇ ପାଶ୍ୱର୍ରେ ଅନେକ ଯାତ୍ରୀବାହୀ ଯାନ ଅଟକି ଥିବାରୁ ଯାତ୍ରୀ ଓ ଯାନବାହନର ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା । ଭାରତ ବନ୍ଦକୁ ସଫଳ କରିବା ପାଇଁ ମାଥିଲି ଅଞ୍ଚଳର ଶହ ଶହ ଆଶା କର୍ମୀ , ଅଙ୍ଗନବାଡି କର୍ମୀ ଓ ପାଚିକା କର୍ମୀ, ହଜାର ହଜାର ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କର୍ମକର୍ତ୍ତା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

**କାଲିମେଲା :** ମାଲକାନଗିରି ଜିଲ୍ଲା କାଲିମେଲା ମୁଖ୍ୟ ଛକଠାରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିବାଦ ସଭା ସହ ଗାଡି ଚଳାଚଳ ବନ୍ଦ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଶ୍ରମିକ ନୀତିକୁ ବିରୋଧ କରି ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଥିଲେ ୧୦ରୁ ଅଧିକ ଶ୍ରମିକ ସଂଗଠନ । ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଦିଆଯାଇଥିଲା ବନ୍ଦ ଡାକରା । ଏହାର କିଛିଟା ପ୍ରଭାବ କାଲିମେଲାରେ ମଧ୍ୟ ଦେଖିବାକୁ ମିଳିଥିଲା । ମାଲକାନଗିର- ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର କାଲିମେଲା ମୁଖ୍ୟ ଛକ ନିକଟରେ ସଂଗଠନ ପକ୍ଷରୁ ଆନ୍ଦୋଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗୋଟିଏ ବେଳ ପାଇଁ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ଦୋକାନ ଚାଳଚଳ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା ।

**ରାମନାଗୁଡ଼ା :** ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ରାମନାଗୁଡ଼ା ଶାଖା ସଭାପତି ଉର୍ମିଳା କଣ୍ଡାଗରୀଙ୍କ ନେତୃତ୍ୱରେ ଏଆଇସିସିଟିୟୁ, ଏଆଇଏଆରଏଲ, ସିପିଆଇ(ଏମଏଲ) ଲିବରେସନ ପୂର୍ଣ୍ଣ ସମର୍ଥନ କରି ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମାରେ ବନ୍ଦ ପାଳନ କରାଯାଇଥିଲା । ମୁଖ୍ୟ ବଜାରରେ ରାୟଗଡା, କଳାହାଣ୍ଡି, ଗୁଣୁପୁର, ବ୍ରହ୍ମପୁର କୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା ଅବରୋଧ କରାଯାଇଥିଲା । ଘଟଣା ସ୍ଥଳରେ ରାମନାଗୁଡ଼ା ଅତିରିକ୍ତ ତହସିଲଦାର ଦୀପା ରାଣୀ ବେହେରା, ଥାନା ଅଧିକାରୀ ସୁନିତା ବେହେରା, ସେକେଣ୍ଡ ଅଫିସର ବାବୁଲା ପ୍ରଧାନ ଏଏସଆଇ ଜଗନ୍ନାଥ ବେହେରା ସଦଳବଳେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏଥିରେ ଦକ୍ଷିଣ ଓଡିଶା ପାଚିକା, ସହାୟିକା ରାମନାଗୁଡ଼ା ଶାଖା ସମ୍ପାଦିକା ଗୀତାଞ୍ଜଳି ପଟ୍ଟନାୟକ, କୈଳାସ ଶବର, ଦାସୁରୁ ବିଡ଼ିକା, ରମେଶ ବିଡ଼ିକା, ପ୍ରଭା ବିଡ଼ିକା, ମଜେଶ ବିଡ଼ିକା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ସାମିଲ ହୋଇଥିଲେ ।

**ଗୁଣପୁର :** ଗୁଣପୁର ସହରର ସମସ୍ତ ଦୋକାନ ବଜାର ଓ ବ୍ୟବସାୟୀକ ପ୍ରତିଷ୍ଠାନ, ସ୍କୁଲ କଲେଜ ଏବଂ ବସ୍ ଚଳାଚଳ ବନ୍ଦ ରହିଥିଲା । ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ ଶ୍ରମିକ ସଂଗଠନ ତରଫରୁ ଦେଶ ବ୍ୟାପି ଧର୍ମଘଟ ଓ ହରତାଳ ଆହ୍ୱାନରେ ଏଆଇସିସିଟିୟୁ ଆଇଏଫଟିୟୁ ଏଆଇକେଏମ ସମର୍ଥନ କରି ଗୁଣପୁର ବାଇପାସ୍ ନାଗଭୂଷଣ ପ୍ରତିମୂର୍ତ୍ତି ଛକ ଠାରେ ଟାୟାର ପୋଡା ଯାଇ ରାସ୍ତା ଅବରୋଧ କରିଥିଲେ । ଏହି ଅବସରରେ ଅନାସିମ ଶବର, ଅର୍ଜୁନ ଗମାଙ୍ଗ, ଗିରି ପଦକା, ନୀରାଜନଂ ନିମାଲା, ବୁଦ୍ଧ ଶବର, ମିନ ଶବର, ସଂଜୀବ ଶବର, ମେରି ଗମାଙ୍ଗ, ଚନ୍ଦ୍ରାବତୀ ଶବର, ଇଲାମି ଶବର, ସଂଜୀବ ଶବର, ତ୍ରିପତି ଗମାଙ୍ଗ, ଉପଦେଷ୍ଟା ଦକ୍ଷିଣ ଓଡିଶା ପାଚିକା ଓ ସହାୟକ ମହାସଂଘଙ୍କ ଉପସ୍ଥିତିରେ ବନ୍ଦ ପାଳନ ହୋଇଥିଲା ।

**ବୈପାରୀଗୁଡା :** ବନ୍ଦର ପ୍ରଭାବ ବୈପାରୀଗୁଡା ଠାରେ ଦେଖିବିକୁ ମିଳିଛି । ବୈପାରୀଗୁଡା ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକରେ ଏ ଆଇୟୁଟିୟୁସି ଏବଂ ଟିୟୁସିସି ପକ୍ଷରୁ ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା ଅବରୋଧ କରାଯାଇଥିଲା । ବନ୍ଦ ପାଳନ ସମୟରେ ବୈପାରୀଗୁଡା ମୁଖ୍ୟ ଛକରେ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ବ୍ୟବସାୟୀ ସଂଘ ସମର୍ଥନ ଦେଇଥିବା ଦେଖିବାକୁ ମିଳିଛି । ଏହି ଅବସରରେ ଏଆଇୟୁଟିୟୁସିର ସୂର୍ଯ୍ୟ ବିଷୋୟୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ସଭାରେ ଏଆଇକେକେଏମ୍‌ଏସର ରାଜ୍ୟ ସଭାପତି ତଥା ସଂଯୁକ୍ତ କିଶାନ୍ ମୋର୍ଚ୍ଚା ରାଜ୍ୟ ଆବାହକ ସଦାଶିବ ଦାସ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଆନ୍ଦାଳନକାରୀଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଟିୟୁସିସିର ଜିଲ୍ଲା ସମ୍ପାଦକ ଶମ୍ଭୁ ପ୍ରସାଦ ମହାନ୍ତି, ମହିଳା ସାଂସ୍କୃତିକ ସଂଗଠନର ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀ ବାରିକ , ଅଗ୍ରଗାମୀ ମହିଳା ସମିତିର ସାଥୀ ଲକ୍ଷ୍ମୀ ଦୋରା, ଏଆଇକେକେଏମ୍‌ଏସର ଜିଲ୍ଲା ସମ୍ପାଦକ ରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

**ବନ୍ଧୁଗାଁ :** କୋରାପୁଟ ଜିଲ୍ଲା ଆନ୍ଧ୍ର ସୀମାନ୍ତ ବନ୍ଧୁଗାଁ ବ୍ଲକରେ ଆଜି ଭାରତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଚାଷୀ ମୂଲିଆ ଆଦିବାସୀ ସଂଘ ଓଡ଼ିଶା, ଅଲ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭା, ଆଲ୍ ଇଣ୍ଡିଆ ଫେଡରେସନ ଅଫ ଟ୍ରଡ ୟୁନିଅନ୍ସ ଡାକରାରେ ବନ୍ଧୁଗାଁ ବ୍ଲକ ଚାଷୀ ମୂଲିଆ ଆଦିବାସୀ ସଂଘର ୫୦୦ରୁ ଅଧିକ ସମର୍ଥକ ରାଜ ରାସ୍ତାକୁ ଆସି ଧର୍ମଘଟ କରିଥିଲେ । ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ସହ ରାସ୍ତାର ଚାରି ଦିଗରେ ଯାନ ବାହନ ଗୁଡିକ ଅଟକି ରହିଥିଲା । ଜଳ, ଜମି, ଜଙ୍ଗଲ, ଖଣି ଆଦି ପ୍ରାକୃତିକ ସମ୍ପଦ ତଥା ବ୍ୟାଙ୍କ, ବିମା, ରେଳବାଇ, ବିମାନ, ବନ୍ଦର, ଶିଳ୍ପ ଆଦି କେନ୍ଦ୍ରୀୟ ଉଦ୍ୟୋଗକୁ ପୁଞ୍ଜିପତି ମାନଙ୍କ ହାତକୁ ଟେକି ଦେଇଛି । ଧର୍ମପୀଠ ମାନ ନିର୍ମାଣ କରି ଦେଶର ବହୁ ସଂଖ୍ୟକ ଜନସାଧାର ଙ୍କ ମଧ୍ୟରେ ଧର୍ମାନ୍ଧତା ଓ ଧର୍ମୀୟ ବିଦ୍ୱେଷ ସୃଷ୍ଟି କରାଯାଉଛି । ଭାରତ ବନ୍ଦରେ ଚାଷୀ ମୂଲିଆ ଆଦିବାସୀ ସଂଘର ଜିଲ୍ଲା ସଭାନେତ୍ରୀ ପାଇଡାମା କଣ୍ଡାଗରି, ମହିଳା ସଭାନେତ୍ରୀ ପିଡ଼ିକା ସୁରିଆମା, ସୀତାନା ହିମିରିକା, ସୁବା ରାଓ କେଣ୍ଟୁ କା, ଶ୍ରିନୁ ମାଣ୍ଡିଙ୍ଗି, ଆଦାନା କାଡ୍ରାକାଙ୍କ ସମେତ ଶତାଧିକ ସମର୍ଥକ ବଡ଼ସରପଲ୍ଲୀ ଛକରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୀତ, ବାଦ୍ୟ ଓ ନାଚ ସହିତ ଧର୍ମଘଟକୁ ସଫଳ କରିଥିଲେ ।









● ବନ୍ଦ ପାଳନ ସ୍ଥାନକୁ ମାଡ଼ିଗଲା ପୁଲିସ ବସ୍

## ଅଳ୍ପକେ ବର୍ତ୍ତିଲେ ଆନ୍ଦୋଳନକାରୀ

**ରାୟଗଡ଼ା,୧୨।୨(ସମିସ):** ରାୟଗଡ଼ା ସହରର ସିରିକଣା ଛକ ଠାରେ ଶ୍ରମିକ ସଂଗଠନ ପକ୍ଷରୁ ଆଜି ଭାରତ ବନ୍ଦ ପାଳନ ସମୟରେ ଏକ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଶତାଧିକ ଲୋକେ ତଥା ଆନ୍ଦୋଳନକାରୀ । ବନ୍ଦ ପାଳନ ଯୋଗୁଁ ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡା-କୋରାପୁଟ ସିରିକଣା ମୁଖ୍ୟ ତିନି କୋଣିଆ ବାଇପାସ ଛକ ଠାରେ ବହୁ ଯାନ ବାହାନ ଅଟକି ଥିବା ବେଳେ ଆଜି ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀଙ୍କ ଏକ ସମାବେଶ କାର୍ଯ୍ୟକ୍ରମରେ ନିୟୋଜିତ ପାଇଁ ରାୟଗଡାରୁ ପୁଲିସ ବସ ଯୋଗେ ଯାଉଥିବା ପ୍ରାୟ ୪୦ଜଣ ପୁଲିସ କର୍ମଚାରୀଙ୍କ ବସଟି ସେଠାରେ ଅଟକିଥିଲା । ତେବେ ଯାନ୍ତ୍ରିକ ତ୍ରୁଟି ତଥା ବ୍ରେକ ଫେଲ ଯୋଗୁଁ ବସଟି ଆଗକୁ ମାଡି ଯାଇଥିଲା । ହଠାତ୍ ବସଟି ଗଡି ଯିବାରୁ ଡ୍ରାଇଭର ଚିତ୍କାର କରି ସମସ୍ତଙ୍କୁ ହଟିବାକୁ କହିଥିବା ବେଳେ ରାସ୍ତାରେ ଉପସ୍ଥିତ ଥିବା ଶତାଧିକ ଆନ୍ଦୋଳନକାରୀ, ଜନସାଧାରଣ କିଛି ବୁଝିବା ଆଗରୁ ସେମାନଙ୍କ ଆଡକୁ ମାଡି ଯାଉଥିଲା । ସମସ୍ତେ ରାସ୍ତାରୁ ହଟି ଯାଇଥିବାରୁ କୌଣସି ବଡ ଅଘଟଣ ହୋଇ ନ ଥିଲା । ଘଟଣା ସ୍ଥଳରେ ଖବର ସଂଗ୍ରହ ପାଇଁ ବହୁ ସାମ୍ବାଦିକ ମାନେ ଏବଂ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମଧ୍ୟ ଉପସ୍ଥିତ ଥିଲେ । ତେବେ ବସଟି ଭାରସାମ୍ୟ ହରାଇ ଗଡି ଯିବା ସମୟରେ ରାସ୍ତା ଉପରେ ଥିବା କିଛି ବାଇକ୍ ଓ ଚେୟାର ଗୁଡିକ ନଷ୍ଟ ହୋଇଛି । ବସଟି ରାସ୍ତା ଉପରେ ଗଡି ଯାଉଥିବା ବେଳେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଗାଡିଟି ରାସ୍ତା କଡ଼କୁ ଯାଇଥିଲା । ଏଭଳି ବସ୍‌ରେ ୪୦ଜଣ ପୋଲିସ କର୍ମଚାରୀ ୨୦୦କିମି ଦୂର ଯାଇଥାନ୍ତେ କିଭଳି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏକ ବଡ଼ ଧରଣର ଅଘଟଣରୁ ଉଭୟ ପୁଲିସ ଓ ଜନସାଧାରଣ ଏବଂ ଆନ୍ଦୋଳନକାରୀ ରକ୍ଷା ପାଇ ଯାଇଥିବା ଜଣାପଡ଼ିଛି ।









# EASTERN INVESTMENTS LIMITED

CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

# ସମ୍ପାଦକୀୟ



ଜାତିପ୍ରଥାର ସମ୍ପୂର୍ଣ୍ଣ ବିଲୋପ ବିନା ସମାଜରୁ ବିଦ୍ୱେଷ ହଟିବ ନାହିଁ।
-ଡ. ବି ଆର ଆମ୍ବେଦକର

ସକାଳ THE SAKALA

## ନକ୍ସଲ୍ ଚିହ୍ନଟ!

ଓଡ଼ିଆ ଲୋକସାହିତ୍ୟରେ ଏକ ପ୍ରବାଦ ଅଛି - ବୁଝିବିଚାରି କାମ କଲେ ପ୍ରମାଦ ନ ପଡ଼ଇ ଭଲେ। ନୂଆ କରି ରାଜ୍ୟର ଶାସନ ଭାର ସମ୍ଭାଳିଥିବା ବିଜେପି ସରକାର ଯଦି ଏ ନୀତି ବାଣୀ ବା ପ୍ରବାଦକୁ ଗୁରୁତ୍ୱ ଦେଉଥା'ନ୍ତେ ତେବେ ଏକାଧିକ ନିଷ୍ପତ୍ତି ଅଦୂରଦର୍ଶୀ ବୋଲି ପରବର୍ତ୍ତୀ ସମୟରେ ପ୍ରମାଣିତ ହେଉ ନ ଥା'ନ୍ତା କିମ୍ବା ସରକାର ଅଡୁଆରେ ପଡୁନ ଥା'ନ୍ତେ। ଭୋଟ ରାଜନୀତି ପାଇଁ ଧାନ ସଂଗ୍ରହରେ ଏମ୍ଏସ୍‌ପି ବାଦ୍ ୮୦୦ ଟଙ୍କାର ଅତିରିକ୍ତ ବୋନସ୍ ଘୋଷଣା କରି ଏବେ ସେଥିରୁ ଓହରି ଯାଉଥିବା ଓଡ଼ିଶା ସରକାରଙ୍କ ପାଇଁ ନକ୍ସଲ୍ ପୁନର୍ବାସ ଓ ଥଇଥାନ ରାଶି ବୃଦ୍ଧି ଘୋଷଣା ପୁଣି ଥରେ ସେଭଳି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଆଗପଛ ଚିନ୍ତା ନ କରି ମାତ୍ରାଧିକ ଉତ୍ସାହିତ ହେବାର ପରିଣତି କିଭଳି ବିଷମ ହୋଇପାରେ ତାହାର ଉଦାହରଣମାନ ଏବେ ଆମ ରାଜ୍ୟରେ ଦେଖାଯାଉଛି।

ଏକଦା ନକ୍ସଲମାନଙ୍କ ହିଂସାତ୍ମକ କାର୍ଯ୍ୟକଳାପ ଶାସନ ପ୍ରଶାସନ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଥିଲା। ନକ୍ସଲ୍ ଅଧ୍ୟୁଷିତ ଅଞ୍ଚଳରେ ଭିତ୍ତିଭୂମି ବିକାଶ, ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ପାଇଁ ପ୍ରୋତ୍ସାହନ ରାଶି, କୋହଳଦଣ୍ଡ ବ୍ୟବସ୍ଥା ସମେତ ନିରନ୍ତର 'କମ୍ବିଂ ଅପରେସନ୍' ପ୍ରଭାବରେ ପ୍ରାୟତଃ ସେହି ସମସ୍ୟା ସମାଧାନ ହୋଇଆସୁଥିବା ବେଳେ ସହାୟତା ରାଶି ଏବେ ଆଉ ଏକ ସମସ୍ୟା ଭବେ ମୁଣ୍ଡ ଟେକିଛି। ପରିସ୍ଥିତି ଏପରି ହୋଇଛି ଯେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ(ଏସ୍ଆଇଆର) ଭଳି ଏବେ ନକ୍ସଲ୍ ଗଣନା ଏକପ୍ରକାର ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି।

ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ନକ୍ସଲ୍‌ମୁକ୍ତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ଯେକୌଣସି କଳ-ବଳ-କୌଶଳ ପ୍ରୟୋଗ କରାଯାଉଛି। ଇତିମଧ୍ୟରେ ଅଧିକ କ୍ରିୟାଶୀଳ ହୋଇଥିବା 'କମ୍ବିଂ ଅପରେସନ୍'ରେ ଅନେକ ଆଗଧାଡ଼ିର 'ମୋଷ୍ଟୱାଣ୍ଟେଡ୍' ନକ୍ସଲ୍ ନେତା ନିହତ ହୋଇଛନ୍ତି। ନକ୍ସଲ ସଂଗଠନ ପାଖରେ ସୁରକ୍ଷିତ ସ୍ଥାନାଭାବ ଏବଂ ଅସ୍ତ୍ରଶସ୍ତ୍ର ସଙ୍କଟ ସୃଷ୍ଟି ହୋଇଥିବାରୁ ଆଉ କିଛି ନକ୍ସଲ୍ ନେତା ଶତାଧିକ କର୍ମୀଙ୍କ ସହ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଉଛନ୍ତି। ଇତିମଧ୍ୟରେ ଆଉ ଦୁଇପାଦ ଆଗକୁ ଯାଇ ଓଡ଼ିଶା ସରକାର ନକ୍ସଲମାନଙ୍କ ପାଇଁ ଉଦ୍ଦିଷ୍ଟ ପୁନର୍ବାସ ଓ ଥାଇଥାନ ନୀତି ଅନୁଯାୟୀ ରାଜ୍ୟ ନିର୍ବିଶେଷରେ କ୍ୟାଡରଭିତ୍ତିକ ପ୍ରୋତ୍ସାହନ ରାଶିକୁ ବହୁଗୁଣା ବୃଦ୍ଧି କରିଛନ୍ତି। କେନ୍ଦ୍ରୀୟ କ୍ୟାଡର(ପଲିଟ୍‌ବ୍ୟୁରୋ) ନକ୍ସଲ ନେତାଙ୍କ ପାଇଁ ପୁରସ୍କାର ରାଶି ୧ କୋଟି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ରାଜ୍ୟ କମିଟି ସଦସ୍ୟଙ୍କ ଲାଗି ୫୫ ଲକ୍ଷ ଟଙ୍କା ଏବଂ ଆଞ୍ଚଳିକ କମିଟି ସଭ୍ୟଙ୍କ ଲାଗି ୩୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଯେଉଁ ନକ୍ସଲ୍ ନେତାଙ୍କ ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଛି ସେମାନେ ଆତ୍ମସମର୍ପଣ କଲେ ୧୦ ଲକ୍ଷ ଟଙ୍କା ନଗଦ ପାଇବେ।

କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଆତ୍ମସମର୍ପଣ କଣ୍ଟ ସରି ଆସୁଥିବା ବେଳେ ବିପୁଳ ପ୍ରୋତ୍ସାହନ ରାଶିରେ ପ୍ରଲୋଭିତ ହୋଇ ଏବେ ଓଡ଼ିଶା ସମେତ ବାହାର ରାଜ୍ୟର ଶହଶହ ନକ୍ସଲ୍ ନେତା ଓ କର୍ମୀ ଓଡ଼ିଶା ପୁଲିସ୍ ପାଖରେ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ ରାଜ୍ୟ ସରକାର ବାଧ୍ୟ ହୋଇ ନୀତିରେ ପରିବର୍ତ୍ତନ କରିଛନ୍ତି। ପୁନର୍ବାସ ପ୍ରୋତ୍ସାହନ ରାଶିରେ ସହସା କୌଣସି ପରିବର୍ତ୍ତନ ହେବାର ସୂଚନା ମିଳି ନଥିଲେ ମଧ୍ୟ ନକ୍ସଲ୍ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଅର୍ଥାତ୍ ଯେଉଁ ନକ୍ସଲ୍‌ମାନେ ଓଡ଼ିଶାରେ ଜନ୍ମ ହୋଇ ଓଡ଼ିଶାରେ ସକ୍ରିୟ ଥିବେ କିମ୍ବା ଓଡ଼ିଶାରେ ଜନ୍ମ ହୋଇ ବାହାର ରାଜ୍ୟ କ୍ୟାଡରରେ ସକ୍ରିୟ ରହିଥିବେ ସେମାନଙ୍କୁ ଓଡ଼ିଶା ସରକାରଙ୍କ ଘୋଷିତ ପ୍ରୋତ୍ସାହନ ରାଶି ମିଳିବ। ଅନ୍ୟରାଜ୍ୟରେ ଜନ୍ମିତ କୌଣସି ନକ୍ସଲ୍ ନେତା ବା କର୍ମୀ ଓଡ଼ିଶାରେ ସକ୍ରିୟ ଥାଇ ଓଡ଼ିଶା ପୁଲିସ୍ ପାଖରେ ଆତ୍ମସମର୍ପଣ କଲେ ମଧ୍ୟ ଓଡ଼ିଶା ସରକାରଙ୍କ ଘୋଷିତ ଉପରୋକ୍ତ ପୁରସ୍କାର ରାଶି ପାଇବେ ନାହିଁ। ପୁରସ୍କାର ରାଶି ଦେବା ପୂର୍ବରୁ କିଏ କେଉଁ ରାଜ୍ୟରେ ଜନ୍ମିତ, କେଉଁ କେଉଁ ଅଞ୍ଚଳରେ ନକ୍ସଲ୍ ସଂଗଠନରେ ସକ୍ରିୟ ରହିଥିଲେ, ଅନ୍ୟ ରାଜ୍ୟ ଦ୍ୱାରା ଘୋଷିତ ପୁରସ୍କାର ରାଶି ପାଇଛନ୍ତି କି ନାହିଁ ସେ ବିଷୟରେ ଓଡ଼ିଶା ପୁଲିସ୍ ବ୍ୟାପକ ଏଣିକି ଯାଞ୍ଚ କରିବ। କିନ୍ତୁ ଏହି ବିପୁଳ ପୁରସ୍କାର ରାଶି ହାତେଇବା ପାଇଁ ଅନେକେ ନିଜକୁ ନକ୍ସଲ୍ କ୍ୟାଡର ବା କର୍ମୀ ଭାବେ ସ୍ୱଘୋଷଣା କରିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ଏପରିକି ପ୍ରୋତ୍ସାହନ ରାଶି ପରିବାରକୁ ଦେଇ ପୁଣି ଥରେ କ୍ୟାଡରରେ ସାମିଲ୍ ହେବାର ଆଶଙ୍କା ମଧ୍ୟ ଏ ପର୍ଯ୍ୟନ୍ତ ଦୂରୀଭୂତ ହୋଇନାହିଁ। ତେଣୁ ଓଡ଼ିଶା ସରକାରଙ୍କ ଏହି ଘୋଷଣା ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

ତେଣୁ ମୋଟ ଉପରେ କହିବାକୁ ଗଲେ ଓଡ଼ିଶା ସରକାର ଏକପ୍ରକାର ନକ୍ସଲ୍ ଚିହ୍ନଟ ଓ ଗଣନା କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ। ଓଡ଼ିଶା ପୁଲିସ୍ ବିଭାଗର ସୀମିତ ମାନବ ସମ୍ବଳ ଦୃଷ୍ଟିରୁ ନକ୍ସଲ୍ କ୍ୟାଡରର ସବିଶେଷ ତଥ୍ୟ ସଂଗ୍ରହ ସହଜ ନୁହେଁ। ହୁଏତ ଏଥିରେ ମଧ୍ୟ ଏସ୍ଆଇଆର ପରି ଭିଟାମାଟି ଓ ପିତାମାତାଙ୍କ ପରିଚୟ ପ୍ରମାଣପତ୍ର, ଏପରିକି ଆଧାର କାର୍ଡ, ପାନ୍ କାର୍ଡ ଆଦିର ଆବଶ୍ୟକତା ମଧ୍ୟ ଉପୁଜିପାରେ। କାରଣ ଆରବିଆଇର ନିୟମ ଅନୁସାରେ ଏତେବଡ଼ ଆକାରର ହସ୍ତାନ୍ତର ବେଳେ ପାନ୍ କାର୍ଡ ବାଧ୍ୟତାମୂଳକ। ପ୍ରଚଳିତ ବିଧିବ୍ୟବସ୍ଥାରେ ଅତିଷ୍ଠ ହୋଇ ହିଂସାତ୍ମକ ପନ୍ଥାକୁ ଆପଣେଇ ନେଇ ବଣଜଙ୍ଗଲରେ ଲୁଚିଛପି ଜୀବନ କାଟୁଥିବା ନକ୍ସଲ୍‌ମାନେ ଯେ ଏସବୁ ପ୍ରମାଣପତ୍ର ଯୋଗ ଯୋଗାଡ଼ କରି ରଖିଥିବେ ଏବଂ ଆଧାର, ପାନ୍ କାର୍ଡ ଆଦି କରିଥିବେ ସେ ସମ୍ଭାବନା ଅତି କମ୍। ତେଣୁ ଏହି ଜଟିଳ ପ୍ରକ୍ରିୟାରେ ଆବଶ୍ୟକ ପ୍ରମାଣପତ୍ର ଅଭାବ କିମ୍ବା ଓଡ଼ିଶା ସରକାରଙ୍କ ପରିବର୍ତ୍ତିତ ନିଷ୍ପତ୍ତିରେ ପୁରସ୍କାର ରାଶି ପାଇବାରୁ ବଞ୍ଚିତ ହେଲେ 'ବ୍ୟବସ୍ଥାରେ ଅନିୟମିତତା' ଅଭିଯୋଗ ଆଣି ନକ୍ସଲ କର୍ମୀଟିଏ ହୁଏତ ପୁଣି ଥରେ ପୂର୍ବରାସ୍ତାକୁ ଫେରିଯାଇପାରେ। ଏଥିରେ ନକ୍ସଲ୍ ପୁନର୍ବାସ ନୀତିର ମୂଳ ଓ ମହତ୍ ଲକ୍ଷ୍ୟ ସୁଦୂର ପରାହତ ହେବା ହିଁ ସାର ହେବ।

ତେଣୁ ପୁନର୍ବାସ ପ୍ରୋତ୍ସାହନ ରାଶିରେ ଆଖିବୁଜା ବୃଦ୍ଧି ବଦଳରେ ସେହି ଅର୍ଥକୁ ସମ୍ପୃକ୍ତ କ୍ୟାଡର ପରିବାରର ଉତ୍ତରପିଢ଼ିର ଭବିଷ୍ୟତ ସୁରକ୍ଷା ଓ ନିଶ୍ଚିତ ରୋଜଗାର ଦିଗରେ ଦୀର୍ଘମିଆଦୀ ସୂତ୍ରରେ ବିନିଯୋଗ କରିବାର ବାଟ ବାହାର କରିଥିଲେ ଅଧିକ ଫଳପ୍ରଦ ହୋଇଥା'ନ୍ତା। ପ୍ରୋତ୍ସାହନ ରାଶିକୁ ନଗଦ ହସ୍ତାନ୍ତର ବଦଳରେ କର୍ମସଂସ୍ଥାନ ସୃଷ୍ଟିରେ ମଧ୍ୟ ବିନିଯୋଗ କରାଯାଇପାରିଲେ ସମାଜର ମୁଖ୍ୟସ୍ରୋତକୁ ଫେରିବାରେ ଏକ ପ୍ରଭାବଶାଳୀ ସନ୍ଦେଶ ନକ୍ସଲ୍ ସଂଗଠନକୁ ଯାଇପାରନ୍ତା ଏବଂ ସେହି ଜରିଆରେ ଆଞ୍ଚଳିକ ବିକାଶ(ନକ୍ସଲ୍‌ମାନଙ୍କ ମୂଳ ଦାବି) ମଧ୍ୟ ସମ୍ଭବ ହୋଇପାରନ୍ତା।

## ସଂସଦର ମର୍ଯ୍ୟାଦା ଅକ୍ଷୁଣ୍ଣ ରହୁ

ଡ. ପ୍ରଦୀପ କୁମାର ନାୟକ



ସଂସଦକୁ ଗଣତନ୍ତ୍ରର ପବିତ୍ର ମନ୍ଦିର କୁହାଯାଏ। ଏହା ଦେଶର ସର୍ବୋଚ୍ଚ ଆଲୋଚନାସ୍ଥଳୀ ଭାବେ ସ୍ୱୀକୃତ। ସଂସଦର ବଜେଟ, ମୌସୁମୀ ଓ ଶୀତକାଳୀନ ଅଧିବେଶନ ଦେଶର ନାଗରିକମାନଙ୍କ ମଧ୍ୟରେ ଗଭୀର ଉତ୍ସୁକତା ଓ ଆଗ୍ରହ ସୃଷ୍ଟି କରିଥାଏ। ସଂସଦୀୟ ଗଣତନ୍ତ୍ରରେ ସରକାର ପ୍ରତ୍ୟେକ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରହିଥା'ନ୍ତି। ତେଣୁ ଲୋକସଭା ଓ ରାଜ୍ୟସଭାରେ ଦେଶର ଯେଉଁ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ସରକାରୀ ଦଳ ଓ ବିରୋଧୀ ଦଳଙ୍କ ମଧ୍ୟରେ ତର୍କ-ବିତର୍କ ଓ ହଟ୍ଟଗୋଳ ସୃଷ୍ଟି ହୋଇଥାଏ ସେଗୁଡ଼ିକ ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଥାଏ। ସଂସଦରେ ସରକାର କେତେକ ବିଲ ବା ଚିଠା ଆଇନ ପାରିତ କରିବାକୁ ଯାଇ ବିରୋଧୀ ଦଳଙ୍କ କଡ଼ା ବିରୋଧର ସାମନା କରିଥା'ନ୍ତି। ତେଣୁ କୌଣସି ଜନହିତକର କିମ୍ବା ଦେଶହିତକର ପ୍ରସଙ୍ଗରେ ଯେଉଁ ଆଲୋଚନା ଓ ତର୍କବିତର୍କ ହୁଏ ସେଥିରେ ଅଂଶଗ୍ରହଣ କରୁଥିବା ସାଂସଦମାନେ ଭଦ୍ରତା ଓ ଶାଳୀନତାର ସୀମା ମଧ୍ୟରେ ରହିବା ନିହାତି ବାଞ୍ଛନୀୟ। କିନ୍ତୁ ବର୍ତ୍ତମାନ କିଛିବର୍ଷ ହେଲା ଉଭୟ ଶାସକ ଓ ବିରୋଧୀ ଦଳଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ବିତର୍କ ହେଲା ବେଳେ ଉଭୟ ଶାସକ ଓ ବିରୋଧୀ ଦଳ ପରସ୍ପର ପ୍ରତି ବ୍ୟକ୍ତିଗତ ଆକ୍ଷେପ, ଚରିତ୍ର ସଂହାର, ବିଦ୍ରୂପ ଓ ତାଚ୍ଛଲ୍ୟ କରିବା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି।

ଭାରତୀୟ ସମ୍ବିଧାନର ଧାରା ୮୫ ଅନୁଯାୟୀ ସଂସଦର ଦୁଇ ଅଧିବେଶନ ମଧ୍ୟରେ ଅନ୍ୟୂନ ଛଅ ମାସ ବ୍ୟବଧାନ ରହିବା ଉଚିତ। ଏହି ବ୍ୟବଧାନ ଉଭୟ ଦଳକୁ ଆଗାମୀ ଅଧିବେଶନ ପାଇଁ ନିଜ ନିଜ ରଣନୀତି ପ୍ରସ୍ତୁତ କରିବା ପାଇଁ ସୁଯୋଗ ଦେଇଥାଏ। ଭାରତୀୟ ସଂସଦର ଅଧିବେଶନମାନଙ୍କର ଅବଧି ପଚାଶ ଓ ଷାଠିଏ ଦଶକରେ ଅପେକ୍ଷାକୃତ ଅଧିକ ଥିଲା। ଅର୍ଥାତ ଲୋକସଭାର ଅଧିବେଶନ ବର୍ଷକୁ ୧୨୧ ଦିନ ଓ ରାଜ୍ୟ ସଭା ୯୪ ଦିନ ଚାଲୁଥିଲା। ଏହି ଅବଧି କ୍ରମେ ହ୍ରାସ ପାଇଲା ଏବଂ ୨୦୦୦ ମସିହା ବେଳକୁ ହାରାହାରି ୭୧ ଦିନରେ ପହଞ୍ଚିଲା। ୨୦୦୮ ମସିହାରେ ସଂସଦର ଉଭୟ ଗୃହର ଅଧିବେଶନର ଅବଧି ସବୁଠାରୁ କମ ଅର୍ଥାତ ହାରାହାରି ୪୬ ଦିନ ଥିଲା। ପଞ୍ଚଦଶ ଲୋକସଭା (୨୦୦୯ -୨୦୧୪) ବେଳେ ଲୋକସଭାର କାର୍ଯ୍ୟକାରିତା ପାଇଁ ନିର୍ଦ୍ଧାରିତ ସମୟର ୪୦% ସମୟ ହୋହାଲ୍ଲା, ବାରମ୍ବାର ମୁଲତବୀ ହେବା ଦ୍ୱାରା ବରବାଦ ହୋଇ ଯାଇଥିଲା। ପଞ୍ଚଦଶ ଲୋକସଭାର ଅଧିବେଶନ ସବୁଠାରୁ ଅଧିକ ବାଧାପ୍ରାପ୍ତ ହୋଇଥିଲା। ୨୦୧୦ ମସିହାରେ ୨-ଜି ଦୁର୍ନୀତି ପ୍ରସଙ୍ଗକୁ କେନ୍ଦ୍ର କରି ଶାସକ ଓ ବିରୋଧୀ ଦଳ ଭିତରେ ଯେଉଁଭଳି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ସେଥିରେ ସଂସଦର ଅଧିବେଶନଗୁଡ଼ିକ ସମ୍ପୂର୍ଣ୍ଣ ଅଚଳ ହୋଇଥିଲା।

'ଏସିଆନ ପାର୍ଲାମେଣ୍ଟାରିଆନ୍ସ ଫର ହ୍ୟୁମାନ ରାଇଟସ' ଦ୍ୱାରା ୨୦୨୧ ରେ ପ୍ରକାଶିତ ପୁସ୍ତିକା 'ପାର୍ଲାମେଣ୍ଟାରିଆନ୍ସ ଆଟ ରିସ୍କ'ରେ ଉଲ୍ଲେଖ ରହିଛି ଯେ କିଛି ଦକ୍ଷିଣ ଏସିଆ ରାଷ୍ଟ୍ରରେ ବିଭିନ୍ନ ଅପରାଧ ରହିଥିବା ଅଭିଯୋଗରେ ଓ ବିଶୃଙ୍ଖଳିତ ଆଚରଣ ପାଇଁ ସାଂସଦମାନଙ୍କୁ ଜେଲ ଯିବାକୁ ପଡ଼ିଥାଏ। କିନ୍ତୁ ଭାରତୀୟ ସଂସଦରେ ହେଉଥିବା ବିତର୍କରେ ଅଂଶଗ୍ରହଣ କରୁଥିବା ସାଂସଦମାନଙ୍କ ପାଇଁ ନିର୍ଭୀକ ଭାବେ ନିଜ ନିଜ ମତବ୍ୟକ୍ତ କରିବାକୁ ସାମ୍ବିଧାନିକ ପ୍ରତିକାର ଦିଆଯାଇଥାଏ। ସମ୍ବିଧାନର ଧାରା ୧୦୫(୧) ସ୍ୱାଧୀନ ଭାବେ ମତ ପ୍ରକାଶ କରିବାର ଅଧିକାର ପ୍ରଦାନ କରିଥାଏ। ସେହିପରି ଧାରା ୧୦୫(୨) ଅନୁଯାୟୀ ସଂସଦର ଗୃହ ମଧ୍ୟରେ ସାଂସଦମାନଙ୍କ ପାଇଁ କୋର୍ଟର ଗିରଫ ପରୱାନା ଲାଗୁ ହୋଇପାରିବନି। ଏହିପରି ପ୍ରତିକାର ଥିବାରୁ ସାଂସଦମାନଙ୍କର ଯେକୌଣସି ତଥ୍ୟ ଉପସ୍ଥାପନ କଲେ କିମ୍ବା କାହା ବିରୁଦ୍ଧରେ ସମାଲୋଚନା କିମ୍ବା ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ନଥାଏ। କିନ୍ତୁ ବିଶୃଙ୍ଖଳିତ ଆଚରଣ ଓ ସଂସଦର ଉଭୟ ଗୃହର ନୀତି ନିୟମ ଭଙ୍ଗ କଲେ ସାଂସଦମାନଙ୍କୁ ଅଧିବେଶନ ସମୟରେ କୌଣସି ବିତର୍କରେ ଅଂଶଗ୍ରହଣ କରିବାର ସୁଯୋଗ ନ ଦେଇ ନିଜ ନିଜ ଗୃହରୁ ସେମାନଙ୍କୁ ନିଲମ୍ବିତ କରା ଯାଇଥାଏ।

ବିଶୃଙ୍ଖଳିତ ଆଚରଣ ପାଇଁ ଲୋକସଭାର ବାଚସ୍ପତି ନିୟମ- ୩୭୩ ଓ ୩୭୪ ଅନୁଯାୟୀ ସାଂସଦମାନଙ୍କୁ ଲୋକସଭାର ଅଧିବେଶନ ଚାଲିଥିବା ଦିନ କିମ୍ବା ଅଧିବେଶନର ପୂରା ଅବଧିରୁ ନିଲମ୍ବିତ କିମ୍ବା ବହିଷ୍କାର କରିପାରନ୍ତି। ସେହିପରି ବିଶୃଙ୍ଖଳିତ ଆଚରଣ ପାଇଁ ରାଜ୍ୟସଭାର ସଭାପତି ସାଂସଦମାନଙ୍କୁ ନିୟମ- ୨୫୫ ଓ ୨୫୬ ଅନୁଯାୟୀ ନିଲମ୍ବିତ ବା ବହିଷ୍କାର କରିପାରିବେ।

ସଂସଦର ଇତିହାସରେ ୧୯୮୯ ମସିହାରେ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଥାକର କମିଶନ ରିପୋର୍ଟ ପ୍ରସଙ୍ଗ ଆଲୋଚନା କାଳରେ ଯେଉଁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ସେଥିରେ ଲୋକସଭାରୁ ୬୩ ଜଣ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା। ୨୦୨୩ ମସିହା ଡିସେମ୍ବର ମାସ ୨୩ ତାରିଖରେ ସଂସଦର ଶୀତକାଳୀନ ଅଧିବେଶନରେ ସଂସଦର ଉଭୟ ଗୃହରୁ ୧୪୬ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା। ଯାହାଫଳରେ ଅଧିବେଶନର କାର୍ଯ୍ୟକାଳ ସମାପ୍ତି ବେଳକୁ କମ୍‌ସଂଖ୍ୟକ ସାଂସଦଙ୍କ ଉପସ୍ଥିତିରେ ଭାରତୀୟ ନ୍ୟାୟ ସଂହିତା ଏବଂ ଅନ୍ୟାନ୍ୟ ଚିଠା ଆଇନ ଅତି କମ ସମୟ ବିତର୍କରେ ପାରିତ ହୋଇଥିଲା। ସେହିପରି ଚଳିତ ବଜେଟ ଅଧିବେଶନରେ ଅର୍ଥାତ ୨୦୨୬ ଫେବୃଆରୀ ୩ ତାରିଖରେ ଲୋକସଭା ବାଚସ୍ପତି ଓମ ବିର୍ଲା ୭ ଜଣ କଂଗ୍ରେସ ସାଂସଦ ଓ ଜଣେ ସିପିଆଇ ସାଂସଦଙ୍କୁ ଲୋକସଭାରୁ ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ନିଲମ୍ବିତ କରିଛନ୍ତି।

ଯେଉଁ ଅଧିକାରୀ ଲୋକସଭାର ବାଚସ୍ପତି କିମ୍ବା ରାଜ୍ୟସଭାର ଅଧ୍ୟକ୍ଷ ପରି ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ରହନ୍ତି ସେମାନେ ଶାସକ ଦଳର ଓ ବିରୋଧୀ ଦଳର ସାଂସଦଙ୍କ ପ୍ରତି ନିରପେକ୍ଷତା ଅବଲମ୍ବନ କରିବା ଉଚିତ। ଏକ ସଂସଦୀୟ ଗଣତନ୍ତ୍ରରେ ଉପଯୁକ୍ତ ଆଇନ ପ୍ରଣୟନ ହେବାକୁ ହେଲେ ଏକ ଦୃଢ଼ ବିରୋଧୀ ଦଳର ଉପସ୍ଥିତି ନିହାତି ଆବଶ୍ୟକ। ନ ହେଲେ ଶାସକ ଦଳ ନିଜ ଇଚ୍ଛାରେ ଅନେକ ଆଇନ ପ୍ରଣୟନ କରିପାରେ, ଯାହାକି ପ୍ରବଳ ଜନଅସନ୍ତୋଷ ସୃଷ୍ଟି କରିବ। ଅନ୍ୟପକ୍ଷରେ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଗଣତାନ୍ତ୍ରିକ ପଦ୍ଧତିରେ ଓ ଶାନ୍ତିପୂର୍ଣ୍ଣ ଢଙ୍ଗରେ ସରକାର ଦ୍ୱାରା ସଂସଦରେ ଉପସ୍ଥାପିତ ଚିଠା ଆଇନମାନଙ୍କୁ ବିରୋଧ କରିବା ଉଚିତ। ଯଦି ସଂସଦରେ ଅନବରତ ହୋହାଲ୍ଲା ଓ ବିଶୃଙ୍ଖଳିତ ଆଚରଣ ଲାଗି ରହେ ତା'ହେଲେ ଏହି ସର୍ବୋଚ୍ଚ ଆଲୋଚନା ଓ ବିତର୍କ ସ୍ଥଳୀ ସଂସଦର ମର୍ଯ୍ୟାଦା କ୍ଷୁଣ୍ଣ ହେବ। ସେଥିପାଇଁ ସମସ୍ତ ସାଂସଦ ସଚେତନ ହେବା ଆବଶ୍ୟକ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ଭୁବନେଶ୍ୱର, ମୋ: ୯୪୩୭ ୬୪୪୩୪୧

## ଭାରତ ଉପରେ ବାଂଲାଦେଶ ନିର୍ବାଚନର ପ୍ରଭାବ

ଡ ସୁଶାନ୍ତ କୁମାର ପରିଡ଼ା

ବାଂଲାଦେଶର ନିର୍ବାଚନ ଆସିଲେ ଭାରତର ରାଜନୈତିକ, କୂଟନୈତିକ ଓ ପ୍ରତିରକ୍ଷା ମହଲରେ ଅନେକ ଆଲୋଚନା ଆରମ୍ଭ ହୋଇଯାଏ। ଅନେକ ଲୋକ ପ୍ରଶ୍ନ କରନ୍ତି 'ଏହା ତ ବାଂଲାଦେଶର ଆଭ୍ୟନ୍ତରୀଣ ମାମଲା, ଭାରତ କାହିଁକି ଏତେ ଚିନ୍ତା କରିବ?' ଏହି ପ୍ରଶ୍ନଟି ସାଧାରଣ ଦୃଷ୍ଟିରେ ସଠିକ୍ ଲାଗିପାରେ, କିନ୍ତୁ ଭୂଗୋଳ, ଇତିହାସ ଓ ବର୍ତ୍ତମାନର ଆଞ୍ଚଳିକ ରାଜନୀତିକୁ ଦେଖିଲେ ବୁଝାଯାଏ ଯେ ବାଂଲାଦେଶର ନିର୍ବାଚନ ଭାରତ ପାଇଁ କେବଳ ପଡ଼ୋଶୀ ଦେଶର ଘଟଣା ନୁହେଁ, ବରଂ ଏହା ଭାରତର ରଣନୈତିକ, ପ୍ରତିରକ୍ଷା, ଅର୍ଥନୀତି, ଭୂଗୋଳ ଓ କୂଟନୈତିକ ପ୍ରସଙ୍ଗ ସହିତ ଜଡ଼ିତ। ସେହିପରି ବାଂଲାଦେଶରେ କିଏ ଶାସନ କରିବେ, ସେଥିରେ ଭାରତର ରୁଚି ରହିବା ସ୍ୱାଭାବିକ।

ଗତ ଦଶକରେ ଶେଖ ହାସିନାଙ୍କ ନେତୃତ୍ୱରେ ଭାରତ-ବାଂଲାଦେଶ ସମ୍ପର୍କ ଅପୂର୍ବ ଉନ୍ନତି କରିଛି। ସୀମା ବିବାଦ ସମାଧାନ, ଆତଙ୍କବାଦ ବିରୋଧୀ ସହଯୋଗ, ଉତ୍ତର-ପୂର୍ବ ଭାରତ ପାଇଁ ଗମନାଗମନ ସୁବିଧା, ବିଦ୍ୟୁତ୍ ଓ ବାଣିଜ୍ୟ ସହଯୋଗ ଆଦି କ୍ଷେତ୍ରରେ ଦୁଇ ଦେଶ ଏକ ନୂଆ ଭରସାର ଅଧ୍ୟାୟ ଖୋଲିଥିଲେ। କିନ୍ତୁ ଶେଖ ହାସିନାଙ୍କ ସରକାର ପତନ ଏବଂ ତାଙ୍କ ଦଳ ଆୱାମି ଲିଗ୍ ଉପରେ ପ୍ରତିବନ୍ଧ ଲାଗିବା ପରେ ବାଂଲାଦେଶର ସଦ୍ୟସମାପ୍ତ ନିର୍ବାଚନ ଓ ନବନିର୍ବାଚିତ ସରକାରର ଲୋକତାନ୍ତ୍ରିକ ଆଭିମୁଖ୍ୟକୁ ନେଇ ସନ୍ଦେହ ଉଠିଛି। ଏହି ପରିସ୍ଥିତିରେ ଆୱାମି ଲିଗ୍ ଅନୁପସ୍ଥିତିରୁ ସୃଷ୍ଟି ହୋଇଥିବା ରାଜନୈତିକ ଶୂନ୍ୟତା ଚୀନ ପାଇଁ ଏକ ରଣନୈତିକ ସୁଯୋଗ ସୃଷ୍ଟି କରିପାରେ। ଏହି ପୃଷ୍ଠଭୂମିରେ ବାଂଲାଦେଶର ନିର୍ବାଚନ ଫଳାଫଳ ଭାରତ ପାଇଁ ଏକ ରଣନୈତିକ ଚିନ୍ତାର ବିଷୟ ହୋଇଛି।

ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରାୟ ୪,୦୦୦ କିଲୋମିଟର ଦୀର୍ଘ ସୀମା ରହିଛି। ଭାରତର ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ତ୍ରିପୁରା, ମିଜୋରାମ ଭଳି ରାଜ୍ୟଗୁଡ଼ିକ ବାଂଲାଦେଶ ସହ ସିଧାସଳଖ ଭାବେ ଜଡ଼ିତ। ଏହି ସୀମାରେଖା ମାନବ ସମ୍ପର୍କ, ବ୍ୟବସାୟ, ଭାଷା, ସଂସ୍କୃତି ଓ ପାରିବାରିକ ସମ୍ପର୍କର ସୀମା। ୧୯୭୧ ମସିହାରେ ବାଂଲାଦେଶର ମୁକ୍ତିଯୁଦ୍ଧରେ ଭାରତର ଭୂମିକା ଐତିହାସିକ। ସେହି ସମୟରେ ଲକ୍ଷାଧିକ ଶରଣାର୍ଥୀ ଭାରତକୁ ଆସିଥିଲେ। ଭାରତୀୟ ସେନାର ସହଯୋଗ ବିନା ବାଂଲାଦେଶର ସ୍ୱାଧୀନତା କଳ୍ପନା କରିବା କଠିନ ଥିଲା। ଏହି ଇତିହାସ ଦୁଇଦେଶର ସମ୍ପର୍କକୁ ଭାବନାତ୍ମକ ଓ ରଣନୈତିକ ଭାବେ ଗଢ଼ିଛି।

ଭାରତ ପାଇଁ ସବୁଠାରୁ ବଡ଼ ଚିନ୍ତା ହେଉଛି ସୁରକ୍ଷା। ଗତ ଦଶକଗୁଡ଼ିକରେ ଉତ୍ତର-ପୂର୍ବ ଭାରତରେ ଯେଉଁ ସଶସ୍ତ୍ର ଆନ୍ଦୋଳନ ଦେଖାଯାଇଥିଲା, ସେଥିରେ ବାଂଲାଦେଶର ଭୂମି ବ୍ୟବହୃତ ହୋଇଥିବା ଅଭିଯୋଗ ଥିଲା। କିଛି ଆତଙ୍କବାଦୀ ଗୋଷ୍ଠୀ ବାଂଲାଦେଶରେ ଆଶ୍ରୟ ନେଉଥିଲେ। ଗତ କିଛିବର୍ଷରେ ଏହି ପରିସ୍ଥିତି ବଦଳିଛି। ଦୁଇ ଦେଶର ସରକାର ମଧ୍ୟରେ ଭଲ ସହଯୋଗ ଯୋଗୁଁ ସୀମା ଆତଙ୍କବାଦ ଓ ଚୋରାଚାଲାଣ ଅନେକ ପରିମାଣରେ କମିଛି। ଏହି ସହଯୋଗ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର କରେ। ତେଣୁ ବାଂଲାଦେଶର ନିର୍ବାଚନ ପରେ ଯଦି ଏକ ଅସ୍ଥିର କିମ୍ବା ଭାରତବିରୋଧୀ ଧାରାର ସରକାର ଆସେ, ତେବେ ଭାରତର ସୁରକ୍ଷା ପୁଣି ଜଟିଳ ହୋଇପାରେ। ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ପାଇଁ ବାଂଲାଦେଶ ଏକ ଜୀବନରେଖା ସମାନ। ସମୁଦ୍ରକୁ ପହଞ୍ଚିବା ପାଇଁ ଏହି ରାଜ୍ୟଗୁଡ଼ିକ ବାଂଲାଦେଶ ଉପରେ ନିର୍ଭରଶୀଳ। ସଡ଼କ, ରେଳପଥ, ବନ୍ଦର ଓ ନଦୀ ପଥ ମାଧ୍ୟମରେ ଭାରତ-ବାଂଲାଦେଶ ସଂଯୋଗ ବଢ଼ିଛି। ଯଦି ବାଂଲାଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୁଏ ତେବେ ଏହି ସଂଯୋଗ ପ୍ରକଳ୍ପ ଅଟକିଯିବ। ଏହାର ପ୍ରଭାବ ସିଧାସଳଖ ଭାବେ ଆସାମ, ତ୍ରିପୁରା, ମିଜୋରାମ ଭଳି ରାଜ୍ୟଗୁଡ଼ିକ ଉପରେ ପଡ଼ିବ।

ଆଜି ଚୀନକୁ ଛାଡ଼ି ଦକ୍ଷିଣ-ଏସିଆର ରାଜନୀତିକୁ ଭାବିବା ସମ୍ଭବ ନୁହେଁ। ଚୀନ ବେଲ୍ଟ ଆଣ୍ଡ ରୋଡ୍ ପ୍ରକଳ୍ପ ମାଧ୍ୟମରେ ବାଂଲାଦେଶରେ ବହୁ ଟଙ୍କା ନିବେଶ କରିଛି। ବନ୍ଦର, ସେତୁ, ରାସ୍ତା ଓ ବିଦ୍ୟୁତ୍ ପ୍ରକଳ୍ପରେ ଚୀନର ଉପସ୍ଥିତି ବଢ଼ୁଛି। ଭାରତ ଭୟ କରେ ଯେ, ଯଦି ବାଂଲାଦେଶ ଅତ୍ୟଧିକ ଭାବେ ଚୀନ ଉପରେ ନିର୍ଭରଶୀଳ ହୁଏ, ତେବେ ଭାରତର ପୂର୍ବସୀମାରେ ରଣନୈତିକ ଚାପ ବଢ଼ିପାରେ। ଏହି ପରିସ୍ଥିତିରେ ବାଂଲାଦେଶର ନିର୍ବାଚନ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱ ନେଇଆସେ। ପୋଷାକ ଶିଳ୍ପ, ବାଣିଜ୍ୟ ଓ ରପ୍ତାନିରେ ବାଂଲାଦେଶ, ଦକ୍ଷିଣ ଏସିଆରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ଭାରତ ଓ ବାଂଲାଦେଶ ମଧ୍ୟରେ ବ୍ୟବସାୟ ପରିମାଣ ଲଗାତାର ବଢ଼ୁଛି। ଭାରତ ବାଂଲାଦେଶକୁ ବିଦ୍ୟୁତ୍ ଯୋଗାଉଛି, ବିଭିନ୍ନ ପ୍ରକଳ୍ପରେ ସହଯୋଗ କରୁଛି। ଏହି ସମ୍ପର୍କ ରାଜନୈତିକ ସ୍ଥିରତା ଉପରେ ଭିତ୍ତି କରିଛି। ନିର୍ବାଚନ ପରେ ଯଦି ଅସ୍ଥିରତା ଆସେ ତେବେ ଏହି ଅର୍ଥନୈତିକ ସହଯୋଗ ବାଧାପ୍ରାପ୍ତ ହୋଇପାରେ।

ବାଂଲାଦେଶର ନିର୍ବାଚନ ନ୍ୟାୟସଂଗତ, ସ୍ୱଚ୍ଛ ଓ ସମାବେଶୀ ହେଉ - ଏହା ଭାରତର ନୀତିଗତ ଆଗ୍ରହ। କିନ୍ତୁ ଏଠାରେ ଏକ ସୂକ୍ଷ୍ମ ସମସ୍ୟା ରହିଛି। ଭାରତ ଯଦି ଅତ୍ୟଧିକ ଭାବେ ମତ ପ୍ରକାଶ କରେ, ତେବେ ତାହାକୁ 'ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ' ବୋଲି ଦେଖାଯାଇପାରେ। ତେଣୁ ଭାରତକୁ ଏକ ସମତୁଳିତ ନୀତି ଅନୁସରଣ କରିବାକୁ ପଡ଼ିବ। ଲୋକତନ୍ତ୍ର ପ୍ରତି ସମର୍ଥନ ଓ ଅହସ୍ତକ୍ଷେପ ନୀତି, ଦୁଇଟିକୁ ସହଯୋଗରେ ନେଇ ଚାଲିବା ଉଚିତ। ଭାରତ ପାଇଁ ସବୁଠାରୁ ଭଲ ନୀତି ହେଉଛି ବାଂଲାଦେଶର ଲୋକଙ୍କ ନିଷ୍ପତ୍ତିକୁ ସମ୍ମାନ କରିବା ସହିତ ନିଜ ସୁରକ୍ଷା ଓ ରଣନୈତିକ ସ୍ୱାର୍ଥକୁ ନଜରରେ ରଖିବା। ଯେକୌଣସି ସରକାର ଆସୁ ତା' ସହିତ କାମ କରିବା ପାଇଁ ଭାରତ ପ୍ରସ୍ତୁତ ରହିବା ଦରକାର। ସହଯୋଗ, ବିଶ୍ୱାସ ଓ ଲୋକସମ୍ପର୍କକୁ ଆହୁରି ମଜବୁତ କରିବା ହେଉଛି ଏହାର ମୁଖ୍ୟ ଉପାୟ। ଏକ ସ୍ଥିର, ଲୋକତାନ୍ତ୍ରିକ ଓ ସହଯୋଗମୂଳକ ବାଂଲାଦେଶ ହେଉଛି ଭାରତ ସହିତ ସମଗ୍ର ଦକ୍ଷିଣ ଏସିଆ ପାଇଁ ଆଶାର ଆଧାର।

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼, ମୋ: ୯୪୩୭୨୧୦୪୫୮

## ଦେବତା ଭାବେ ପୂଜା ପା'ନ୍ତି ପିତାପିମ୍ପୁଡ଼ି ଉରୁମ୍ବାଚନ

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ସନାତନ ସଂସ୍କୃତିରେ ପ୍ରତ୍ୟେକ କ୍ଷୁଦ୍ରାଦିକ୍ଷୁଦ୍ର ଜୀବ ପୂଜନୀୟ। କୀଟପତଙ୍ଗଠାରୁ ଆରମ୍ଭ କରି ପଶୁପକ୍ଷୀ ପର୍ଯ୍ୟନ୍ତ, ସବୁଥିରେ ଭଗବତ୍ ସତ୍ତାର ଉପସ୍ଥିତିକୁ ଉପଲବ୍ଧି କରି ମନୁଷ୍ୟ କାହିଁ କେଉଁକାଳରୁ ଏସବୁକୁ ପୂଜା କରି ଆସୁଛି। ଏହି ଧାରାରେ ଭାରତରେ ଏମିତି କେତେକ ମନ୍ଦିର ଓ ତତ୍‌ସଂଲଗ୍ନ କେତେକ ବିଶ୍ୱାସ ରହିଛି, ଯାହାକି ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ। ଏମିତି ଗୋଟିଏ ମନ୍ଦିର ହେଉଛି ପିମ୍ପୁଡ଼ି ମନ୍ଦିର। ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହି ମନ୍ଦିରରେ ଶତାଧିକ ବର୍ଷ ଧରି ପିମ୍ପୁଡ଼ି ଦେବତା ପୂଜା ପାଇ ଆସୁଛନ୍ତି।

କେରଳର କନ୍ନୁର ଜିଲ୍ଲାସ୍ଥିତ ଥୋତ୍ତାଡ଼ା ନିକଟସ୍ଥ ରୋଡ୍‌ରେ ଏହି ପିମ୍ପୁଡ଼ି ମନ୍ଦିର ଅଛି, ଯାହାକୁ ଉରୁମ୍ବାଚନ ଗୁରୁସ୍ଥାନମ୍ ବୋଲି କୁହାଯାଏ। 'ଉରୁମ୍ବାଚନ'ର ଅର୍ଥ ହେଉଛି 'ପିତା ପିମ୍ପୁଡ଼ି'। ଏଠାକାର ପୂଜାସ୍ଥାନ ମନ୍ଦିର ନୁହେଁ କି କୌଣସି ମୂର୍ତ୍ତି ନାହାନ୍ତି। ବରଂ ଏକ ବିରାଟ ଗୋଲାକାର ପିଣ୍ଡି ବା ଚନ୍ଦିନୀରେ ପ୍ରତୀକାତ୍ମକ ଭାବେ ପ୍ରତିଦିନ 'ପିତା ପିମ୍ପୁଡ଼ି ଦେବତା'ଙ୍କ ଆରାଧନା କରାଯାଏ। ବିଶ୍ୱାସ ରହିଛି ଯେ, ଏଠାରେ ପୂଜାର୍ଚ୍ଚନା କରି ନଡ଼ିଆ ଭୋଗ ଅର୍ପଣ କଲେ ଘରର ଖାଦ୍ୟପଦାର୍ଥକୁ ପିମ୍ପୁଡ଼ି ଦାଉରୁ ଏବଂ ଘରଲୋକଙ୍କୁ ବିଷାକ୍ତ ପିମ୍ପୁଡ଼ି କାମୁଡ଼ାରୁ ସୁରକ୍ଷା ମିଳେ।

ନିକଟରେ ଥିବା 'ଉଦୟମଙ୍ଗଳମ୍' ଗଣପତି ମନ୍ଦିର ସହିତ ଗୁରୁସ୍ଥାନମ୍ ଉତ୍ପତ୍ତିର ସମ୍ପର୍କ ଥାଇପାରେ ବୋଲି ଲୋକୋକ୍ତି ଅଛି। ସ୍ଥାନୀୟ ଜନଶ୍ରୁତି ଅନୁସାରେ ବର୍ତ୍ତମାନ ଯେଉଁ ସ୍ଥାନରେ ଉରୁମ୍ବାଚନଙ୍କ ପୀଠ ଅଛି, ସେଠାରେ ଏକଦା ଗଣେଶ ମନ୍ଦିର ନିର୍ମାଣ ହେବା ପାଇଁ ସ୍ଥିର ହୋଇଥିଲା। ସ୍ଥାନ ଚିହ୍ନିତ ହେବା ପରେ ସେଠାରେ ମନ୍ଦିରର ମାପ କରାଯାଇ କାଠ ଖମ୍ବ ପୋତା ଯାଇଥିଲା। କିନ୍ତୁ ଗୋଟିଏ ରାତି ପରେ ସେଠାରେ ପୋତା ଯାଇଥିବା କାଠଖମ୍ବ ବଦଳରେ ପିମ୍ପୁଡ଼ିର ଗୋଟିଏ ବାଲିସ୍ତୂପ ରହିଥିଲା ଏବଂ ଆଶ୍ଚର୍ଯ୍ୟର କଥା ଯେ ଉକ୍ତ କାଠଖମ୍ବଟି କିଛି ଦୂରରେ ଯାଇ ପଡ଼ିଥିଲା। ସକାଳେ ଲୋକମାନେ ଏଭଳି ଘଟଣା ଦେଖିବା ପରେ ଏହା ଗୋଟିଏ ଦୈବୀ ସଙ୍କେତ ମନେ କରି ସେଠାରେ ଉରୁମ୍ବାଚନଙ୍କ ପାଇଁ କାଠରେ ଏକ ସୁନ୍ଦର ପିଣ୍ଡି ନିର୍ମାଣ କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ ଏବଂ ଯେଉଁଠି କାଠଖମ୍ବ ପଡ଼ିଥିଲା, ସେଠାରେ ଗଣେଶ ମନ୍ଦିର ନିର୍ମାଣ କରାଗଲା। ପ୍ରତିଦିନ ସନ୍ଧ୍ୟା ସମୟରେ ଗୁରୁସ୍ଥାନମ୍ ନିକଟସ୍ଥ ଗୋଟିଏ ଘରର ଯେ କୌଣସି ସଦସ୍ୟ ଗୁରୁସ୍ଥାନମ୍‌ରେ ଘିଅଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରନ୍ତି। ବିଶେଷଭାବେ ସଂକ୍ରାନ୍ତି, ଶିବରାତ୍ରି ଓ କାର୍ତ୍ତିକ ମାସରେ ଏଠାରେ ବିଶେଷ ପୂଜାର୍ଚ୍ଚନା କରାଯାଏ। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ଉରୁମ୍ବାଚନଙ୍କ ପୂଜାର୍ଚ୍ଚନା କରିବା ସହି ନଡ଼ିଆ ଅର୍ପଣ କରିଥା'ନ୍ତି। ଏଠାରେ ପିମ୍ପୁଡ଼ିମାନଙ୍କୁ ମାରିବା ପାଇଁ ବାରଣ ମଧ୍ୟ ରହିଛି। ସମୟକ୍ରମରେ ବର୍ତ୍ତମାନ ଏହି କାଠର ପିଣ୍ଡି ମନ୍ଦିରକୁ ସିମେଣ୍ଟ ଦ୍ୱାରା ଆବୃତ୍ତ କରାଯାଇଛି, ଯାହାକି ପିଣ୍ଡିର ପାରମ୍ପରିକ ସୌନ୍ଦର୍ଯ୍ୟକୁ କିଛି ମାତ୍ରାରେ ନଷ୍ଟ କରିଦେଇଛି।

ଏତଦ୍‌ବ୍ୟତୀତ ହିମାଚଳପ୍ରଦେଶର ମଣ୍ଡି ଜିଲ୍ଲାସ୍ଥିତ କରସୋଗ ଘାଟି ନିକଟସ୍ଥ ଚିନ୍ଦି ଗ୍ରାମରେ 'ଚିନ୍ଦି ମାତା' ନାମକ ଗୋଟିଏ ମନ୍ଦିର ଅଛି। ଏହି ମନ୍ଦିର ମା' ଦୁର୍ଗାଙ୍କ ଉଗ୍ରରୂପ ମା' ଚଣ୍ଡିଙ୍କୁ ସମର୍ପିତ ହୋଇଥିଲେ ମଧ୍ୟ ଲୋକକଥା ଅନୁସାରେ ଏହି ମନ୍ଦିରର ନକ୍ସା ପିମ୍ପୁଡ଼ି ଦ୍ୱାରା ନିର୍ମିତ। ଲୋକକଥା ଅନୁସାରେ ଦେବୀ ମା'ଚଣ୍ଡି 'ଚିଣ୍ଡି'ର ଶୋଭାରାଜିରେ ମୁଗ୍ଧ ହୋଇ ଏଠାରେ ବାସ କରିଥିଲେ। ଏକଦା ଜଣେ ପୂଜାରୀଙ୍କୁ ଦେବୀ ମା' ସ୍ୱପ୍ନାଦେଶ ଦେଇ କହିଥିଲେ ଯେ, ଏହି ମନ୍ଦିରର ନକ୍ସାକୁ ଦେବୀ ସ୍ୱୟଂ ପିମ୍ପୁଡ଼ିମାନଙ୍କ ସେନା ଦ୍ୱାରା ନିର୍ମାଣ କରାଇଛନ୍ତି। ଉକ୍ତ ନକ୍ସା ଅନୁସାରେ ମନ୍ଦିରର ନିର୍ମାଣ ହେବ। ଦେବୀ ମା'ଙ୍କ ଅଦେଶାନୁସାରେ ମନ୍ଦିରର ନିର୍ମାଣ କରାଯାଇଛି। ତେଣୁ ଏଠାରେ ପିମ୍ପୁଡ଼ି ଭଳି ଗୋଟିଏ କ୍ଷୁଦ୍ରଜୀବକୁ ମଧ୍ୟ ପୂଜନୀୟ ବୋଲି ମନେ କରାଯାଏ। ପଥର ଓ କାଠରେ ନିର୍ମିତ ଏହି ମନ୍ଦିର ବହୁଛାତ ବିଶିଷ୍ଟ ଏବଂ ପ୍ରାକୃତିକ ଶୋଭାରାଜି ମନ୍ଦିରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜୁଲାଇ ୧୦ରୁ ସ୍ନାତକ ଓ ସ୍ନାତକୋତ୍ତର ପାଠପଢ଼ା

ଭୁବନେଶ୍ୱର, ୧୨ା୨(ସମିସ): ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚଳିତ ବର୍ଷ ନାମଲେଖା ଆଗୁଆ ହେବ। ଜୁଲାଇ ଦ୍ୱିତୀୟ ସପ୍ତାହରୁ ଶିକ୍ଷାଦାନ ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଯୋଜନା ପ୍ରସ୍ତୁତ କରିଛି। ଏହାକୁ ଦୃଷ୍ଟିରେ ରଖି ସ୍ନାତକୋତ୍ତର ବା ପିଜି ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିପିଇଟି) ମଧ୍ୟ ଆଗୁଆ ଅନୁଷ୍ଠିତ ହେବ। ସ୍ନାତକ ପଢୁଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ମଧ୍ୟ ସଠିକ୍ ସମୟରେ କରି ତ୍ୱରିତ ଫଳ ପ୍ରକାଶ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଜାରି କରିଛି।

ସ୍ନାତକ ପଢୁଥିବା ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଚୂଡ଼ାନ୍ତ ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହେବାରେ ଓ ଫଳ ପ୍ରକାଶ କରିବାରେ ସାଧାରଣତଃ ବିଳମ୍ବ ହୋଇଥାଏ। ଫଳରେ ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟା ଓ ଶିକ୍ଷାଦାନ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ। କୋଭିଡ୍ ସମୟରୁ ଏହି ନାମଲେଖା ଓ ପାଠପଢ଼ା ସମୟ ଚକ୍ରରେ ବିରାଟ ବ୍ୟବଧାନ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ ସେମାନଙ୍କ ଶେଷ

■ ଏପ୍ରିଲ ସୁଦ୍ଧା ପରୀକ୍ଷା ସାରି ଜୁନ୍ ୧ ସୁଦ୍ଧା ଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ
■ ଆଗୁଆ ହେବ ୟୁଜି ଓ ପିଜି ନାମଲେଖା

ସେମିଷ୍ଟାର ପରୀକ୍ଷା ସାରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପ ଭାବେ ପରୀକ୍ଷା ସରିବାର ମାସକ ମଧ୍ୟରେ ଅର୍ଥାତ୍ ଜୁନ୍ ପହିଲା ସୁଦ୍ଧା ପରୀକ୍ଷାଫଳ ପ୍ରକାଶ କରିବେ। ଫଳରେ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ମଧ୍ୟ ଓଡ଼ିଶାର ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ ବୋଲି କୁହାଯାଇଛି। ଏହି ସମୟ ଅବଧି ମଧ୍ୟରେ ଅନ୍ୟ ସେମିଷ୍ଟାର ପରୀକ୍ଷା ମଧ୍ୟ ଅନୁଷ୍ଠିତ କରିବାକୁ କୁହାଯାଇଛି। ଯଦ୍ୱାରା ଶେଷ ସେମିଷ୍ଟାର ପରୀକ୍ଷା ଦେଉଥିବା ପିଲାଙ୍କ ଅନ୍ୟ ସେମିଷ୍ଟାରରେ ବ୍ୟାକ୍ ଲାଗିଥିଲେ ମଧ୍ୟ କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ।

ଅନୁରୂପ ଭାବେ ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି କରିବାକୁ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ପୂର୍ବବର୍ଷ କରି ଚଳିତ ଥର ମଧ୍ୟ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍‌ବି) ପ୍ରବେଶିକା ପରୀକ୍ଷା ପରିଚାଳନା କରିବ। ଆବେଦନ ପୂର୍ବରୁ ସମସ୍ତ ବିଷୟକୁ ସଠିକ୍ ଭାବେ ୱେବସାଇଟ୍‌ରେ ସଂଲଗ୍ନ କରିବା ଓ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ବିଷୟ ତାଲିକା ପ୍ରଦାନ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ସମସ୍ତ ପ୍ରକ୍ରିୟା ସାରିବା ପରେ ପୂର୍ବବର୍ଷ ପରି ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆରମ୍ଭ କରିବାକୁ ବିଭାଗ ଯୋଜନା କରିଛି।

# ରାଜ୍ୟରେ ମାତ୍ର ଗୋଟିଏ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର: ହାଇକୋର୍ଟଙ୍କ ଉଦ୍‌ବେଗ

କଟକ, ୧୨ା୨(ସମିସ): ରାଜ୍ୟରେ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଭିତ୍ତିଭୂମିର ଅଭାବକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରାୟ ୪.୭୦ କୋଟି ଜନସଂଖ୍ୟା ବିଶିଷ୍ଟ ରାଜ୍ୟରେ ମାତ୍ର ଗୋଟିଏ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର ଥିବାରୁ ଅଦାଲତ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ଦୁର୍ବଳ ଖାଦ୍ୟ ପରୀକ୍ଷଣ ବ୍ୟବସ୍ଥା ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାସହ, ରାଜ୍ୟର ପ୍ରତି ଜିଲ୍ଲାରେ ଅତ୍ୟାଧୁନିକ ଖାଦ୍ୟ ନମୁନା ପରୀକ୍ଷଣ ପରୀକ୍ଷାଗାର ସ୍ଥାପନ ସହ ଆବଶ୍ୟକ ବୈଷୟିକ କର୍ମଚାରୀ

**ବ୍ୟକ୍ତିଗତ ହାଜର ହୋଇ କାରଣ ଦର୍ଶାଇବେ ଦୁଇ ସଚିବ**

ନିଯୁକ୍ତି କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମୀରା ପାଣିଗ୍ରାହୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଆସନ୍ତା ଫେବୃଆରୀ ୨୪ ତାରିଖ ଅପରାହ୍ଣ ୨ଟାରେ ଭର୍ଚୁଆଲ ମାଧ୍ୟମରେ ହାଜର ହୋଇ ରାଜ୍ୟରେ ଖାଦ୍ୟ ସୁରକ୍ଷାର ସ୍ଥିତି ଏବଂ ଭିତ୍ତିଭୂମି ଅଭାବର କାରଣ ସମ୍ପର୍କରେ କୋର୍ଟଙ୍କୁ ଅବଗତ କରିବାକୁ ଦୁଇ ସଚିବଙ୍କୁ କୁହାଯାଇଛି। ବର୍ତ୍ତମାନର ଭିତ୍ତିଭୂମି ଖାଦ୍ୟର ମାନ ଯାଞ୍ଚ ଏବଂ ଠିକ୍ ସମୟରେ ରିପୋର୍ଟ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ, ଯାହା ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ ବୋଲି ହାଇକୋର୍ଟ କହିଛନ୍ତି। ପ୍ରକାଶଥାଉକି ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ, ଆଜି ଏହି ମାମଲା ଶୁଣାଣି ବେଳେ ଷ୍ଟେଟ୍ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ (ଏସଏଫଏସଏଲ) ନିର୍ଦ୍ଦେଶକ ଏବଂ ମୁଖ୍ୟ ଖାଦ୍ୟ ନିରାପତ୍ତା ଅଧିକାରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଥିଲେ।


## AFFIDAVIT

By virtue of an affidavit before the **Executive Magistrate, Berhampur, Ganjam, dtd.30.01.2026**, I, JYOTCHNA RANI RATH, W/o Jitendra Kumar Rath, resident of Babajithota Sahi, PO: Berhampur, PS: B.N. Pur, Dist: Ganjam-760001, do hereby declare that I have changed my name from **JYOSNARANI RANI RATH to JYOTCHNA RANI RATH**. Henceforth, I shall be known as **JYOTCHNA RANI RATH** for all purposes.

## AFFIDAVIT

I, Asgar Sek F/o Sk Ibrar Hossain, Resident of Village-Chota Sankarpur, Mozahid Nagar, PS-Purunabazar, Dist-Bhadrak, Pin - 756100,Odisha declare by this affidavit No.182 dtd 11.02.2026 that now onwards I shall be known as **SEK AJAGAR HOSAIN** for all future purposes.

## AFFIDAVIT

I, Bidyadhar Mohanta (Retd), son of Ranajit Mahanta residing at Vill-Sadhupada, PO-Swampatna, PS-Patna,Dist-Keonjhar, Odisha , have changed my name from Bidyadhar Mohanta to Bidyadhar Mahanta vide affidavit dated 19.11.2025 before The Court of Executive Magistrate, Keonjhar (Odisha). Hence both name Bidyadhar Mohanta and Bidyadhar Mahanta are same and one person. Henceforth, I will be known as **Bidyadhar Mahanta** for all purpose.

## AFFIDAVIT

I, Sek Ibrar S/o Sek Ajagar Hosain, Resident of Village - Chota Sankarpur, Mozahid Nagar, PS-Purunabazar, Dist-Bhadrak, Pin - 756100,Odisha declare by this affidavit No.181 dtd 11.02.2026 that now onwards I shall be known as **SK IBRAR HOSSAIN** for all future purposes.

## AFFIDAVIT

I, Bibekananda Kanhar, resident of Barebata, P.O.- Majhipada, P.S.- Phiringia, Dist.- Kandhamal, Odisha-762011 do hereby declare that my minor son's name has been changed from **Soumay Ranjan Kanhar to Soumya Ranjan Kanhar** as per Affidavit no.273 before the **Executive Magistrate, Phulbani, Kandhamal** on **12.02.2026.** Henceforth he shall be known as **Soumya Ranjan Kanhar** for all purposes.

**Sd/- Bibekananda Kanhar**

## AFFIDAVIT

By virtue of an affidavit sworn before Executive Magistrate Kanas. No. 4678, dated 20/12/2025 I, **Sri Arabind Jena,** resident of At-Nuagaon, Po/Ps-Gadisagoda, Block- Kanas, Dist- Puri, Odisha, Pin-752017 declare that I have changed the name of my daughter's from **Eshika Aakruthi Jena** to **Ubi Yuvakshi Jena**. Henceforth, she shall be known as **Ubi Yuvakshi Jena** for all purpose.

**Arabind Jena**

## AFFIDAVIT

I, Rupali Sira, D/o Baldev Sira, resident of Bandaguda, Kotpad, Dist. Koraput, Odisha – 764058, presently residing at Jatabal, Dabugam, Dist. Nabarangpur, Odisha – 764071, hereby declare that I have changed my name from **Rupali Nayak to Rupali Sira** as per affidavit **no. 199** before the **Executive Magistrate, Nabarangpur** on **10.02.2026.** Henceforth, I shall be known as **Rupali Sira** for all purposes.

**Sd/- Rupali Sira**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି 'ସେବାତୀର୍ଥ'...

ସ୍ଥପତି ହର୍ବର୍ଟ ବେକର୍ ୧୯୦୦ ଦଶକର ପ୍ରାରମ୍ଭରେ ଡିଜାଇନ୍ କରିଥିଲେ। ଶୁକ୍ରବାର ଏଠାରେ ସରକାରୀ କାର୍ଯ୍ୟର ଶେଷ ଦିନ ହେବ। ଏହି ନୂତନ ପରିସର ଅତ୍ୟାଧୁନିକ ସୁବିଧା ସୁଯୋଗରେ ସଜ୍ଜିତ ହୋଇଛି, ଯାହା ସରକରୀ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବ ବୋଲି ଆଶା କରାଯାଉଛି। ୧୧୮୯ କୋଟି ଟଙ୍କାରେ ନିର୍ମିତ ଏହି କମ୍ପ୍ଲେକ୍ସ ଭାରତୀୟ ପ୍ରଶାସନିକ ବ୍ୟବସ୍ଥାରେ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି। ୫ ଏକର ପରିମିତ ଅଞ୍ଚଳରେ ଏହା ନିର୍ମାଣ କରାଯାଇଛି।

## ଭାରତ ବନ୍ଦ...

କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡିକ ଏକାଠି ହୋଇ ଏହି ଆନ୍ଦୋଳନକୁ ସ୍ୱାଧୀନ ଭାରତର ସବୁଠାରୁ ବଡ଼ ଆନ୍ଦୋଳନ ବୋଲି କହିଛନ୍ତି।

ବନ୍ଦର ପ୍ରଭାବ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ଦେଖିବାକୁ ମିଳିଥିଲା। ରାଜ୍ୟରେ ଘରୋଇ ସାଧାରଣ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା ବେଳେ ରାସ୍ତାଘାଟ ଶୂନଶାନ୍ ଥିଲା। କିଛି ସ୍ଥାନରେ ଟ୍ରାଫିକ୍ ଏବଂ ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁଁ ପୁଲିସ ସଂଗଠନର କର୍ମକର୍ତ୍ତାମାନଙ୍କୁ ଉଠାଇ ନେଇଥିବା ଅଭିଯୋଗ ହୋଇଛି।

ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର ଭଳି ସହରରେ ଉଣା ଅଧିକେ ବନ୍ଦର ପ୍ରଭାବ ଦେଖାଯାଇଥିଲା। ସକାଳ ୬ଟାରୁ ସଂଗଠନ କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ରାଜରାସ୍ତାକୁ ଅବରୋଧ କରିବା ସହ ସରକାରବିରୋଧୀ ସ୍ଲୋଗାନମାନ ଦେଇଥିଲେ। ବିଭିନ୍ନ ସଂଗଠନ ଓ ମହାସଂଘର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ହରତାଳ କରି ନିଜ ନିଜ ପତାକା ଧରି ରାସ୍ତାକୁ ଓହ୍ଲାଇବା ସହ ସରକାର ଦାବିଗୁଡ଼ିକୁ ତୁରନ୍ତ ମାନି ନେବାକୁ ଆହ୍ୱାନ କରିଥିଲେ। ରାଜଧାନୀ ଭୁବନେଶ୍ୱରରେ ସଂଗଠନଗୁଡ଼ିକର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ୍ ଛକ ବନ୍ଦ କରିବା ସହ 'ଆମ ବସ୍' ଷ୍ଟାଣ୍ଡର ଫାଟକରେ ତାଲା ପକାଇ ଦେଇଥିଲେ। ଜୟଦେବ ବିହାର ଛକରେ ଜାତୀୟ ରାଜପଥକୁ ଅବରୋଧ କରିବା ଦ୍ୱାରା ଚଳଚଳ କରୁଥିବା ରାଜ୍ୟବାହାର ଦୂରଗାମୀ ଟ୍ରକ୍ ଏବଂ ଜରୁରୀକାଳିନ ଯାନଗୁଡ଼ିକର ଲମ୍ବା ଲାଇନ୍ ଲାଗି ଯାଇଥିଲା। ଜୟଦେବ ବିହାର ଅଞ୍ଚଳରେ ଏକ ବରଯାତ୍ରୀ ଗାଡ଼ିକୁ ଆନ୍ଦୋଳନକାରୀମାନେ ଅଟକାଇଥିଲେ। ଏହାପରେ ନିଜେ ବର ଗାଡ଼ିରୁ ଓହ୍ଲାଇ ଆସି ବାହାଘର ପାଇଁ ଛାଡ଼ିଦେବାକୁ ଅନୁରୋଧ କରିବା ପରେ ଧର୍ମଘଟକାରୀ ସେମାନଙ୍କୁ ଛାଡ଼ି ଦେଇଥିଲେ। ପୁଲିସ ଆନ୍ଦୋଳନକାରୀଙ୍କୁ ହଟାଇ ସ୍ଥିତି ସ୍ୱାଭାବିକ କରିଥିଲା। ସରକାର ବିରୋଧୀ ସ୍ଲୋଗାନ କରିବା ପରେ ଧାରଣାରେ କିଛି ଲୋକଙ୍କୁ ପୁଲିସ ଜୋର୍‌ଦବଦସ୍ତି ଉଠାଇ ନେଇଥିବା ଅଭିଯୋଗ ହୋଇଛି। ସେପଟେ ବସ୍ ବନ୍ଦ ଥିବାରୁ ଯାତ୍ରୀମାନେ ନିଜ ଗନ୍ତବ୍ୟସ୍ଥଳରେ ପହଁଞ୍ଚି ନ ପାରି ନାହିଁ ନ ଥିବା ହଇରାଣ ହୋଇଥିଲେ।

## ରାହୁଲଙ୍କ ସଦସ୍ୟତା...

ଚକ୍ରାନ୍ତ ଚଳାଇଛନ୍ତି। ତେଣୁ ତାଙ୍କର ଲୋକସଭା ସଭ୍ୟପଦ ରଦ୍ଦ କରାଯାଉ ବୋଲି ଦୁବେ ତାଙ୍କ ନୋଟିସରେ ଦାବି କରିଛନ୍ତି।

ଦୁବେଙ୍କ ଏହି ନୋଟିସ ବିଚାର ପାଇଁ ଗ୍ରହଣ ହେଲେ ରାହୁଲଙ୍କ ସଭ୍ୟପଦ ପ୍ରତି ପୁଣି ବିପଦ ଦେଖାଦେବ। ଏହାପୂର୍ବରୁ ୨୦୨୩ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ମାନହାନୀ ମାମଲାରେ ରାହୁଲଙ୍କୁ କୋର୍ଟ ଦ୍ୱାରା ଦୁଇବର୍ଷ ଜେଲଦଣ୍ଡ ମିଳିବା ସହିତ ତାଙ୍କର ସାଂସଦ ସଭ୍ୟପଦ ରଦ୍ଦ ହୋଇଥିଲା। ସୂଚନାଯୋଗ୍ୟ ଯେ ଦୁବେ ହେଉଛନ୍ତି ସେହି ସାଂସଦ ଯାହାଙ୍କର ଅଭିଯୋଗ ଆଧାରରେ ୨୦୨୩ରେ ଟିଏମ୍‌ସି ସାଂସଦ ମହୁଆ ମୈତ୍ରଙ୍କ ଲୋକସଭା ସଭ୍ୟପଦ ରଦ୍ଦ କରାଯାଇଥିଲା।

## ବଜେଟ ଖର୍ଚ୍ଚରେ...

ପୁନର୍ବଣ୍ଟନ ପାଇଁ ଅନୁରୋଧ ଆସୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଚିଠିରେ ବିଭିନ୍ନ ଆର୍ଥିକ କାର୍ଯ୍ୟର ପୂର୍ବ ସମୟସୀମା ଏବଂ ସଂଶୋଧିତ ସମୟସୀମାକୁ ତାଲିକାଭୁକ୍ତ କରାଯାଇଛି। ଚଳିତ ଆର୍ଥିକ ବର୍ଷର ଶେଷ ଭାଗରେ ଆର୍ଥିକ କାର୍ଯ୍ୟକ୍ରମର ସମୟସୀମାକୁ ନେଇ ଅର୍ଥ ବିଭାଗ ପୂର୍ବରୁ ୨୦୨୫ ମାର୍ଚ୍ଚ ୩ ଏବଂ ୨୦୨୬ ଜାନୁଆରୀ ୧୭ ତାରିଖରେ ନିର୍ଦ୍ଦେଶ ଜାରି କରିଥିଲା। ମାତ୍ର ବିଭିନ୍ନ ବିଭାଗର ସମସ୍ୟାକୁ ଦୃଷ୍ଟିରେ ରଖି ଏହି ସମୟସୀମାଗୁଡ଼ିକୁ ସଂଶୋଧନ କରାଯାଇଛି। ଅର୍ଥ ମଞ୍ଜୁର ପାଇଁ ନିର୍ଦ୍ଦେଶନାମା ସମୟସୀମା ୨୦୨୬ ଜାନୁଆରୀ ୩୧ରୁ ଫେବୃଆରୀ ୨୭ ତାରିଖକୁ ବୃଦ୍ଧି କରାଯାଇଛି। ସେହିପରି ଅର୍ଥର ପୁନଃ ବିନିଯୋଗ ପାଇଁ ନୂଆ ସମୟସୀମା ଫେବୃଆରୀ ୨୭କୁ ବୃଦ୍ଧି କରାଯାଇଛି। ଖର୍ଚ୍ଚ ହୋଇପାରି ନ ଥିବା ଅର୍ଥର ଫେରସ୍ତ ପାଇଁ ପୂର୍ବ ସମୟସୀମା ଜାନୁଆରୀ ୩୧ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ସମାନ ଭାବେ ଏହାକୁ ଫେବୃଆରୀ ୨୭ ତାରିଖ ଯାଏଁ ବୃଦ୍ଧି କରାଯାଇଛି। ଅନ୍ୟାନ୍ୟ ଦାବିଗୁଡ଼ିକ ପାଇଁ ବିଲ୍ ଦାଖଲର ସମୟସୀମା ମାର୍ଚ୍ଚ ୧୬ ତାରିଖ ଧାର୍ଯ୍ୟ ହୋଇଛି।

## ଆମେରିକାରେ ମୃତ...

କିନ୍ତୁ ସେଠାରେ ବେଗର ସୀମା ୪୦ କିମି ଥିଲା। ଏହି ଘଟଣା ସେତେବେଳେ ଅଧିକ ଚର୍ଚ୍ଚାର ବିଷୟ ପାଲଟିଥିଲା। ଜଣେ ଅନ୍ୟ ପୁଲିସ ଅଧିକାରୀଙ୍କ ବଡ଼ି କ୍ୟାମେରା ରେକର୍ଡିଂରୁ ଜଣାପଡୁଥିଲା ଯେ, ସେ ଜାହ୍ନବୀଙ୍କ ମୃତ୍ୟୁକୁ ନେଇ ହସୁଥିଲେ ଓ କହିଥିଲେ ଯେ, ତାଙ୍କ ଜୀବନର ମୂଲ୍ୟ ସୀମିତ। ଗାଡ଼ି ଚଳାଉଥିବା କେଭିନ ଡେଭଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି ଓ ତାଙ୍କ ଉପରେ ୫, ୦୦୦ ଡଲାରର ଜରିମାନା ଧାର୍ଯ୍ୟ କରାଯାଇଛି। କିନ୍ତୁ ତାଙ୍କ ବରୋଧରେ କୌଣସି ଆପରାଧିକ ମାମଲା ରୁଜୁ କରାଯାଇନାହିଁ। ସେହିପରି ଅପମାନଜନକ ମନ୍ତବ୍ୟ ଦେଇଥିବା ଅଧିକାରୀ ଡାନିଏଲ ଅଡେରର୍‌ଙ୍କୁ ଚାକିରିରୁ ବାହର କରିଦିଆଯାଇଛି। କିନ୍ତୁ ସିଆଟେଲ ଆଣର୍ଣ୍ଣି କହିଛନ୍ତି ଯେ, ଜାହ୍ନବୀଙ୍କ ଜୀବନ ବହୁତ ମୂଲ୍ୟବାନ ଥିଲା ଓ ଏହି ଅର୍ଥ ରାଶି ତାଙ୍କ ପରିବାରକୁ କିଛିମାତ୍ରାରେ ସାନ୍ତ୍ୱନା ଦେବ ବୋଲି ଆଶା କରାଯାଉଛି। ଜାହ୍ନବୀ ଆନ୍ଧ୍ରପ୍ରଦେଶର ବାସିନ୍ଦା ଥିଲେ। ସେ ଆମେରିକାର ସଆଟେଲରେ ମାଷ୍ଟର୍ସ ଡିଗ୍ରୀ ପାଇଁ ପଢୁଥିଲେ।


13001/220/2526

**Bhubaneswar Municipal Corporation**
Phone no. 0674-2431253, e-mail: info@bmc.gov.in

Letter No. 8588 | Date 12.02.2026

**ସର୍ବସାଧାରଣ ବିଜ୍ଞପ୍ତି**

**ପରିମଳ ସେବା ଦେୟ (ୟୁଜର ଫି ) ସଂଗ୍ରହ ସମ୍ପର୍କେ**

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ନାଗରିକ, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ (SWM Rule 2016) ଏବଂ ଭୁବନେଶ୍ୱର ମହାନଗର ନିଗମ ଉପବିଧି ୨୦୧୮ କୁ ଭିତ୍ତିକରି ବର୍ଜ୍ୟ ସଂଗ୍ରହ ନିମନ୍ତେ ପରିମଳ ସେବା ଦେୟ (ୟୁଜର ଫି ) ଆଦାୟ କରାଯାଉଅଛି । ଏହି ୟୁଜର ଫି' ଆଦାୟ କରିବା ପାଇଁ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ସାନିଟାରୀ ଇନ୍ସପେକ୍ଟରମାନେ ଘରକୁ ଘର ଯାଇ ନିର୍ଦ୍ଧାରିତ ଦେୟ କ୍ୟୁଆର କୋର୍ଡ ଏବଂ ୟୁପିଆଇ ID-commissionerbmcacuse.70504260@hdfcbank ମାଧ୍ୟମରେ ସଂଗ୍ରହ କରିଆସୁଅଛନ୍ତି ।

ସୂଚନା ଯୋଗ୍ୟକି; ୟୁଜର ଫି ଦେବା ଦ୍ୱାରା ବିଏମ୍‌ସି ଅଂଚଳର ବର୍ଜ୍ୟ ସଂଗ୍ରହ ତ୍ୱରାନ୍ୱିତ ହୋଇପାରିବ ଏବଂ ଚାଲୁ ରହିଥିବା ସ୍ୱଚ୍ଛ ସର୍ବେକ୍ଷଣର ମାନାଙ୍କ (ପାରା ମିଟର) ଉଚ୍ଚ ହେବାରେ ସହାୟକ ହେବ । ଅନ୍ୟପକ୍ଷରେ, ଭୁବନେଶ୍ୱରର ପରିମଳ ପରିଚାଳନା ଅଧିକ ତ୍ୱରାନ୍ୱିତ ହେବ । ୟୁଜର ଫି ଏକାଥରକେ ଆର୍ଥିକ ବର୍ଷ 2025-26 ପାଇଁ ଆଦାୟ କରାଯାଉଅଛି । ଏଣୁ ବିଏମ୍‌ସି ଅଂଚଳର ପ୍ରତ୍ୟେକ ବାସିନ୍ଦା, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କୁ ଅନୁରୋଧ, ଆପଣମାନେ ନିଜ ନିଜର ୟୁଜର ଫି ଦିଅନ୍ତୁ ଏବଂ ଭୁବନେଶ୍ୱରର ପରିମଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବାରେ ସହଯୋଗର ହାତ ବଢାନ୍ତୁ । ୟୁଜର ଫି ବାବଦରେ ଅଧିକ ବିବରଣୀ ଓ ଧାର୍ଯ୍ୟ ଦେୟ ପାଇଁ ବିଏମ୍‌ସି ୱେବସାଇଟ୍ www.bmc.gov.in କୁ ଅନୁସରଣ କରନ୍ତୁ ।

**ଆପଣଙ୍କ ସହଯୋଗରେ ଗଢିଉଠୁ ସ୍ୱଚ୍ଛ ସବୁଜ ଭୁବନେଶ୍ୱର।**

| ହାତକୁ ହାତ ମିଳାଇ | ଆସ କରିବା ସଫେଇ। |
|---|---|

ନିବେଦନ
ଭୁବନେଶ୍ୱର ମହାନଗର ନିଗମ

OIPR-13001/13002/1/25-26/0024

**'e' PROCUREMENT NOTICE NO.23/ 2025-26** — 25001/134/2526

1. Name of work. : Road Work
2. Total No. of Work. : 1(One) work.
3. Estimated Cost. : Rs.55.97 lakhs.
4. Period of Completion. : 01(One) Calendar Month.
5. Class of contractors. : 'B' Class only.

**Other details as follows:**

a) Procurement officer. : Superintending Engineer, Rural Works Division,Cuttack.
b) Availability of tender online for bidding : From dt.16.02.2026 at 11.00 A.M. to dt.26.02.2026 up to 5.00 P.M.
c) Last date & time of seeking of tender clarification. : dt.25.02.2026 up to 5.00 P.M..
d) Date & Time of Opening Technical Bid : dt.27.02.2026 at 11.00 A.M.

Further details can be seen from the Govt. website www.tenderodisha.govin

Superintending Engineer
Rural Works Division
Cuttack

OIPR-25001/25053/1/25-26/0019

## WANTED

A well-established firm invites applications for the following positions:

**1. Senior Accountant - (1 No.)**
Experience : 10 yrs. above

**2. Junior Accountant - (1 No.)**
Experience : 2-5 yrs. above

**3. Supervisor - (2 Nos.)**
Experience : 2-5 yrs. above

**4. Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com

Contact
7978386707

25001/154/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK
E-mail: ee_rwbdk@yahoo.com
"e" Procurement Notice for Road Works
Bid Identification No. Online Tender 18 of 2025-26

1. Name of the Work :- Roads
2. Total No of Works :- 5 Nos
3. Estimated Cost :- Rs.14.62 Lakh to Rs.19.49 Lakh
4. Class of Contractor :- "C" &, "D" Class
5. Period of Completion :- As per Annexure
6. Type of Tender :- Single Cover
7. Other Details :-

| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-18 of 2025-26 | 16.02.26 At- 11.00 A.M | 20.02.26 At- 4.00 P.M | 20.02.26 At-2.00 P.M | 21.02.26 At- 11.00 A..M. |

Further details can be seen from the e-procurement portal "https://tendersorissa.gov.in "

Sd/-Er.Ganesh Chandra Hembram
Executive Engineer,
R.W. Division, Bhadrak

OIPR-25001/25060/1/25-26/0001

13001/208/2526

ପୌରପରିଷଦ କାର୍ଯ୍ୟାଳୟ: ଜୟପୁର
OFFICE OF THE MUNICIPAL COUNCIL : JEYPORE
Email: ulbjeypore@gmail.com

Letter No. 743/JM | Date 10.02.2026

**QUOTATION CALL NOTICE**

**For Engagement of Agency in Jeypore Municipality for Uploading of Legacy Data on Urban Project Management System (UPMS)**

Sealed Quotation(s) are invited from interested and eligible agencies/firms for engagement on a purely temporary and time-bound basis for uploading of legacy data on the Urban Project Management System (UPMS) portal.

| Sl. No. | Particulars | Details |
|---|---|---|
| 01 | Availability of quotation | Download from www.jeyporemunicipality.in & www.koraput.odisha.gov.in |
| 02 | Date of commencement of availability of quotation on website | 11/02/2026 |
| 03 | Last date and time for submission of Quotation | 19/02/2026 |
| 04 | Date, time and place of opening of Quotation | 19/02/2026 at 5.00 PM Municipal Office, Jeypore |

Any change / correction / corrigendum, if any, in respect of the above shall be notified only through the official websites. No separate communication shall be made in this regard.

Executive Officer,
Jeypore Municipality

OIPR-13001/13079/1/25-26/0021

13001/205/2526

**OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA**
Phone / FAX :- 0674-2540578 (O) / e-Mail: eephiiibbsr@gmail.com
**Government of Odisha "e" Procurement Notice**
**Bid Identification No. 78 /2025-26**

| Sl. No. | Particulars | Details |
|---|---|---|
| 1. | Name of the work | 01 No. of work |
| 2. | Estimated cost | 15.30 Lakh. |
| 3. | Period of completion | One month. |
| 4. | Date & Time of availability of bid document in the portal | From **11.00 AM of 12.02.2026** to **5.00 PM of 21.02.2026** |
| 5. | Last date / time for receipt of bids in the portal | **5.00 PM of 21.02.2026** |
| 6. | Name and address of the Officer inviting Bid | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Superintending Engineer,
P.H. Division, Bhubaneswar

OIPR-13001/13258/1/25-26/0001

32001/83/2526

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
Ph.: 06769-270771, Email ID: eerlbcdivision@gmail.com
**e-PROCUREMENT NOTICE No. RLBCD-P1-12/2025-26**

| | | |
|---|---|---|
| 1 | Category of Work | **"Civil Construction Works".** |
| 2 | Total No. of Works | **02 (Two) Nos of work.** |
| 3 | Estimated Cost | **Varies From Rs.21.50 Lakhs to Rs.12.64 Lakhs** |
| 4 | Period of Completion | **30 Days** |
| 5 | Class of Contractor | **Varies From "B' Class & 'C' Class and "C" & "D"**(Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | **Rs. 6,000/-** (Non-Refundable) Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | **Varies From Rs. 21,500/- to Rs.12,640/-** Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | **16.02.2026 from 10.00 Hours to 26.02.2026 up to 17.00 Hours.** |
| | (iii).Date, time & venue of Bid Opening (Online) | **On Dt.27.02.2026 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | **On Dt.11.03.2026 at 11.00 Hours (Tentative Date)** in the O/o the Superintending Engineer, Rengali Left Bank Canal Division, Kamakhyanagar. |

Further details can be seen from the Government of Odisha website: https://tendersodisha.gov.in

Superintending Engineer
R.L.B Canal Division
Kamakhyanagar

OIPR-32001/32298/1/25-26/0001

**THE ORISSA MINERALS DEVELOPMENT COMPANY LTD.**
(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001.
Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF UNAUDITED STANDALONE FINANCIAL RESULTS FOR THE PERIOD ENDED 31st DEC'2025 - IND-AS COMPLIANT**

(Rs.in Lakhs)

| SL. NO. | PARTICULARS | Period Ended 31.12.2025 (Reviewed) | Period Ended 31.12.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation / Other Income | 6,855.69 | 5,975.83 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 635.01 | (926.97) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 635.01 | (926.97) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 469.91 | (876.55) | (4,840.40) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 469.91 | (876.55) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (4,747.89) | (2,010.41) | (5,217.81) |
| 8 | Net Worth | (4,687.89) | (1,950.41) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | 7.83 | (14.61) | (67.04) |
| | 2. Diluted | 7.83 | (14.61) | (67.04) |

1. The above results of the Company were approved by the Board of Directors at their respective meetings held on 11th February'2026.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: **www.birdgroup.co.in,** the NSE **(www.nseindia.com),** the BSE **(www.bseindia.com)** and the CSE **(www.cse-india.com)**

For and on behalf of the Board of Director
Sd/-
**(Vasudha Chandra Suratkal)**
Managing Director

**Place:** Bengaluru
**Date:** 11th February' 2026

**OFFICE OF THE DIVISIONAL FOREST OFFICER, BOLANGIR FOREST DIVISION** — 8001/63/2526
INFRONT OF HEAD POST OFFICE, BOLANGIR, ODISHA - 767001
E-mail ID: dfo.bolangir@odisha.gov.in / dfo-balangir@nic.in, Phone No. 06652-295134

**TENDER CALL NOTICE FOR HIRING VEHICLE**

Sealed tenders are invited from interested Reputed Travel Agencies/ Tour Operators or private individuals for providing 18 (Eighteen) Nos. of Vehicle (BS VI compliant Diesel driven AC/ Non-AC) vehicles having sitting capacity not more than seven including driver (Bolero-Neo, Bolero- B6 Opt, Bolero- B6 and other same segment vehicles), which shall confirm to the Terms and Conditions (Annexure-III) for official use at Bolangir Forest Division on monthly rent basis so as to reach in the O/o the Divisional Forest Officer, Bolangir Forest Division, from 16.02.2026 and to reach on or before **25.02.2026 up to 5.00 P.M.** through Registered/Speed Post/Courier Service and can also be dropped in the "Tender Box placed in the Office of the Divisional Forest Officer, Bolangir Forest Division. The tenders will be opened in the same office on 26.02.2026 at 3.30 P.M. The Standard Bidding Document and Terms and Conditions can be downloaded from **https://balangir.nic.in** and also can be obtained from the Office of the **Divisional Forest Officer, Bolangir Forest Division, Bolangir from 16.02.2026 to 25.02.2026** during office hours.

Divisional Forest Officer,
Bolangir Forest Division

OIPR-8001/8061/1/25-26/0001

# ମାର୍ଚ୍ଚ ୨୩ରୁ ମାଁ ଜଗଜ୍ଜନନୀଙ୍କ ଯାତ୍ରା ଆରମ୍ଭ



ଉମରକୋଟ,୧୨।୨(ସମିସ): ଉମରକୋଟର ପ୍ରସିଦ୍ଧ ମାଁ ଜଗଜ୍ଜନନୀଙ୍କ ନବ ଦିନାତ୍ମକ ଠାକୁରାଣୀ ଯାତ୍ରା ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସୂଚାରୁ ରୂପେ ଯାତ୍ରା ସମ୍ପନ୍ନ ପାଇଁ ଝରିଗାଁ ରୋଡ୍‌ରେ ଥିବା ମାଁ ମଙ୍ଗଳାଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ସଭା କରାଯାଇଥିଲା। ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସାରିବା ପାଇଁ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ବିନୋଦ କେଶରୀ ସିଂ, ଉପସଭାପତି ଭାବେ ପି.ଆଶିଷ ରାଓ , ସମ୍ପାଦକ ଭାବେ କାଉନ୍‌ସିଲ ମନୋଜ କୁମାର ନାୟକ କୋଷାଧ୍ୟକ୍ଷ ଭାବେ ନେତ୍ର ହରିଜନଙ୍କୁ ମନୋନୀତ କରାଯାଇଛି। ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ଏକ ବିରାଟ ଶୋଭାଯାତ୍ରାରେ ମଙ୍ଗଳା ମନ୍ଦିର ଠାରୁ ବାହାରି ଜଗନ୍ନାଥ ମନ୍ଦିର ନିକଟରେ ଥିବା ମାଁଙ୍କ ବାପ ଘରକୁ ଆସିବେ। ପରଦିନ ବିଶ୍ରାମ ନେଇ ୨୫ ତାରିଖରୁ ମା'ଙ୍କ ଘଣ୍ଟ ସହର ପରିକ୍ରମା କରିବ ବୋଲି ବୈଠକରେ ସ୍ଥିର ହୋଇଛି। ଯାତ୍ରା କମିଟି ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ବାଳକୃଷ୍ଣ ପାତ୍ର ଓ ପେଣ୍ଡ୍ରାଣୀ ମାଁ ଙ୍କ ଶିରା ବଲ୍ଲଭ ମାଳିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପୂର୍ବତନ ଯାତ୍ରା କମିଟି ସଭାପତି ପୀ.ରାବଣା ରାଓ, ମଙ୍ଗଳା ମନ୍ଦିର ପୂଜକ ଭୁବନ ପୂଜାରୀ, ଚୂଡାମଣି ମାଳି, କାଉନସିଲର ସାଇ ନାରାୟଣ ପାଢ଼ୀ, ପୁରୋହିତ ସତ୍ୟ ମିଶ୍ର, ଅଶୋକ ବେବର୍ତ୍ତା, ଜଟି ପଟ୍ଟନାୟକ, ବିଶ୍ୱନାଥ ପ୍ରତାପ ସିଂ, ତ୍ରିନାଥ ପରିଚ୍ଛା, ରବି ନନ୍ଦ, ବିକି ସିଂ, ବିକି ବାଗ ଓ ସନ୍ତୋଷ ନାୟକଙ୍କ ସହ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନବରଙ୍ଗପୁର ଗସ୍ତ ଆଜି

# ନୂତନ ମେଡିକାଲ କଲେଜର ହେବ ଭିତ୍ତିପ୍ରସ୍ତର ସ୍ଥାପନ

ନବରଙ୍ଗପୁର,୧୨।୨(ସମିସ): ଆସନ୍ତାକାଲି (୧୩ ତାରିଖ) ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସିବେ। ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟମନ୍ତ୍ରୀ ଗସ୍ତ କାର୍ଯ୍ୟକ୍ରମ ନେଇ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲ୍ଲା ଗସ୍ତ କରି ନୂତନ ମଣ୍ଡେଇ ପଡିଆ ହିର୍ଲି ଠାରେ ଆୟୋଜିତ ସଭାରେ ସରକାରଙ୍କ



'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ କରିବା ସହ ନବରଙ୍ଗପୁର ନିକଟବର୍ତ୍ତି ପଡ଼ାଲଗୁଡାଠାରେ ୫୦ ଏକର ୫୪ ଡିସିମିଲ ଜମିରେ ନିର୍ମାଣ ହେବାକୁ ଥିବା ନୂତନ ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହା ସହିତ ଜିଲ୍ଲାରେ ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିଭାଗୀୟ ଉନ୍ନତିମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦ୍‌ଘାଟନ କରିବେ। "ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ବରିଷ୍ଠ ନାଗରିକ,(୬୦ରୁ ୭୫ ବର୍ଷ ବୟସ) ଓ ୭୫ ବର୍ଷ ବୟସ ମଧ୍ୟରେ ସମସ୍ତ ବିଧବା ମହିଳା ପୁରୀ ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ। ରାଜ୍ୟ ସରକାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ଭକ୍ତ ମାନଙ୍କର ଯାତାୟାତ ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥାର ସମସ୍ତ ଖର୍ଚ୍ଚ ବହନ କରିବେ। ଆସନ୍ତାକାଲି ୪ଟି ବସ୍ ଯୋଗେ ୧୪୮ ତୀର୍ଥଯାତ୍ରୀ ଏବଂ ୧୨ ଜଣ ନୋଡାଲ ଅଧିକାରୀ ପୁରୀ ଅଭିମୁଖେ ଯାତ୍ରା କରିବେ। ନୂତନ ସରକାରୀ ମେଡିକାଲ କଲେଜ ସ୍ଥାପନ ହେଲେ ନବରଙ୍ଗପୁର ଜିଲ୍ଲା ଓ ନିକଟବର୍ତ୍ତୀ ଜିଲ୍ଲାର ଜନ ସାଧାରଣ ଉଚ୍ଚମାନର ଚିକିତ୍ସା ସେବା ପାଇପାରିବେ ବୋଲି ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ସୂଚନା ଦେଇଥିଲେ।

## ■ ଦେଓପାଲି ଉଚ୍ଚ ବିଦ୍ୟାଳୟକୁ ପ୍ରଶଂସା

# ଶିକ୍ଷକ ପଦ ପୂରଣ ଓ ନେଟୱର୍କ ବ୍ୟବସ୍ଥା ପାଇଁ ଦାବି

ତେନ୍ତୁଳିଖୁଣ୍ଟି, ୧୨।୨ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଉନ୍ନତ ଶିକ୍ଷା ଏବଂ ପରିବେଶ ଅଭିଭାବକ ମହଲରେ ପ୍ରଶଂସା ସାଉଁଟୁଛି। ବିଦ୍ୟାଳୟ ପରିବେଶ ପାର୍କ ସଦୃଶ ହୋଇ ସଜ୍ଜିତ ହୋଇଥିବା ବେଳେ ଶିକ୍ଷା ଭିତ୍ତିଭୂମି ମଧ୍ୟ ଉନ୍ନତ ମାନର ହୋଇଛି । ଶିକ୍ଷା ବିଭାଗ ତରଫରୁ ଉପାନ୍ତରୁ ଶିକ୍ଷାର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ରହିଥିବା ବେଳେ ଏହି ବିଦ୍ୟାଳୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଏବଂ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟ ପ୍ରତି ଭଲପାଇବା ଏବଂ ଆନ୍ତରିକତା ପ୍ରତୀୟମାନ ହେଉଛି। ଉପାନ୍ତର ଏହି ବିଦ୍ୟାଳୟ ଯେଉଁଠି ଅବସ୍ଥାପିତ, ସେଠାରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ବୁଝାଇ ଶତ ପ୍ରତିଶତ ସାକ୍ଷରତା ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଏହି ବିଦ୍ୟାଳୟରେ ୩୫୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଗତ ବର୍ଷ ଏହି ବିଦ୍ୟାଳୟରୁ ୧୨ଜଣ ଏବଂ ଚଳିତ ବର୍ଷ ୫ ପରୀକ୍ଷାର୍ଥୀ ବ୍ଲକ୍‌ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ କରିଛନ୍ତି । ପାହାଡିଆ ଅଞ୍ଚଳରେ ରହୁଥିବା ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ବ୍ଲକ ସ୍ତରରେ ପ୍ରଶଂସିତ କରାଇବା ସହ ବିଦ୍ୟାଳୟର ସୁନାମ ଅର୍ଜନରେ ଶିକ୍ଷକଙ୍କ ଭୂମିକା ମଧ୍ୟ ପ୍ରଶଂସନୀୟ ହୋଇଛି। ଏହା ବ୍ୟତୀତ ଜିଲ୍ଲା ଏବଂ କ୍ଲଷ୍ଟରସ୍ତରୀୟ ସୁରଭି, ବିଜ୍ଞାନ ପ୍ରତିଯୋଗିତା, ଏନ୍‌ଆରଟିଏସ ପରୀକ୍ଷାରେ ଏହି ଉପାନ୍ତ ବିଦ୍ୟାଳୟରର ଛାତ୍ରଛାତ୍ରୀ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ପ୍ରଶଂସିତ ଏହି ବିଦ୍ୟାଳୟରେ ନେଟୱର୍କ ବ୍ୟବସ୍ଥା ନାହିଁ । ଦେଶ ସ୍ୱାଧୀନତାର ପ୍ରାୟ ୭୯ ବର୍ଷ ପରେ ମଧ୍ୟ ବିଦ୍ୟାଳୟ ର ନେଟୱର୍କ ବ୍ୟବସ୍ଥା ହୋଇପାରି ନାହିଁ । ସେହିଭଳି ଶିକ୍ଷକ ଅଭାବ ପାଇଁ ପାଠପଢା ବ୍ୟାହତ ହେଉଥିବା ଅଭିଯୋଗ କରି ସମାଧାନ ପାଇଁ ଦାବି କରିଛନ୍ତି ଅଭିଭାବକ। ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦାବି କରିଛନ୍ତି ଉଭୟ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ରାୟଗଡ଼ା,୧୨।୨(ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶ୍ୟାମା ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଦକ୍ଷତା, ଆତବିଶ୍ୱାସ ଓ ନିଜ ସୁରକ୍ଷା ପ୍ରତି ସଚେତନ ରହିବାର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଡ. ରାୟ ଅଭିଭାଷଣରେ କହିଥିଲେ ଆତ୍ମରକ୍ଷା କେବଳ ଶାରୀରିକ କୌଶଳ ନୁହେଁ, ଏହା ଆତ୍ମବିଶ୍ୱାସ, ସଚେତନତା ଓ ସାହସର ପ୍ରତୀକ। ଆଜିର ସମାଜରେ ଛାତ୍ରୀମାନଙ୍କ ପାଇଁ ଏପରି ପ୍ରଶିକ୍ଷଣ ଅତ୍ୟନ୍ତ ଆବଶ୍ୟକ। କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପି.ଜି. କାଉନସିଲ ଚେୟାରମେନ ପି. ଅରୁଣ କୁମାର, ପ୍ରଶାସନିକ ବର୍ସାର ଟି. ଜ୍ୟୋତି, ଉଦୟ ନାଏକ ମଞ୍ଚାସୀନ ରହି ଏପରି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କୁ ସାମାଜିକ ଓ ମାନସିକ ଭାବେ ସଶକ୍ତ କରିବାରେ ଅତ୍ୟନ୍ତ ଉପକାରୀ ବୋଲି କହିଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜିକା ପୂଜା ପଟ୍ଟନାୟକ ଓ ମୋନାଲିଶା ପାଣିଗ୍ରାହୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ବିଷୟରେ ଅତିଥିମାନଙ୍କୁ ଅବଗତ କରାଇଥିଲେ।



ମୁଖ୍ୟ ପ୍ରଶିକ୍ଷକ ରୀନା ମାଝୀ, ସଞ୍ଜନା ନାଏକ ଓ ନିବେଦିତା ପୋଢ଼ିଆରୀ ଛାତ୍ରୀମାନଙ୍କୁ ବ୍ୟବହାରିକ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଭବିଷ୍ୟତରେ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆହ୍ୱାନ କରାଯାଇଥିଲା।

# ୮ ବଖରା ଘର ପୋଡ଼ି ପାଉଁଶ

ବିଷମ କଟକ,୧୨।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କଣାବାଇ ସଦର ପଞ୍ଚାୟତରେ ଏକ ଭୟାନକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଦୁଇଟ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ୮ବଖରାର ଦୁଇଟି ଘର ପୋଡି ସମ୍ପୂର୍ଣ ପାଉଁଶ ହୋଇଯାଇଛି। ଘର ଭିତରେ ଥିବା ସମସ୍ତ ଆସବା ପତ୍ର, ଟଙ୍କା , ସୁନା, ଖାଦ୍ୟା ସାମଗ୍ରୀ, ବିକ୍ରିପାଇଁ ଗଚ୍ଛିତ ରହିଥିବା କପା, ମାଣ୍ଡିଆ ପୋଡି ପାଉଁଶ ହୋଇଯାଇଛି। ଆଜି ଦ୍ୱିପ୍ରହରରେ କଣାବାଇ ଗ୍ରାମର ମାଣିକ ହୁଇକାଙ୍କ ଚାଳ ଘରେ କୌଣସି କରଣରୁ ଅଗ୍ନି ସଂଯୋଗ ହୋଇ ଘରର ଚାଳ ଜଳିବା ଆରମ୍ଭ ହୋଇଥିଲା। ପରେ ଏହି ନିଆଁ ପଡୋଶୀ ନାରସି ହୁଇକାର ଘରକୁ କବଳିତ କରିଥିଲା। ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ନିଆଁକୁ ଆୟତ କରିପାରିନଥିଲେ। ଶେଷରେ ଅଗ୍ନିଶମ ବାହନୀକୁ ଖବର ଦେଇଥିଲେ। ଖବର ପାଇଁ ବିଷମ କଟକ ଅଗ୍ନିଶମ ବାହିନୀ କଣାବାଇରେ ପହଞ୍ଚି ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିବା ଅଗ୍ନିଶମ ଅଧିକାରୀ କୈଳାସ ପ୍ରଧାନ ପ୍ରକାଶ କରିଛନ୍ତି। ଦୁଇଟି ଘରେ ରହିଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଦୁଇଟି ପରିବାର ବାସହରା ହୋଇଥିବା ବେଳେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଜଣାପଡ଼ିଛି।

# ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ନନ୍ଦାହାଣ୍ଡି ବ୍ଲକ୍ ଗସ୍ତ



ନବରଙ୍ଗପୁର/ନନ୍ଦାହାଣ୍ଡି,୧୨।୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଦୁଇ ଜଣ ସଦସ୍ୟ ବୁଧବାର ଗସ୍ତ କରି ଖାଦ୍ୟ ବିଷୟରେ ଅନୁଧ୍ୟାନ କରିଥିଲେ। ଦୁଇ ସଦସ୍ୟ ଯଥା ପ୍ରିୟବ୍ରତ ସାମନ୍ତରାୟ ଓ ଅକ୍ଷୟ କୁମାର ବେହେରା ରହିଥିଲେ । ନନ୍ଦାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିଆର ସରକାରୀ ପ୍ରାଥମିକ ବିଦ୍ୟାଳୟ ଗସ୍ତ ସମୟରେ ମଧ୍ୟାହ୍ନ ଭୋଜନରେ ପିଲା ସଂଖ୍ୟା ଓ ଚାଉଳ ପରିମାଣ ଅସାମଞ୍ଜସ୍ୟ ଦେଖିବାକୁ ମିଳିଥିବାରୁ ଅଧିକାରୀ ଦ୍ୱୟ ବିରକ୍ତି ପ୍ରକାଶ କରିଥିଲେ। ଏହା ପରେ ଏକମ୍ବା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ସମୟରେ ପିଲାଙ୍କୁ ଲୌହ ବଟିକା ଦେବାରେ ଅନିୟମିତତା ଦେଖି ପ୍ରଧାନ ଶିକ୍ଷକ ତ୍ରିନାଥ ମାଳୀଙ୍କୁ କାରଣ ଦର୍ଶାଅ ନୋଟିସ୍ ପ୍ରେରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଦୁଇ ଗୋଟି ରେଜିଷ୍ଟର ମଧ୍ୟ ନେଇଥିବା ଜଣାପଡିଛି। ପରବର୍ତ୍ତୀ ସମୟରେ କଦଳୀପଦରଗୁଡା ବିଦ୍ୟାଳୟ, ନିଶ୍ମାହାଣ୍ଡି ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗସ୍ତ କରି ଖାଦ୍ୟ ସମ୍ପର୍କିତ ସମ୍ପୂର୍ଣ ତଥ୍ୟ ଯଥା ପରିମାଣ, ମାନ, ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ଓ ହାତ ଧୁଆ ଭଳି ବିଷୟରେ ଅନୁଧ୍ୟାନ କରିଥିଲେ। ଆଦର୍ଶ ବିଦ୍ୟାଳୟରେ ପୌଷ୍ଟିକ ଚାଉଳକୁ ରାନ୍ଧି ସାରିଲା ପରେ ତୋରାଣି ନିଗାଡି ଦିଆଯାଉଥିବା ଦେଖି ତୋରାଣି ନ ନିଗାଡିବା ପାଇଁ ବିକଳ୍ପ ବ୍ୟବସ୍ଥା ବିଷୟରେ କହିଥିଲେ। ଏତଦ୍ ବ୍ୟତୀତ ଖୁଣ୍ଟିଆ- ୧ ଓ ୨ , ଏକମ୍ବା- ୧,୨ ଓ ୩ ଏବଂ କଦଳୀପଦରଗୁଡ଼ାର ଅଙ୍ଗନୱାଡି କେନ୍ଦ୍ରର ଖାଦ୍ୟ ପେୟ ବିଷୟରେ ମଧ୍ୟ ନିରୀକ୍ଷଣ କରିଥିଲେ। ଭ୍ରମଣ ସମୟରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ଗାୟତ୍ରୀ ପଟ୍ଟନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସସ୍ମିତା ବାଳା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦପୁରରେ ପବିତ୍ର ଉର୍ସ ମହୋତ୍ସବ

ନନ୍ଦପୁର,୧୨।୨ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ସ୍ଥିତ ପବିତ୍ର ଦର୍ଗା ପୀଠରେ ବାବା ସୟଦ ସାଲେର ବାଲେସାହାଙ୍କ ଜୟନ୍ତୀ ଅବସରରେ ପବିତ୍ର ଉର୍ସ ଉତ୍ସବ ମହାଆଡ଼ମ୍ବର ଓ ଆନନ୍ଦ ଉଲ୍ଲାସ ସହ ପାଳିତ ହୋଇଯାଇଛି। ଏହି ଅବସରରେ ନନ୍ଦପୁର ସହ ଆଖପାଖ ଅଞ୍ଚଳ ଏବଂ ପଡ଼ୋଶୀ ରାଜ୍ୟ ମାନଙ୍କରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଅବସ୍ଥିତ ବିଭିନ୍ନ ଦର୍ଗା ପୀଠମାନଙ୍କ ମଧ୍ୟରେ ନନ୍ଦପୁର ଦର୍ଗା ପୀଠର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଭାଇଚାରାର ସହର ଭାବେ ପରିଚିତ ନନ୍ଦପୁରରେ ଏହି ପବିତ୍ର ଉତ୍ସବ ସମୟରେ ଆସ୍ଥା ଓ ବିଶ୍ୱାସର ଏକ ଅନନ୍ୟ ମିଳନ ଦେଖିବାକୁ ମିଳିଥାଏ।



ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁମାନେ ବାବାଙ୍କ ପୀଠରେ ମଥା ଟେକି ଚାଦର ଚଢ଼ାଇ ନିଜ ଓ ଅଞ୍ଚଳର ସୁଖ-ସମୃଦ୍ଧି କାମନା କରିଥାନ୍ତି। ଉର୍ସ ଅବସରରେ ସାମୂହିକ ନମାଜ ପାଠ ଏବଂ 'ଆଲ୍ଲା କେ ଘର ମେ ଦେର ହେ, ଆନ୍ଧେର ନାହିଁ' ବାଣୀରେ ଶ୍ରଦ୍ଧାଳୁମାନେ ଆଶା ଓ ବିଶ୍ୱାସର ସନ୍ଦେଶ ଏକାକାର କରିଥିଲେ। କାର୍ଯ୍ୟକ୍ରମକୁ ପ୍ରତିବର୍ଷ ଭଳି ପାତ୍ରପଣ୍ଡି ଗ୍ରାମ ମୁସଲିମ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ। ଶେଖ୍ ଗଫୁର, ଶେଖ୍ ନୂର ମହମ୍ମଦ, ଶେଖ୍ ନୂର, ଶେଖ୍ ୱାଜିଦ, ଶେଖ୍ ଅନୱର ସହ ଅନ୍ୟାନ୍ୟ ଯୁବ ସଦସ୍ୟମାନେ ଉତ୍ସବକୁ ସୁଚାରୁ ଭାବେ ପରିଚାଳନା କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଉତ୍ସବ ସମୟରେ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ନନ୍ଦପୁର ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଶାନ୍ତି-ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସ ସହ କମିଟିର ଯୁବ ସଦସ୍ୟମାନେ ମଧ୍ୟ ସକ୍ରିୟ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମାପ୍ତ ହୋଇଥିବା ସୂଚନା ମିଳିଛି।

# ରେଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସେମିଳିଗୁଡ଼ା,୧୨।୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ରେଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ପାଠପଢା ସହିତ ଅନ୍ୟ କ୍ଷେତ୍ରରେ ମଧ୍ୟ ନିଜର ଭବିଷ୍ୟତ ଗଢିପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଡାବିରୀୟା, ଏସଏମସି ସଭାପତି ଶୁକ୍ରା ଚପାଡ଼ି, ଆର ଜି ହାଇସ୍କୁଲ ପ୍ରଧାନ ଶିକ୍ଷକ ମଧୁସୂଦନ ଜେନା, ଉମୁରି ଉଚ୍ଚ ବିଦ୍ୟାଳୟର ଗୌରୀ ମାଝୀ, ରାଣିଗଡ ଆଶ୍ରମ ବିଦ୍ୟାଳୟର ଶଙ୍କର ପ୍ରହରାଜ, ସୁନାବେଡ଼ା ସେବା ଆଶ୍ରମ ବିଦ୍ୟାଳୟର ଅମ୍ବିକା ରାଉତ, ସୁଣ୍ଡିପୁଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ପୁରୋହିତ, ଚରାଙ୍ଗୁଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପ୍ରଧାନ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଖିଳ କୁମାର ଦାସ କାର୍ଯ୍ୟକ୍ରମରେ ପୌରହିତ୍ୟ କରିବା ସହି ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ତ୍ରିଲୋଚନ ନାୟକ, ପ୍ରଦ୍ୟୁମ୍ନ ବେହେରା, ଲୋପାମୁଦ୍ରା ସ୍ୱାଇଁ, ଅତିଥି ଶିକ୍ଷକ ଲକ୍ଷ୍ମୀଧର ବେହେରା, ସୌମ୍ୟ ରଂଜନ ବାରିକ ଉପସ୍ଥିତ ରହି ସହଯୋଗ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଚଳିତ ବର୍ଷର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ଲୁଗାରେ ନିଆଁ ଲାଗି ବୃଦ୍ଧ ଗୁରୁତର



କଲ୍ୟାଣସିଂହପୁର,୧୨।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ବିରିଡା ଗ୍ରାମର ଆଦିବାସୀ ବୃଦ୍ଧ ମିନା ଡିଆକା (୬୦) ଉମ୍ଭେଇ ନିଆଁରେ ଲୁଗା ଲାଗିଗୁରୁତର ହୋଇଥିବା ଦେଖିବାକୁ ମିଳିଛି। ମିନା ଡିଆକା ଉମ୍ଭେଇରେ ନିଆଁ ଲଗାଇ ଶୋଇଥିଲେ। ତାହା ଶାଢୀରେ ଲାଗି ପିଠି ପୋଡି ଯାଇଥିଲା। ଯେତେବେଳେ ପିଠି ଲାଗିଲା, ସେତେବେଳେ ସେ ପାଟି କରିବାରୁ ପରିବାର ଲୋକେ ଆସି ନିଆଁକୁ ଲିଭାଇ ବୃଦ୍ଧକୁ ଉଦ୍ଧାର କରି ରୋଗୀବୁହା ଗାଡ଼ିରେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡକ୍ଟର ଶିଶିର ମେହେର ପ୍ରାଥମିକ ଚିକିତ୍ସା କରିଥିଲେ। ଡାକ୍ତରଙ୍କୁ ପଚାରିବାରୁ ତାଙ୍କର ୧୦ ପିଠି ପୋଡିଛ. ଏଠାରେ ଚିକିତ୍ସା କରାଯିବ ବୋଲି ସେ କହିଥିଲେ।

## ଡିଏମ୍‌ଏଫ ଅନୁଦାନର ୧% ବି ରାୟଗଡା ଜିଲ୍ଲାରେ ଖର୍ଚ୍ଚ ହେଉନି

# ଶାସକ ଦଳ ଓ କଂଗ୍ରେସ ଉପରେ ବର୍ଷିଲା ବହୁଜନ ସମାଜ ପାର୍ଟି

ରାୟଗଡ଼ା,୧୨।୨ (ସମିସ): ବହୁଜନ ସମାଜ ପାର୍ଟି (ବସପା) ରାଜ୍ୟ ପ୍ରଭାରୀ ଜିତୁ ଜାକାଶିକାଙ୍କ ଅଧ୍ୟକ୍ଷତାରେ ଆଜି ରାୟଗଡ଼ାଠାରେ ବହୁଜନ ସମାଜ ପାର୍ଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନ ଆୟୋଜନ କରାଯାଇଥିଲା। ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ବହୁଜନ ସମାଜ ପାର୍ଟି ଆଜି କେନ୍ଦ୍ର ସରକାର, ସ୍ଥାନୀୟ ସାଂସଦ ଓ ବିଧାୟକ ମାନଙ୍କ ଉପରେ ବର୍ଷିଛନ୍ତି । ସଂସଦର ପ୍ରତି ମିନିଟ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ, ଓଡିଶା ବିଧାନସଭାର ପ୍ରତି ଅଧିବେଶନ ପାଇଁ ରାଜକୋଷରୁ ପାଖାପାଖି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଏଭଳି ସ୍ଥିତି ରେ ଗୃହରେ ଲୋକଙ୍କ ଜରୁରୀ ମୁଦ୍ଦା ଉପସ୍ଥାପନ କରିବା ପାଇଁ ବସପା, ସାଂସଦ ଏବଂ ବିଧାୟକ ମାନଙ୍କୁ ଦାବି କରିଛି ଓ ଜିଲ୍ଲାର କାଶୀପୁର ବ୍ଲକ ସୁଙ୍ଗେର ଘଟଣାକୁ ଉଲ୍ଲେଖ କରି ବିଏସପି ଲୋକଙ୍କ ଉପରେ ଅତ୍ୟାଚାର ବିରୋଧରେ କଠୋର ସ୍ୱର ଉଠାଇବାକୁ ଆହ୍ୱାନ କରିଛି। ଜଳ ଜଙ୍ଗଲ, ଜମି ପାଇଁ ଯେଉଁ ମାନେ ସ୍ୱର ଉଠାଉଛନ୍ତି, ପୁଲିସ



ସେମାନଙ୍କୁ ଗିରଫ କରୁଛି । ଆଉ ଆମର ସାଂସଦ ଓ ବିଧାୟକ ମାନେ ଏସବୁ ଦେଖି ମଧ୍ୟ ଚୁପ୍ ବସିଥିବା ନେଇ କଡ଼ା ଟିପ୍ପଣୀ କରିଛି ବସପା। ଜିଲ୍ଲାରେ ୧୮ ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ କେବଳ ଗୋଟିଏ କାର୍ଯ୍ୟକ୍ଷମ ଥିବା ବେଳେ ଅନ୍ୟ ସବୁ ଅଚଳ ହୋଇପଡିଛି। ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ "ସ୍ୱତନ୍ତ୍ର ଉନ୍ନୟନ ପରିଷଦ'ର ଅଧ୍ୟକ୍ଷ ପଦ ଦୀର୍ଘଦିନ ଧରି ଖାଲି ପଡିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପାଇଁ ପୃଥକ ପୃଥକ "ସ୍ୱତନ୍ତ୍ର ଉନ୍ନୟନ ପରିଷଦ"ର ଅଧ୍ୟକ୍ଷ ଓ ପର୍ଯ୍ୟାପ୍ତ ପାଣ୍ଠିର ବ୍ୟବସ୍ଥା ପ୍ରତି ସରକାର ଧ୍ୟାନ ଦେବା ପାଇଁ ଦଳ ପ୍ରସ୍ତାବ ଦେଇଛି । ଜିଲ୍ଲାର ଡ଼ିଏମଏଫ ଅନୁଦାନ ଜିଲ୍ଲାରେ ଖର୍ଚ୍ଚ ନ ହୋଇ ରାଜଧାନୀରେ ଖର୍ଚ୍ଚ କରାଯାଉଛି ବୋଲି ଦଳ ଅଭିଯୋଗ କରିଛି। ସେହିପରି ଓପିଏଲପି ୨.୦ କୁ ମଞ୍ଜୁରୀ ମିଳିବା ପରେ ବି ଏହା ଲାଗୁ ହେବାରେ ସଚିବ ସ୍ତର.ର ଅବହେଳା ହେଉଛି । ଯେଉଁଥିପାଇଁ ସମଗ୍ର ରାଜ୍ୟର ଆଦିବାସୀ, ଡଙ୍ଗରିଆ ମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି । ଏ ନେଇ ସାଂସଦ ଏବଂ ବିଧାୟକ ମାନେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି, ତାହାର ଜବାବ ରଖନ୍ତୁ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗଙ୍ଗାଧର ପୁଆଲା ପ୍ରଶ୍ନ କରିଛନ୍ତି । କଂଗ୍ରେସ ମନରେଗା ଯୋଜନାର ନାମ ପରିବର୍ତ୍ତନ ନେଇ ଯେତିକି ରାଜନୀତି କରୁଛି, ଏହି ଯୋଜନା ରେ ଶ୍ରମିକ ମାନଙ୍କ ପାରିଶ୍ରମିକ ବୃଦ୍ଧି, ମଜୁରି ଓ ମେଟେରିଆଲ ପେମେଣ୍ଟରେ ଡେରି ଓ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ନେଇ ସେତିକି ଉତ୍ସାହ କାହିଁକି ଦେଖାଉ ନାହିଁ ବୋଲି କୁହାଯାଇଛି। ଓଡିଶାର ଗୃହରକ୍ଷୀଙ୍କ ଦରମା ଓ ଛୁଟି ସୁବିଧା ନେଇ ମଧ୍ୟ ଦଳ ଚିନ୍ତା ବ୍ୟକ୍ତ କରିଛି। ବିଭିନ୍ନ ଆଉଟ ସୋର୍ସିଙ୍ଗ ସଂସ୍ଥା ଦ୍ୱାରା ନିୟୋଜିତ କର୍ମଚାରୀ, ଠିକା କର୍ମଚାରୀ, ଡିଇଓ, ଆଶା, ଅଙ୍ଗନବାଡି, ଜୀବିକା ମିଶନ ଦିଦି, ଓଏଲଏମ, ମିଶନ ଶକ୍ତି ମାଁ ମାନଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ଜିଲ୍ଲାର ବିଧାୟକ ମାନେ ଗୃହରେ ଦାବି ଉପସ୍ଥାପନ କରନ୍ତୁ ବୋଲି ଦଳ ଜୋର ଦେଇଛି । ଶେଷରେ, ଗରିବ ଓ ମଧ୍ୟବିତ୍ତ ପରିବାର ମାନଙ୍କ ପାଇଁ ଅନ୍ୟୁନ ୯୦ ଦିନର ବିଦ୍ୟୁତ ବିଲ ଛାଡ଼ କରିବା ପାଇଁ ଦଳ ରାଜ୍ୟ ସରକାରଙ୍କ ଆଗରେ ପ୍ରସ୍ତାବ ଦେଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ଜାକେଶିକାଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ଗଙ୍ଗାଧର ପୁଆଲା, ଜିଲ୍ଲା ପ୍ରଭାରୀ ରାମଦାସ ଟାକ୍ରୀ ଓ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଡୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ




ନନ୍ଦପୁର,୧୨।୨(ସମିସ): ପାଡୁଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ବିଡିଓ ଦୁର୍ଗା , ସମ୍ମାନିତ ଅତିଥି ଭାବେ ବ୍ଲକ ଡବ୍ଲୁଇଓ ନଗେନ ତ୍ରିପାଠୀ, ବିଜେପି ବରିଷ୍ଠ ନେତା ସେକ ଗୋଫୁର, ବିଦ୍ୟାଳୟ ପରିଚାଳନା ସଭାପତି ଗେନୁ ଖିଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରି ଛାତ୍ର ଛାତ୍ରୀମାନେ ଏହି ମୂଲ୍ୟବାନ ସମୟକୁ ନଷ୍ଟ ନ କରି ଶିକ୍ଷା ଗ୍ରହଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ସବୁ ଅନ୍ଧାରକୁ ଆଲୋକିତ କରିବା ସହ ଶିକ୍ଷା ହିଁ ବିକାଶଶୀଳ ରାଷ୍ଟ୍ରର ପରିଚୟ ଦେଇଥାଏ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଗୌରୀ ମଣି ଦାସ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠକରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ର ରାଜ୍ୟ ସ୍ତରୀୟ କବାଡି ଦଳରେ ଯୋଗ ଦେଇ ଥିବା ନେଇ ବିଦ୍ୟାଳୟ ସମେତ ଜିଲ୍ଲା ସହ ନନ୍ଦପୁର ଗୌରବ ରଖିବା ନେଇ ନିଜେ ଗର୍ବିତ ହୋଇ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥି ମାନେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଶିକ୍ଷା ହିଁ କିବାଶଶୀଳ ରାଷ୍ଟ୍ରର ପରିଚୟ ପ୍ରଦାନ କରିଥାଏ ବୋଲି ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମୀନ କୁମାରୀ ଲେଙ୍କା, ସୌଦାମିନି ବିଶ୍ୱା. ଆରତୀ ଦେଓ, ଧାନେଶ୍ୱର୍ ବାଘ, ଉପେନ୍ଦ୍ର ଖେମୁଣ୍ଡୁ, ରମେଶ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ।

# ମଦ ଜବତ, ଜଣେ ଗିରଫ




କାଲିମେଳା,୧୨।୨(ସମିସ) : ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ଭାବେ ବିକ୍ରୀ ହେଉଥିବା ୧୦ ଲିଟର ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରାଯାଇଛି । ସୂଚନା ଅନୁସାରେ, ଭେଙ୍କଟପାଲମ ପଞ୍ଚାୟତ ଅନ୍ତର୍ଗତ ଏମପିଭି - ୬୦ ଗ୍ରାମର ରଞ୍ଜିତ ରାୟ ପାନିମେଟଲା ଗ୍ରାମ ନିକଟରେ ଏକ ଘରେ ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା । କାଲିମେଳା ପୋଲିସ ଉକ୍ତ ଘରେ ଚଢ଼ଉ କରି ସେଠାରୁ ୧୫ଟି କିଙ୍ଗଫିସର ବିୟର, (୧୦) ଲିଟର ବିଦେଶୀ ମଦ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏ ନେଇ କାଲିମେଳା ଥାନା ୨୯/୨୬ ସେକ୍ସନ ୫୨(ଏ)ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କାଲିମେଳା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ଉତ୍କଳମଣି ଗୋପବନ୍ଧୁ ସ୍ନାତକ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଅଭିଯୋଗ

# ପୂର୍ବତନ ଅଧ୍ୟକ୍ଷାଙ୍କ ପୁନଃ ଥଇଥାନକୁ ବିରୋଧ

ମାଥିଲି,୧୨।୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ସଦର ମହକୁମା ଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ସ୍ନାତକ ମହାବିଦ୍ୟାଳୟରେ ହୋଇଥିବା ଆର୍ଥିକ ଅନିୟମିତତା ଓ ପରିଚାଳନାଗତ ଅନିୟମିତତା ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଛି । ନିରପକ୍ଷ ତଦନ୍ତ ଓ ଅର୍ଥ ହଡପ କରିଥିବା ଅଧ୍ୟକ୍ଷ କିମ୍ବା ଅଧ୍ୟକ୍ଷାଙ୍କ ବିରୋଧରେ କୋଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ବରିଷ୍ଠ ସମାଜସେବୀ କୁନାଲ ମିଶ୍ର , ବରିଷ୍ଠ ସାମ୍ବାଦିକ ଏମ ଡି ଆକବର ଓ ବଣିକ ସଂଘ ସଭାପତି ଶ୍ରୀକାନ୍ତ ଚୌଧୁରୀ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଲିଖିତ ଅଭିଯୋଗ ସହ ବିସ୍ତୃତ ଆଲୋଚନା କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜଙ୍କୁ ମଧ୍ୟ ଲିଖିତ ଅବଗତ କରାଇଛନ୍ତି । ପୂର୍ବତନ ଅଧ୍ୟକ୍ଷା ନିଳୀମା ମହାନ୍ତି ପୂର୍ବରୁ ଉତ୍କଳମଣି ଗୋପବନ୍ଧୁ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ ତାଙ୍କ ସମୟରେ ଆର୍ଥିକ ଅନିୟମିତତା ଖବର ପ୍ରକାଶିତ ହେବା ପରେ ୨୦୨୪ ମସିହାରେ ନିଳୀମା ମହାନ୍ତି ନିଜେ ସ୍ୱାସ୍ଥ୍ୟ ଗତ ସମସ୍ୟା ଦର୍ଶାଇ ଅଧ୍ୟକ୍ଷା ପଦବୀରୁ ଇସ୍ତଫା ଦେଇଥିଲେ । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ନୂତନ ଭାବେ ଗଠିତ ହୋଇଥିବା ପରିଚାଳନା କମିଟି କିପରି ଶ୍ରୀମତୀ ମହାନ୍ତିଙ୍କୁ ପୁନଃ ଅଧ୍ୟକ୍ଷା ପଦରେ ଥଇଥାନ କରିଛନ୍ତି ତାହା ଆଶ୍ଚର୍ଯ୍ୟ ର ବିଷୟ । ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ଆଧାରରେ ଆର୍ଥିକ ଅନିୟମିତତା ସମ୍ମୁଖ କୁ ଆସିଥିବା ସତ୍ତ୍ୱେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନ ହେବା ଅତ୍ୟନ୍ତ ଦୁଃଖ ଓ ଚିନ୍ତାଜନକ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ମହାବିଦ୍ୟାଳୟକୁ ନିର୍ଭର କରି ପାଠ ପଢୁଥିବା ନିରୀହ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ଦେଖାଦେଇଛି । ଦୀର୍ଘ ଦିନ ଧରି ଚାଲୁଥିବା ଆର୍ଥିକ ଅନିୟମିୟତା ଓ ପରିଚାଳନାଗତ ଅନିୟମିତତା ସମ୍ପର୍କ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇପଡିଛି । ଶ୍ରୀମତୀ ମହାନ୍ତିଙ୍କୁ ପୁନଃ ଅଧ୍ୟକ୍ଷା ପଦରେ ନିଯୁକ୍ତି କରିବା ଓ ତାଙ୍କ ସମୟରେ ହୋଇଥିବା ଆର୍ଥିକ ଅନିୟମିତତା ଉପରେ ସଠିକ୍ ତଦନ୍ତ କରିବାକୁ ଦାବି ହୋଇଛି । ଆଜି ଉତ୍କଳମଣି ଗୋପବନ୍ଧୁ ସ୍ନାତକ ମହାବିଦ୍ୟାଳୟରେ ହୋଇଥିବା ଆର୍ଥିକ ଅନିୟମିତତା ଓ ପରିଚାଳନାଗତ ଅନିୟମିତତା ଘଟଣା ସମ୍ପର୍କରେ ଜାଣିବା ପାଇଁ ମାଥିଲି ଅଞ୍ଚଳର ବୁଦ୍ଧିଜୀବି, ଜନପ୍ରତିନିଧି ଓ ସାମ୍ବାଦିକମାନେ ମହାବିଦ୍ୟାଳୟକୁ ଯାଇଥିଲେ । କିନ୍ତୁ ଦୁଃଖର ବିଷୟ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଆଲୋଚନା ପାଇଁ ଉପସ୍ଥିତ ହୋଇ ତାଙ୍କର ତଥ୍ୟ ରଖିବା ପାଇଁ ସିଧାସଳଖ ମନା କରିଦେଇଥିଲେ । ମହାବିଦ୍ୟାଳୟ ରେ ହୋଇଥିବା ଆର୍ଥିକ ଅନାମୀୟତାକୁ ଭିଜିଲାନ୍ସ ତଦନ୍ତ କରିବା ପାଇଁ ମାଥିଲି ଅଞ୍ଚଳର ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି । ଯଦି ତଦନ୍ତ କରା ନଯାଏ ତାହେଲେ ଆଗାମୀ ଦିନରେ ଜିଲ୍ଲା ଆଦିବାସୀ ମହାସଙ୍ଘ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଧମକ ଦେଇଛନ୍ତି ।




# ଶ୍ରୀନିବାସ ମୁଦୁଲି ମାଲକାନଗିରି ଯୁବ ବିଜେଡି ସଭାପତି



ଖଇରପୁଟ,୧୨।୨(ସମିସ): ଗୋବିନ୍ଦପାଲ୍ଲୀ ସରପଞ୍ଚ ତଥା ଜିଲ୍ଲା ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲିଙ୍କୁ ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନୂତନ ଦାୟିତ୍ୱ ଦେଇଛନ୍ତି । ସେ ବିଜେଡିରେ ଦୀର୍ଘ ବର୍ଷ ହେବ ବିଜେଡିରେ ରହି ଦଳ ପାଇଁ କାମ କରିଆସୁଥିଲେ । ଏହି ଗୁରୁ ଦାୟିତ୍ୱ ମିଳିବା ପରେ ସେ ଦଳର ସଂଗଠନକୁ ସୁଦୃଢ଼ କରିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି । ସେ ଜିଲ୍ଲା ସଭାପତି ମାନସ ମାଡ଼କାମୀ ଏବଂ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ରାୟଗଡ଼ା ଓ କୋରାପୁଟରେ ଭାରତ ବନ୍ଦ ପାଳନ



ରାୟଗଡ଼ା,୧୨।୨(ସମିସ) : ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ,କୃଷକ ସ୍ୱାର୍ଥ ବିରୋଧୀ ଓ ଜନବିରୋଧୀ ନୀତି ବିରୁଦ୍ଧରେ ଆଜି ସର୍ବଭାରତୀୟ ସ୍ତରରେ ମିଳିତ ଶ୍ରମିକ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଆନ୍ଦୋଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ରାୟଗଡାରେ ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲପିଏଫ,ସେୱା ଏବଂ ବ୍ୟାଙ୍କ, ବୀମା,ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ଶିଳ୍ପ ସମୂହର ସ୍ୱାଧୀନ ଫେଡେରେସନ ସମୂହ ଦ୍ୱାରା ଦେଶବ୍ୟାପି ଧର୍ମଘଟକୁ ସଫଳ କରିବା ପାଇଁ ଜିଲ୍ଲାରେ ଭାରତ ବନ୍ଦ ପାଳନ କରାଯାଇଛି । ରାୟଗଡା ଜିଲ୍ଲାରେ ଏହି ୨୪ଘଂଟିଆ ଧର୍ମଘଟକୁ ସଫଳ କରିବା ପାଇଁ ଜିଲ୍ଲାର ୧୧ଟି ଟ୍ରେଡ୍ ୟୁନିୟନ ସମର୍ଥନ ଜଣାଇଛନ୍ତି । ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ଼ା-କୋରାପୁଟ ମୁଖ୍ୟ ରାସ୍ତାର ଶିରିକଣା ତିନିକୋଣିଆ ଛକ,ସାଇ ଇଂଟରନ୍ୟାସନାଲ ଛକ ଠାରେ ଶ୍ରମିକ ଟ୍ରେଡ୍ ୟୁନିୟନ ପକ୍ଷରୁ ରାସ୍ତା ବନ୍ଦ କରାଯାଇଥିଲା । ମୁଖ୍ୟ ରାସ୍ତା ଉପରେ ଶହ ଶହ ଯାନବାହନ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା । ସ୍ୱତଃପ୍ରତଃ ଭାବେ ମିଳିତ ଶ୍ରମିକ ଟ୍ରେଡ୍ ୟୁନିୟନର ଡାକରାକୁ ସମର୍ଥନ ଜଣାଇ ରାୟଗଡ଼ା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ସରକାରୀ,ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ,ବସ ଚଳାଚଳ ଆଦି ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ବସ ଚଳାଚଳ ବନ୍ଦ ହେବା ଯୋଗୁଁ ଅନେକ ବସଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାୟଗଡ଼ା ସହର ବାହାରେ ଥିବା ସ୍କୁଲର ଶିକ୍ଷକଶିକ୍ଷୟତ୍ରୀମାନେ ରାସ୍ତା ବନ୍ଦ ଥିବା ଯୋଗୁଁ ସ୍କୁଲକୁ ଯାଇ ନ ପାରି ଅସନ୍ତୋଷ ଜାହିର କରିଥିବା ବେଳେ ଟ୍ରେଡ ୟୁନିୟନ ସଂଘଗୁଡିକ ପକ୍ଷରୁ ପିକେଟିଂ କରି ଖୋଲାଯାଇଥିବା କିଛି ଦୋକାନ, ବେସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରାଯାଇଥିବା ଜଣାପଡିଛି । ଆଜିର ଭାରତ ବନ୍ଦ ପାଳନରେ ଶ୍ରମିକ ନେତା ତଥା ଆଇଏନଟିୟୁସି ଜିଲ୍ଲା ସଭାପତି ଭବାନୀ ଶଙ୍କର ଜେନା, ସିଆଇଟିୟୁ ଜିଲ୍ଲା ସଭାପତି ସିଏଚ. ହରିଚନ୍ଦନା, ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ନିରଂଜନ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

**କୋରାପୁଟ:** ନୂତନ ଶ୍ରମିକ ନୀତି, ମନରେଗା ଯୋଜନା ଉଚ୍ଛେଦ, ଜାତୀୟ ସଂସ୍ଥା ଘରୋଇ କରଣ ଭଳି ଏକାଧିକ କାରଣ ନେଇ ବିଭିନ୍ନ ସଙ୍ଗଠନ ଗୁରୁବାର ଭାରତ ବନ୍ଦ ଡାକରା ଦେଇଥିବାବେଳେ କୋରାପୁଟରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା । ସରକାରୀ କାର୍ଯ୍ୟାଳୟ, ଶିକ୍ଷା ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ସ୍ୱାଭାବିକ ଭାବେ ଖୋଲା ରହିଥିଲା ବେଳେ ଘରୋଇ ଯାତ୍ରୀବାହୀ ବସ ଓ ଭାରୀ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଦୂରଗାମୀ ରାତ୍ରୀକାଳୀନ ବସ ଓ କିଛି ସରକାରୀ ବସ ଗୁଡ଼ିକ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ଯାଇଥିଲା । ଅନ୍ୟ ପକ୍ଷରେ କୋରାପୁଟ ସହରରେ ଦୋକାନ ବଜାର ଖୋଲା ରହିଥିଲା ଓ ଜନ ଜୀବନ ଉପରେ ବନ୍ଦର ପ୍ରଭାବ ସେଭଳି କିଛି ଜଣା ପଡ଼ି ନଥିଲା ।



# ଛାତ୍ର ପୁଲିସ୍ କ୍ୟାଡେଟ୍ କର୍ମଶାଳା

ମାଥିଲି ୧୨।୨(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଧୁଙ୍ଗିଆ ପୁଟ ପଞ୍ଚାୟତ ଅନ୍ତର୍ଗତ ପାତ୍ରପୁଟ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ର ପୋଲିସ୍ କେଡେଟ୍ କର୍ମଶାଳା ଆୟୋଜିତ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ବିଭାଗ ନିର୍ଦ୍ଦେଶ କ୍ରମେ ଅଧିକାରିଣୀ ଦୀପଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଅତିଥି ଭାବରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିବ୍ୟରଂଜନ ଦଳାଇ ଅତିଥିରୂପେ ଯୋଗ ଦେଇଥିଲେ । ଗୋବିନ୍ଦପାଲ୍ଲୀ ଏ.ଏସ୍.ଆଇ ପଦ୍ମନ ପୂଜାରୀ ଅନ୍ୟତମ ଅତିଥିରୂପେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ଦଳାଇ କର୍ମଶାଳାରେ ଯୋଗଦେଇଥିବା ୨୨ ଜଣ ଛାତ୍ର ଓ ୨୨ ଜଣ ଛାତ୍ରୀଙ୍କୁ କେଡେଟ୍ କିଟ୍ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରଧର ମହାଲିକଙ୍କ ଆୟୋଜିତ କର୍ମଶାଳାକୁ ପରିଚାଳନା କରୁଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନୀଲ୍ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଧୁଙ୍ଗିଆପୁଟ ସରପଞ୍ଚ ମଧୁସୂଦନ ନାୟକ ଏବଂ ପରିଚାଳନା କମିଟି ସଭାପତି ଧନ ନାୟକ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ଧୁଙ୍ଗିଆପୁଟ ପଞ୍ଚାୟତର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପଞ୍ଚାୟତର ସମସ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।





# ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ



ରାୟଗଡ଼ା, ୧୨।୨ (ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶ୍ୟାମା ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଦକ୍ଷତା, ଆତ୍ମବିଶ୍ୱାସ ଓ ନିଜ ସୁରକ୍ଷା ପ୍ରତି ସଚେତନ ରହିବାର ଆବଶ୍ୟକତା ବିଷୟରେ ଉଦବୋଧନ ଦେଇଥିଲେ । ଡ. ରାୟ ଅଭିଭାଷଣରେ କହିଥିଲେ ଆତ୍ମରକ୍ଷା କେବଳ ଶାରୀରିକ କୌଶଳ ନୁହେଁ, ଏହା ଆତ୍ମବିଶ୍ୱାସ, ସଚେତନତା ଓ ସାହସର ପ୍ରତୀକ । ଆଜିର ସମାଜରେ ଛାତ୍ରୀମାନଙ୍କ ପାଇଁ ଏପରି ପ୍ରଶିକ୍ଷଣ ଅତ୍ୟନ୍ତ ଆବଶ୍ୟକ । କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପି.ଜି. କାଉନସିଲ ଚେୟାରମେନ ପି. ଅରୁଣ କୁମାର, ପ୍ରଶାସନିକ ବର୍ସାର ଟି. ଜ୍ୟୋତି, ଉଦୟ ନାଏକ ମଞ୍ଚାସୀନ ରହି ଏପରି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କୁ ସାମାଜିକ ଓ ମାନସିକ ଭାବେ ସଶକ୍ତ କରିବାରେ ଅତ୍ୟନ୍ତ ଉପକାରୀ ବୋଲି କହିଥିଲେ । ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜିକା ପୂଜା ପଟ୍ଟନାୟକ ଓ ମୋନାଲିଶା ପାଣିଗ୍ରାହୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ବିଷୟରେ ଅତିଥିମାନଙ୍କୁ ଅବଗତ କରାଇଥିଲେ । ମୁଖ୍ୟ ପ୍ରଶିକ୍ଷକ ରୀନା ମାଝୀ, ସଞ୍ଜନା ନାଏକ ଓ ନିବେଦିତା ପୋଡ଼ିଆରୀ ଛାତ୍ରୀମାନଙ୍କୁ ବ୍ୟବହାରିକ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଭବିଷ୍ୟତରେ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆହ୍ୱାନ କରାଯାଇଥିଲା ।

# ଗୁଡାରୀ ବିଜୁ ସେତୁ ଆଲୋକୀକରଣ ବ୍ୟବସ୍ଥା ଉନ୍ମୋଚିତ

ଗୁଡାରୀ,୧୨।୨(ସମିସ): ଗୁଡାରୀ ଏନଏସିରେ ବିଜେଡି ଅଧ୍ୟକ୍ଷ ସରମିତା ଶବର ଦାୟିତ୍ୱ ନେବାର ପ୍ରାୟ ୪ ବର୍ଷ ମଧ୍ୟରେ ଗୁଡାରୀ ପରିଷଦ ତରଫରୁ ବିଭିନ୍ନ ଯୋଜନା ମାଧ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉନ୍ନତିମୂଳକ କାମ ଶେଷ କରାଯାଇଛି । ପରିଷଦରେ ପୁଷ୍କର ଘଟ ଠାରୁ ଆରମ୍ଭ କରି ପ୍ରତ୍ୟେକ ସାହିକୁ ଫେବର ରାସ୍ତା ନିର୍ମାଣ, ବ୍ଲକ୍ ରାସ୍ତାରେ ବିଭିନ୍ନ ପ୍ରକାରର ଜୀବଯନ୍ତୁଙ୍କ କଳାକୃତି ସ୍ଥାପନ, ପ୍ରତ୍ୟେକ ସାହିରେ ଆଲୁଅର ବ୍ୟବସ୍ଥା ଏମିତି ଗୁଡ଼ିଏ କାମଶେଷ ହୋଇଛି । ଏହା ବ୍ୟତିତ ଗତ ବିଜେଡି ସରକାର ପ୍ରତ୍ୟେକ ବ୍ଲକକୁ ଇଣ୍ଡୋର ଷ୍ଟାଡିୟମ ଏବଂ ଲୋକଙ୍କ ବ୍ରତ ବାହାଘର ପାଇଁ ଦୁଇଟି ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ନିର୍ମାଣ କରିଛନ୍ତି । ଏମିତିରେ ଗୁଡାରୀ ବିଜୁ ସେତୁ ଏବଂ କନେକା ପାରେମେଶ୍ୱରୀ ମନ୍ଦିର ଆଲୋକୀକରଣ କରିବା ପାଇଁ ପରିଷଦ ତରଫରୁ ଯୋଜନା କରାଯାଇଥିଲା । ତାହା ମଧ୍ୟ ଅଧ୍ୟକ୍ଷା ସରମିତା ଶବର ଦ୍ୱାରା ଉନ୍ମୋଚନ କରାଯାଇଛି । ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ପରିଷଦ ତରଫରୁ ପ୍ରାୟ ୭୦ ଲକ୍ଷ ଟଙ୍କା ବାୟବରାଦ ରଖାଯାଇ ମିନାଝୋଲା ଛକ ଠାରୁ ବିଜୁସେତୁର ୧୪୬ ମିଟର କଂକ୍ରିଟ ରାସ୍ତା ନିର୍ମାଣ ସହ ପାଶ୍ୱର୍ ୱାଲ ନିର୍ମାଣ କରାଯାଇଛ । ଏହାକୁ ନେଇ ବିଜେଡି ଦଳର ବରିଷ୍ଠ କର୍ମୀ ସନ୍ତୋଷ ମହାନ୍ତି, କହିଛନ୍ତି ଆଗାମି ଦିନରେ ନଗର ବାକି ରହିଥିବା କାମ ଗୁଡିକ ହାତାଙ୍କୁ ନେଇ ଶେଷ କରାଯିବ । ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି ସତ କିନ୍ତୁ ପରିଷଦ ଉନ୍ନତି କରିବା ଆମର ପ୍ରଥମ ଦାୟିତ୍ୱ, ଏଥିରେ ଏନଏସି ଅଧ୍ୟକ୍ଷା ଏବଂ ଇଓ ଆପୋଷ ଆଲୋଚନାରେ ସମସ୍ତ କାମ ଶେଷ କରିବୁ ବୋଲି କହିଛନ୍ତୀ



# ଡମ୍ବସରା ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୁଣୁପୁର,୧୧।୨(ସମିସ): ପିଏମ୍ ଶ୍ରୀ ସରକାରୀ (ଏସଏସ ଡି ) ବାଳିକା ଉଚ୍ଚ ବିଦ୍ୟାଳୟ, ଡମ୍ବସରାର ବାର୍ଷିକ ଉତ୍ସବ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ପୌରପାଳିକା ଅଧ୍ୟକ୍ଷା ମମତା ଗୌଡ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ଗୁଣୁପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶ୍ରୀ ସୁଦର୍ଶନ ଶବର, ଏଲଏସଡିଏ , ପୁଟାସିଂ ର ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ୍ତ କୁମାର ଦଳେଇ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଗୁଣୁପୁର ଗଙ୍ଗାଧର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ,ପଦ୍ମପୁର ସୁଶ୍ରୀ ଅର୍ଚ୍ଚନା ପଣ୍ଡା, ଡମ୍ବସରା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସନ୍ତୋଷୀ ଶବର, ସମାଜସେବୀ ସୁଶ୍ରୀ ରାଜେଶ୍ୱରୀ ଦଳେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ ଶବର ଓ ପ୍ରଧାନ ଶିକ୍ଷକ ସୁନୀଲ କୁମାର ଗୌଡ ମଞ୍ଚାସୀନ ଥିଲେ । ଏ ଅବସରରେ ମୁଖ୍ୟ ଅତିଥି ପିଲାଙ୍କ ଭବିଷ୍ୟତ ଗଠନରେ ବିଦ୍ୟାଳୟ ଜୀବନ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ସମୟରେ ଶୃଙ୍ଖଳା ସହ ସମୟ ଉପଯୋଗୀ ଶିକ୍ଷା ଲାଭ କରିବା ଉଚିତ ବୋଲି ଉପସ୍ଥିତ ଛାତ୍ରୀମାନଙ୍କୁ କହିଥିଲେ । ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସନାତନ ଗମାଙ୍ଗ ଓ ଶ୍ରୀମତୀ ସୁନିତା ନାୟକବେହେରା ଏବଂ ବିଭାଗର ସମସ୍ତ ସେକ୍ସନ୍ ଅଫିସରମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶେଷରେ ଖେଳ ଶିକ୍ଷକ ମନୋଜ ତୁଳଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ଆକର୍ଷଣୀୟ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତ ଦର୍ଶକଙ୍କ ମନମୁଗ୍ଧ କରିଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ

# ଅଲେଖ ମହିମା ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନନ୍ଦପୁର,୧୨।୨ (ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ଗୋଲୁର ପଞ୍ଚାୟତର ବାଇଲିଗୁଡା ହାଟପଦା ଠାରେ ଅଲେଖ ମହିମା ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ†ାଟିତ ହୋଇଯାଇଛି । ଉକ୍ତ ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡା ପ୍ରତିଯୋଗିତାର ଉଦ†ାଟନୀ ସମାରୋହରେ ପାଡୁଆ ଥାନା ଅଧିକାରୀ ଅଶୋକ କୁମାର ବିଶୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପା ଥାନା ଏ ଏସ ଆଇ ଦୀପକ ବାରିକ, ସମାଜସେବୀ କାମେୟା ପାଙ୍ଗି, ତ୍ରିପତି କାମୁଡି, ସୁବାଷ ପାଙ୍ଗି ଓ ନର୍ସିଙ୍ଗ ପାଙ୍ଗି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅତିଥିମାନେ ଯୁବ ଖେଳାଳିମାନଙ୍କୁ ଉତ୍ସାହିତ କରି କ୍ରୀଡା ମାଧ୍ୟମରେ ଶାରୀରିକ ଓ ମାନସିକ ବିକାଶ ସହ ସାମାଜିକ ଏକତା ଗଢ଼ିଉଠିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି କହିଥିଲେ । ସୀମାନ୍ତ ଆନ୍ଧ୍ର ଅଞ୍ଚଳରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆନ୍ଧ୍ର ପ୍ରଦେଶର ୪ଟି ଟିମ୍ ସହ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଆଜି ପ୍ରଥମ ଦିନର ପ୍ରତିଯୋଗିତାରେ ଅନିଂଗୁଡା ଓ ଡୁମୁରିଗୁଡା ମଧ୍ୟରେ ଆକର୍ଷଣୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହାକୁ ଦେଖିବାକୁ ସ୍ଥାନୀୟ ଖେଳପ୍ରେମୀଙ୍କର ଭିଡ଼ ଜମିଥିଲା । ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ ପାଙ୍ଗି, ସୁବାସ ପାଙ୍ଗି, ପ୍ରଶାନ୍ତ ପାଙ୍ଗି, ଭୂଷଣ ପାଙ୍ଗି, ଅଶୋକ କୁମାର ଖେମୁଣ୍ଡୁ ପ୍ରମୁଖ ପରିଚାଳନା କରିଥିଲେ



# ଧାନ ଚୋରାଚାଲାଣ ରୋକିବାକୁ ଜିଲ୍ଲା ପ୍ରଶାସନ ସଜାଗ



ମାଲକାନଗିରି, ୧୨।୨(ସମିସ): ମାଲକାନଗିରି ଜିଲ୍ଲାରେ ଧାନ ଦଲାଲଙ୍କ ସକ୍ରିୟତା ଖବର ଜାଣିବା ପରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଉପ-ଜିଲ୍ଲାପାଳ ଦୁର୍ଯୋଧନ ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାଲକାନଗିରି ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ବାକି ରହିଯାଇଥିବା ଚାଷୀଙ୍କ ଧାନକୁ ଯାଞ୍ଚ ନିମନ୍ତେ ଏକ ସ୍କ୍ୱାଡ୍ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି । ବୁଧବାର ୧୧ ଫେବୃଆରିରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲ୍ଲା ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ କାଲିମେଳା ବ୍ଲକର କେତେକ ସ୍ଥାନରେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଧାନ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତରିତ ହେଉଥିବାର ଜାଣି ଚଢ଼ଉ କରିଥିଲେ । ଚଢ଼ଉ ବେଳେ ବଦଲି ପଞ୍ଚାୟତର ଗୋଟିଏ ଘରୋଇ ଗୋଦାମରେ ପ୍ରଶାନ୍ତ ଦେଙ୍କ ଦ୍ୱାରା ପାଖାପାଖି ୨୦୦ କ୍ୱିଣ୍ଟାଲ ରଖିଥିବା ଧାନକୁ ଜବତ କରି ସିଲ୍ କରାଯାଇଥିଲା । ସେହି ଗୋଦାମ ନିକଟରୁ ଗୋଟେ ଟ୍ରକରୁ ୨୦୦ କ୍ୱିଣ୍ଟାଲ (ପାଖାପାଖି) ଧାନ ଥାଇ ଜବତ କରାଯାଇ ପଟେରୁ ଫାଣ୍ଡିରେ ଜମା ଦିଆଯାଇଛି, ତାହା ସହିତ ଗୋଦାମ ମାଲିକ, ଦଲାଲ ଓ ଅନ୍ୟାନ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏଫଆଇଆର ଦିଆଯିବ । ସେହିପରି ମାନ୍ୟମକୋଣ୍ଡା ଅଞ୍ଚଳରୁ ଗୋଟିଏ ଟ୍ରାକ୍ଟରରେ ପାଖପାଖି ୪୦ କ୍ୱିଣ୍ଟାଲ ଧାନ ଏବଂ ଗୋମ୍ପାକୋଣ୍ଡା ଅଞ୍ଚଳରୁ ୨ ଟି ପିକଅପ୍ ଭ୍ୟାନରେ ପାଖପାଖି ୮୦ କ୍ୱିଣ୍ଟାଲ ଧାନ ଥାଇ ଜବତ କରାଯାଇଛି । ଏ ସମସ୍ତ ଗାଡିକୁ କାଲିମେଳା ଥାନାରେ ଡ୍ରାଇଭର ସହ ଅଟକ ରଖାଯାଇଛି । ଏହି ସମସ୍ତ ଜବତ ହୋଇଥିବା ଧାନର ଯାଞ୍ଚ ପ୍ରକ୍ରିୟା ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା ଚାଲୁରହିଛି । ବର୍ତ୍ତମାନର ଜିଲ୍ଲାପାଳ, ମାଲକାନଗିରିଙ୍କ ନିର୍ଦ୍ଦେଶ ମତେ ଜିଲ୍ଲାର ୬୮ ଗୋଟି ମଣ୍ଡି ଅଧିନସ୍ଥ ପଞ୍ଜୀକୃତ ହୋଇଥିବା ସମସ୍ତ ଚାଷୀମାନଙ୍କର ପ୍ରକୃତ ଧାନର ପରିମାଣ ଯାଞ୍ଚ କରାଯାଉଛି । ଏହି ଜବତ ହୋଇଥିବା ଧାନ ଯେଉଁ ଚାଷୀମାନଙ୍କ ଠାରେ ଧାନ ମହଜୁଦ ନାହିଁ ସେମାନଙ୍କ ଘରେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଗଚ୍ଛିତ କରାଯାଇ ପରେ ମଣ୍ଡିରେ ବିକ୍ରି କରାଯାଇଥାନ୍ତା । ସମ୍ପୃକ୍ତ ଅସାଧୁ ଧାନ ବେପାରୀ ଓ ଗାଡି ମାଲିକଙ୍କ ବିରୋଧରେ ଏଫଆଇଆର୍ ଦିଆଯିବ । ତେଣୁ ଏହିଭଳି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଯେପରି ଧାନର କିଛି ବି ସ୍ଥାନାନ୍ତରଣ ନ ହୁଏ , ସେଥିପ୍ରତି ଜିଲ୍ଲାପାଳ, ମାଲକାନଗିରି ଓ ଆରକ୍ଷୀ ଅଧିକ୍ଷକ, ମାଲକାନଗିରି ସମସ୍ତ ପୁଲିସ ବାହିନୀଙ୍କୁ ଦିନ ରାତି ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ କରାଯାଇଥିବା ତନଖି ଫାଟକ ମାନଙ୍କରେ ମଧ୍ୟ ଯାଞ୍ଚ କଡାକଡି କରାଯାଇଛି । ଏହି ଚଢ଼ଉ ଧାନ ବିକ୍ରି ସରିବା ପର୍ଯ୍ୟନ୍ତ ଜାରି ରହିବ । ପ୍ରକୃତ ଚାଷୀମାନଙ୍କ ଠାରୁ ସଠିକ ସମୟ ମଧ୍ୟରେ ଧାନ କ୍ରୟ କରାଯିବ । ପ୍ରକୃତ ଚାଷୀ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି କୁହାଯାଇଛି ।


## THE BISRA STONE LIME COMPANY LIMITED

CIN: L14100OR1910GO1033904
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF FINANCIAL RESULTS FOR THE NINE MONTH ENDED 31ST DECEMBER'2025**

(Rs.in Lakhs)

| Sl. No. | Particulars | Nine Month Ended 31.12.2025 | Nine Month Ended 31.12.2024 | Year Ended 31.03.2025 |
|---|---|---|---|---|
| | | (Reviewed) | (Reviewed) | (Audited) |
| 1 | Total Income from Operation (including Other Income) | 6,740.37 | 4,792.72 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 1,063.96 | 691.11 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 1,063.96 | 691.11 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 697.62 | 453.75 | 438.51 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 697.62 | 453.75 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,482.66) | (21,219.49) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.80 | 0.52 | 0.50 |
| | (ii) Diluted | 0.80 | 0.52 | 0.50 |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 12th February' 2026

## ଗହଣାଦୋକାନରୁ ଚୋରି; ୯ ଗିରଫ

# ନୟାଗଡ଼ରୁ ଆସି କଳାକନା ବୁଲାଉଥିଲେ



ବଲାଙ୍ଗିର, ୧୨।୨(ସମିସ): ବଲାଙ୍ଗିର ସଦର ଥାନା ଚୁଡ଼ାପାଲିର ମା' ମଙ୍ଗଳା ଗହଣା ଦୋକାନରୁ ଚୋରି ଘଟଣାରେ ପୁଲିସ ୧୦ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଲୋଇସିଂହା ଥାନା ସୁଜିଆ ଗାଁର ରାମ ସାହୁ ଓରଫ୍ ଗିରି, ଲୋଇସିଂହା

- ଚୋରି ଜିନିଷ କିଣିବା ଅଭିଯୋଗରେ ମଧ୍ୟ ଜଣେ ଗିରଫ
- ସୁନା ଓ ରୁପା ଗହଣା ସହ ରୁପାଇଟା ଜବତ
- ମାଷ୍ଟରମାଇଣ୍ଡ ପାଖରୁ କାର୍ ଓ ବାଇକ୍ ଜବତ

ଢୋଲମହୁଲର ସୁବାସ ବାଗ (୪୦), ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଭାଗୁବାଡ଼ି ଗାଁର ପଞ୍ଚୁ ସାହୁ(୨୮), ପୁରୁଣା ଦଶପଲ୍ଲା ଗାଁର ସୁଶାନ୍ତ ରଣା(୨୧), ଶରଣକୁଳ ଥାନା ବିତାଲଗଡିଆ ଗାଁର ପ୍ରଭାତ ଭୁଜବଳ(୨୮), ଇଟାମାଟି ଥାନା ଅଞ୍ଚଳର ମିଟୁ ସ୍ୱାଇଁ(୪୨), ନୟାଗଡ଼ ସଦର ଥାନା କାଇଥାଗଡ଼ିଆ ଗାଁର ଚନ୍ଦନ ପାତ୍ର(୨୫), ଓଡ଼ଗାଁ ଥାନା ଭାଡ଼ିକିଲା ଗାଁର କାଳିଆ ମହାରଣା (୨୬), ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଝରନୀପାଲି ଗାଁର ସୁନୀଲ ସାହୁ(୪୫), ବଲାଙ୍ଗିର ଟାଉନ ଥାନା ସାଲେପାଲି ଅଞ୍ଚଳର ଫର୍ଚ୍ୟୁନ ସାହୁ (୩୩)। ଗିରି ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବୋଲି ପୁଲିସ କହିଛି। ସେ ଚୋରି ଟଙ୍କାରେ ଦାମୀ କାର୍, ବାଇକ୍ କିଣି ସଉକ ମେଣ୍ଟାଉଥିଲା।

ଗତ ୩୦ ତାରିଖ ରାତିରେ ଗହଣା ଦୋକାନ ମାଲିକ ସରୋଜ ମେହେର ଅଭିଯୋଗ କରିଥିଲେ। ଲୁଟେରାମାନେ ତାଙ୍କ ଦୋକାନରୁ ପ୍ରାୟ ୪ କେଜି ୯୦୦ ଗ୍ରାମ୍‌ର ରୁପା ଓ ୫ ଗ୍ରାମ ସୁନା ଗହଣା ଚୋରି କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସାଇବର୍ ପୁଲିସ ସୂଚନାକୁ ଆଧାର କରି ପୁଲିସ ଟିମ୍ ପ୍ରଥମେ ଅଭିଯୁକ୍ତ ଗିରିକୁ ଧରିଥିଲା। ତାକୁ ପଚରାଉଚରା କରିବା ପରେ ପୁଲିସ ଅନ୍ୟମାନଙ୍କ ଉପରେ ତଥ୍ୟ ପାଇଥିଲା। ଗିରିର ସୂଚନା ଆଧାରରେ ପୁଲିସ ତା'ର ଅନ୍ୟ ୮ ସହଯୋଗୀଙ୍କୁ ଗିରଫ କରିଛି। ସେହିପରି ଏହି ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଫର୍ଚ୍ୟୁନ ଗିରଫ ହୋଇଛି। ସେମାନଙ୍କ ପାଖରୁ ୨କେଜି ୨୦୦ ଗ୍ରାମ ରୁପାଇଟା, ବହୁ ପରିମାଣର ସୁନା ଗହଣା, ମୋବାଇଲ, ନଗଦ ୨୬ହଜାର ୭୩୦ ଟଙ୍କା ଜବତ ହୋଇଛି। ଚୋରି ଟଙ୍କାରେ ଗିରି କିଣିଥିବା ଏକ କାର୍ ଓ ବୁଲେଟ୍ ବାଇକ୍‌କୁ ମଧ୍ୟ ପୁଲିସ ଜବତ କରିଛି। ଏସ୍‌ପି ଅଭିଲାଷ ଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ, ଏହି ଗ୍ୟାଙ୍ଗ ବଲାଙ୍ଗିର ଟାଉନ ଥାନା ଅଧୀନ ୨ଟି ଚୋରି ମାମଲାରେ ମଧ୍ୟ ସଂପୃକ୍ତ ଥିବା ମଧ୍ୟ ଏସ୍‌ପି ସୂଚନା ଦେଇଛନ୍ତି।

ବଡ଼ କଥା ହେଉଛି, ଏହି ଗ୍ୟାଙ୍ଗର ୭ଜଣ ଅଭିଯୁକ୍ତ ନୟାଗଡ଼ ଜିଲ୍ଲାର ଏବଂ ୨ଜଣ ଯୁବକ ବଲାଙ୍ଗିର ଜିଲ୍ଲାର। ସ୍ଥାନୀୟ ୩ଜଣ ଯୁବକ ସେମାନଙ୍କୁ ଡକାଇ ଚୋରି କରୁଥିଲେ। ପରେ ସେମାନଙ୍କ ଭାଗ ଦେଇ ବାକିତକ ନିଜେ ରଖି ଖର୍ଚ୍ଚ କରୁଥିଲେ।

## ଦାଦନଶ୍ରମିକଙ୍କୁ ବନ୍ଧକ ରଖି ୩ ଲକ୍ଷ ଦାବି



ବରଗଡ଼, ୧୨।୨ (ସମିସ): ଦାଦନ ଶ୍ରମିକଙ୍କୁ ବନ୍ଧକ ରଖି ପରିବାରକୁ ୩ ଲକ୍ଷ ଟଙ୍କା ଦାବି। ପେଟପାଟଣା ପାଇଁ ସୁଦୂର ତେଲେଙ୍ଗାନାକୁ ଯାଇଥିବା ବରଗଡ଼ ଜିଲ୍ଲା ପାଇକମାଳ ଅଞ୍ଚଳର ଜଣେ ଯୁବକ ଓ ତାଙ୍କ ପରିବାର ଏବେ ଦାଦନ ଯନ୍ତ୍ରଣାରେ ଏମିତି ପେଶି ହେଉଛନ୍ତି। ଯୁବକଜଣଙ୍କ ହେଲେ, କାଂସଡ଼ା ପଞ୍ଚାୟତ ଅଧୀନ ଢେଙ୍କିମୁଣ୍ଡା ଗାଁର ନବୀନ ବାଙ୍କ(୪୪)।

ନବୀନଙ୍କ ପତ୍ନୀ କହିଛନ୍ତି ଯେ ନବୀନ କାମ ଅନ୍ୱେଷଣରେ ତେଲେଙ୍ଗାନା ଯାଇଥିଲେ। ସେଠାରେ ଏକ ଇଟାଭାଟିରେ କାମ କରୁଥିଲେ। ତେବେ କିଛି ଦିନ ହେଲା ଇଟାଭାଟି ମାଲିକ ନବୀନଙ୍କୁ ବନ୍ଧକ ରଖିଛି। ୩ ଲକ୍ଷ ଟଙ୍କା ନ ଦେଲେ ଛାଡ଼ିବ ନାହିଁ ବୋଲି ଧମକ ଦେଉଛି। ପାଖରେ ଚଳିବାକୁ ପଇସା ନଥିବା ବେଳେ ୩ ଲକ୍ଷ ଟଙ୍କା କେଉଁଠୁ ଆଣି ସ୍ୱାମୀଙ୍କୁ ମୁକୁଳାଇବି ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ନିରାଶା ଓ ଭୟରେ ବୁଧବାର ନବୀନଙ୍କ ସ୍ତ୍ରୀ ଓ ପରିବାରଲୋକ ସାମାଜିକ କର୍ମୀ ଦୀପା ବାରିକଙ୍କ ଘରେ ପହଞ୍ଚି ସହାୟତା ନିମନ୍ତେ ଅନୁରୋଧ କରିବା ପରେ ଏହି ଘଟଣା ପଦାକୁ ଆସିଥିଲା। ଦୀପା ଏହାକୁ ଗୁରୁତ୍ୱର ସହ ନେଇ ତେଲେଙ୍ଗାନା ପୁଲିସ ଓ ଓଡ଼ିଶା ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ନବୀନଙ୍କୁ ଶୀଘ୍ର ଉଦ୍ଧାର ପାଇଁ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

## ନକ୍ସଲମୁକ୍ତ ହେବ ଗନ୍ଧମାର୍ଦ୍ଦନ



ବରଗଡ଼, ୧୨।୨(ସମିସ): ବରଗଡ଼ ଜିଲ୍ଲାର ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ ଜଙ୍ଗଲ ନକ୍ସଲମୁକ୍ତ ହେବ। ଗନ୍ଧମାର୍ଦ୍ଦନ ପାହାଡ଼ରେ ଲୁଚି ରହିଥିବା ମାଓବାଦୀ ଏବେ ଓଡ଼ିଶା ପୁଲିସର ଟାର୍ଗେଟ୍‌ରେ ରହିଛନ୍ତି। ତେଣୁ ସେମାନେ ହିଂସାର ପଥ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ବୋଲି ନକ୍ସଲ ବିରୋଧୀ ଅଭିଯାନ ଅପରେସନର ଅତିରିକ୍ତ ଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଗୁରୁବାର ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି ଯେ ମାର୍ଚ୍ଚ ୩୧ ସୁଦ୍ଧା ବରଗଡ଼ ଓ ବଲାଙ୍ଗିର ଜିଲ୍ଲାକୁ ମାଓମୁକ୍ତ କରିବା ପାଇଁ ପୁଲିସ୍ ରଣକୌଶଳ ପ୍ରସ୍ତୁତ କରିଛି। ଗନ୍ଧମାର୍ଦ୍ଦନ ଅଞ୍ଚଳରେ ଥିବା ସମସ୍ତ ଥାନାର ଅଧିକାରୀ ଓ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଏନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ଗନ୍ଧମାର୍ଦ୍ଦନ ଅଞ୍ଚଳରେ ବିବିଏମ୍ ଡିଭିଜନର ମାଓବାଦୀ ରହିଥିବା ବେଳେ ଏଥିପାଇଁ ସିଆରପିଏଫ୍ ଓ ଏସଓଜି ଟିମ୍‌କୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି।

## ସ୍କୁଲରେ ମଦ ପିଇ ୨ ଛାତ୍ର ସଂଜ୍ଞାହୀନ

ଦଶପଲ୍ଲା, ୧୨।୨(ସମିସ): ମଦ ପିଇ ସ୍କୁଲରେ ଦୁଇଛାତ୍ର ସଂଜ୍ଞାହୀନ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ସରକାରୀ ହାଇସ୍କୁଲରେ ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନାନୁସାରେ, ପ୍ରାର୍ଥନା ସମୟରେ ଛାତ୍ରଦ୍ୱୟ ଅସ୍ୱାଭାବିକ ଆଚରଣ ଦେଖାଇଥିଲେ। ସେମାନଙ୍କ ପାଟିରୁ ମଦ ଗନ୍ଧ ଆସୁଥିଲା। କିଛି ସମୟ ପରେ ଜଣେ ଛାତ୍ର ଚେତାଶୂନ୍ୟ ହୋଇପଡ଼ିବାରୁ ଶିକ୍ଷକ ଓ କର୍ମଚାରୀମାନେ ତାଙ୍କୁ ବାରଣ୍ଡାକୁ ଆଣି ପାଣି ଛାଟି ଚିକିତ୍ସା କରିଥିଲେ। ସେହିପରି ଅନ୍ୟ ଛାତ୍ରଜଣଙ୍କ ମଧ୍ୟ ସାମାନ୍ୟ ଅସୁସ୍ଥ ହୋଇପଡ଼ିଥିଲା। ଖବର ପାଇ ଅଭିଭାବକ ପହଞ୍ଚିବା ପରେ ସ୍କୁଲ କର୍ତ୍ତୃପକ୍ଷ ଉଭୟଙ୍କୁ ହସ୍ତାନ୍ତର କରି ତାଗିଦ୍ କରିଥିଲେ। ଏ ସଂପର୍କରେ ପ୍ରଧାନ ଶିକ୍ଷକ ପ୍ରକାଶ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଏପରି ଘଟଣା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଛାତ୍ରଦ୍ୱୟ ବିଦ୍ୟାଳୟରେ ନିୟମିତ ଦୁଷ୍ଟାମି କରନ୍ତି। ଅତୀତରେ ସିସିଟିଭି କ୍ୟାମେରା ଭାଙ୍ଗିବାର ମଧ୍ୟ ନଜିର ମଧ୍ୟ ରହିଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।

# ମୁନିଗୁଡ଼ାରେ ବୁଲୁଛି ମହାବଳ

ମୁନିଗୁଡ଼ା, ୧୨।୨ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବନାଞ୍ଚଳରେ ବାଘ ଆତଙ୍କ ଦେଖାଯାଇଛି। ରାୟଗଡ଼ା ବନଖଣ୍ଡ ମୁନିଗୁଡ଼ା ବନାଞ୍ଚଳ ଜଗଦଲପୁର ପଞ୍ଚାୟତ ଡୁମିରିଗୁଡ଼ା ଗାଁରେ ଗତକାଲି ରାତି ୨ରୁ ୩ଟା ମଧ୍ୟରେ ଗ୍ରାମର କୁଞ୍ଜ ବେହେରାଙ୍କ ବାଛୁରିକୁ ବାଘ ମାରି

**ବାଛୁରି ମାରି ଖାଇଲା !**

ଖାଇଥିବା ଅଭିଯୋଗ ହୋଇଛି। ଆଜି ସକାଳେ ଘରଲୋକେ ବାଛୁରୀର ହାଡ଼ ଓ ରକ୍ତ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସେହି ସ୍ଥାନରେ ବାଘ ପାଦଚିହ୍ନ ପଡ଼ିଥିବାରୁ ଏବଂ ପାଦ ବଡ଼ ହୋଇଥିବାରୁ ଏହା ଏକ ମହାବଳ ନା କଲରାପତରିଆ, ତାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଭୟର ବାତାବରଣ



ଖେଳିଯାଇଛି। ଏନେଇ ମୁନିଗୁଡ଼ା ରେଞ୍ଜର୍ ପ୍ରବୀଣ ଦାଶ ସ୍ଥାନୀୟ ଲୋକଙ୍କୁ ସତର୍କ କରାଇଛନ୍ତି। ଜଙ୍ଗଲ ମଧ୍ୟକୁ ନ ଯିବା ଏବଂ ସଂଧ୍ୟା ପରେ ପଦାକୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ରେଞ୍ଜର୍ ଶ୍ରୀ ଦାଶ କହିଛନ୍ତି, ମୁନିଗୁଡ଼ା ଅଞ୍ଚଳରେ ଗୋଟିଏ ବାଘ ବୁଲୁଥିବା ସୂଚନା ମିଳିଛି। ତଦନ୍ତ ସମୟରେ ଗୋଟିଏ ଜନ୍ତୁର ପାଦଚିହ୍ନ ମିଳିଛି। କିନ୍ତୁ, ତାହା ବାଘର ନା ଆଉ କେଉଁ ଜନ୍ତୁର, ସ୍ପଷ୍ଟ ହୋଇନାହିଁ। ବିଭିନ୍ନ ଅଞ୍ଚଳରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ସେଥିରୁ କିଛି ଜଣାପଡ଼ିବ ବୋଲି ବନ ବିଭାଗ ଆଶାବାଦୀ ରହିଥିବା ଶ୍ରୀ ଦାଶ କହିଛନ୍ତି।

## ଟ୍ରାକ୍ଟର୍ ଓଲଟି ୩ ମୃତ

ବାରିପଦା/କରଞ୍ଜିଆ,୧୨।୨(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍‌ରେ ଆଜି ଏକ ଦୁର୍ଘଟଣା ୩ଜଣଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ଭାଲିଆନାଳ ଗାଁର ଜଟିଆ ହୋ(୧୪), ରସମତଳା ଗାଁର କୁନାରାମ ମାରାଣ୍ଡି (୧୫) ଓ ଦୀପୁ ହୋ(୨୩)। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୫ଜଣ ଆହତ ହୋଇଛନ୍ତି। ଏକ ଟ୍ରାକ୍ଟର୍ ନଦୀ ତଳକୁ ଖସି ପଡ଼ିବାରୁ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ୮ଜଣ ଯାକ ଝୁମୁକାକୁଦରକୁ ଯାତ୍ରା ଦେଖିବାକୁ ଏକ ଟ୍ରାକ୍ଟର୍‌ରେ ଯାଇଥିଲେ। ସେଠାରୁ ସେମାନେ ଘରକୁ ଫେରୁଥିବା ବେଳେ ଟ୍ରାକ୍ଟର୍‌ଟି ଭାରସାମ୍ୟ ହରାଇ ମୁର୍ଗାସାହୀ ଦେଓ ନଦୀ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର କୁନାରାମ, ଦୀପୁ ଓ ଜଟିଆଙ୍କୁ ମୃତ ଘୋଷଣା କରିଥିବା ବେଳେ କେଦାର, କୃପାଣ୍ଡର, ମଙ୍ଗୁଳା ଓ ବର୍ଷା ଗୁରୁତର ଥିବା ଜଣାପଡ଼ିଛି। କରଞ୍ଜିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର୍ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

## ବ୍ରହ୍ମପୁର ସମବାୟ ଅର୍ବାନ୍ ବ୍ୟାଙ୍କ ଉପରେ ୨ ଲକ୍ଷ ଜୋରିମାନା ଲଗାଇଲା ଆର୍‌ବିଆଇ

ଭୁବନେଶ୍ୱର,୧୨।୨(ସମିସ): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବ୍ରହ୍ମପୁର ସ୍ଥିତ ସମବାୟ ଅର୍ବାନ୍ ବ୍ୟାଙ୍କ ଲିମିଟେଡ୍ ଉପରେ ୨ ଲକ୍ଷ ଟଙ୍କାର ଜୋରିମାନା ଲଗାଇଛି। ଆର୍‌ବିଆଇ ଦ୍ୱାରା ଜାରି କେତେକ 'ଏକ୍ସପୋଜର ନର୍ମସ୍ ଏବଂ ସାମ୍ବିଧାନିକ / ୟୁସିବି ସମ୍ପର୍କିତ ଅନ୍ୟାନ୍ୟ ପ୍ରତିବନ୍ଧକ ନିର୍ଦ୍ଦେଶ ଅନୁପାଳନ ନ କରିଥିବାରୁ ରିଜର୍ଭ ବ୍ୟାଙ୍କ ବ୍ରହ୍ମପୁର ସମବାୟ ଅର୍ବାନ୍ ବ୍ୟାଙ୍କ ଲିମିଟେଡ୍ ଉପରେ ଏହି ଆର୍ଥିକ ଦଣ୍ଡ ଲାଗୁ କରିଛି। ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନର ର ଧାରା ୪୬(୪)(ଆଇ) ଏବଂ ୫୬ ଅନୁଯାୟୀ, ୧୯୪୯ ର ଧାରା ୪୭ଏ(୧)(ସି)ରେ ଏହି ଜୋରିମାନା ଲାଗୁ କରାଯାଇଛି। ବ୍ୟାଙ୍କ ପ୍ରୁଡେନ୍ସିଆଲ୍ ଆନ୍ତଃ-ବ୍ୟାଙ୍କ (ଗ୍ରସ୍) ଏକ୍ସପୋଜର୍ ସୀମା ଏବଂ ଆନ୍ତଃ-ବ୍ୟାଙ୍କ କାଉଣ୍ଟର-ପାର୍ଟି ସୀମା ଉଲ୍ଲଂଘନ କରିଥିଲା। ଆର୍‌ବିଆଇ ନିର୍ଦ୍ଦେଶାବଳୀର ଅନୁପାଳନ ନ କରିବା ନେଇ ବ୍ୟାଙ୍କକୁ ଏକ ନୋଟିସ୍ ଜାରି କରାଯାଇଥିଲା, ଯେଉଁଥିରେ ଉକ୍ତ ନିର୍ଦ୍ଦେଶାବଳୀ ପାଳନ କରିବାରେ ବିଫଳତା ପାଇଁ କାହିଁକି ଦଣ୍ଡାଦେଶ ଲାଗୁ କରାଯିବ ନାହିଁ ତାହାର କାରଣ ଦର୍ଶାଯିବାକୁ ବ୍ୟାଙ୍କକୁ କୁହାଯାଇଥିଲା। ନୋଟିସ୍ ପରେ ବ୍ୟାଙ୍କର ଉତ୍ତରକୁ ବିଚାର କରିବା ପରେ, ଆର୍‌ବିଆଇ ଜାଣିପାରିଲା ଯେ, ଅନ୍ୟାନ୍ୟ ବିଷୟ ସହିତ ବ୍ୟାଙ୍କ ବିରୁଦ୍ଧରେ ନିମ୍ନଲିଖିତ ଅଭିଯୋଗ ଜାରି ରହିଛି, ଯେଉଁଥିପାଇଁ ଆର୍ଥିକ ଦଣ୍ଡାଦେଶ ଲାଗୁ କରିବା ଆବଶ୍ୟକ। ଏହି କାର୍ଯ୍ୟାନୁଷ୍ଠାନ ନିୟାମକ ଅନୁପାଳନରେ ତ୍ରୁଟି ଉପରେ ଆଧାରିତ ଏବଂ ବ୍ୟାଙ୍କ ଦ୍ୱାରା ଏହାର ଗ୍ରାହକମାନଙ୍କ ସହିତ କରାଯାଇଥିବା କୌଣସି କାରବାର କିମ୍ବା ଚୁକ୍ତିନାମାର ବୈଧତା ଉପରେ ଘୋଷଣା ପାଇଁ ଉଦ୍ଦିଷ୍ଟ ନୁହେଁ।

## ଭୁବନେଶ୍ୱର ଆଇଆଇଟିର ଅଷ୍ଟାଦଶ ପ୍ରତିଷ୍ଠା ଦିବସ

# 'ଓଡ଼ିଶା ହେବ ସେମିକଣ୍ଡକ୍ଟର ହବ୍'

ଜଟଣୀ, ୧୨।୨(ସମିସ): ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ଅଷ୍ଟାଦଶ ପ୍ରତିଷ୍ଠା ଦିବସ ଆଜି କ୍ୟାମ୍ପସ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ ଆଣ୍ଡ ଆଇଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଆଇଆଇଟି ବିଦ୍ୟାର୍ଥୀମାନେ ଆମ ଦେଶର ଗର୍ବ। ଖୁବ୍‌ଶୀଘ୍ର ଓଡ଼ିଶା ସେମିକଣ୍ଡକ୍ଟର୍ ହବ୍ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ପଟ୍ଟନାୟକ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ଏବଂ ରବିସନ୍ସ ଫାଉଣ୍ଡେସନ୍‌ର ଟ୍ରଷ୍ଟି ସରୋଜ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଶକ୍ତି ପର୍ଯ୍ୟନ୍ତ ସମାଜକୁ ଦ୍ରୁତଗତିରେ ପରିବର୍ତ୍ତନ କରୁଛି ପ୍ରଯୁକ୍ତିବିଦ୍ୟା। ଆଇଆଇଟି ଭୁବନେଶ୍ୱର ଭଳି ପ୍ରତିଷ୍ଠାନ ଏହି ପରିବର୍ତ୍ତନର ସର୍ବୋଚ୍ଚ ସ୍ଥାନରେ ରହିଛି।

ପ୍ରାରମ୍ଭରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ସ୍ୱାଗତ ଭାଷଣରେ ପ୍ରତିଷ୍ଠାନର ପ୍ରତିଷ୍ଠା ଏବଂ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସର ଇତିହାସ ଉପରେ ସଂକ୍ଷିପ୍ତ ଆଲୋକପାତ କରିଥିଲେ। 'ଆଇଆଇଟି ଭୁବନେଶ୍ୱର ଆଧୁନିକ ଶିକ୍ଷା ହଲ୍, ଉନ୍ନତ ଗବେଷଣା ଏବଂ ନବସୃଜନ-ଚାଳିତ




ଶିକ୍ଷା ଉପରେ କେନ୍ଦ୍ରିତ ଏକ ପ୍ରାଣବନ୍ତ କ୍ୟାମ୍ପସରେ ବିକଶିତ ହୋଇଛି। ଏହି ଅବସରରେ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରତିଷ୍ଠାନର ବିଭିନ୍ନ ପ୍ରମୁଖ ଗବେଷଣା ଏବଂ ବିକାଶ ସୁବିଧା, ଯେପରିକି ଗବେଷଣା ଏବଂ ଉଦ୍ୟୋଗିତା ପାର୍କ, ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର, ଭର୍ଚୁଆଲ୍ ଏବଂ ଅଗମେଣ୍ଟେଡ୍ ରିଆଲିଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ରୋବୋଟିକ୍ସ ଲ୍ୟାବ ଏବଂ ସକ୍ରିୟ ଶିକ୍ଷା ଶ୍ରେଣୀଗୃହ ପରିଦର୍ଶନ କରିଥିଲେ। ଡିନ୍ (ଛାତ୍ର ବ୍ୟାପାର) ପ୍ରଫେସର୍ ରାଜେଶ ରୋଶନ ଦାଶ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠାନର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ରାଜି ହେଲେନି ପରିବାର

# ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

ପଟ୍ଟାଙ୍ଗି, ୧୨।୨(ସମିସ): ପରିବାରଲୋକ ସେମାନଙ୍କ ପ୍ରେମକୁ ସ୍ୱୀକୃତି ଦେଲେନି। ବାରମ୍ବାର ଅନୁରୋଧ, କାକୁତିମିନତି ପରେ ବି ସେମାନଙ୍କ କଥା ଶୁଣିଲେନି। ତେଣୁ, ଏଥିରେ ଧୈର୍ଯ୍ୟହାର ହୋଇ ଏକାଠି ଗଛରେ ଝୁଲିପଡ଼ିଲେ। କୋରାପୁଟ ଜିଲ୍ଲା ଓଡ଼ିଶା-ଆନ୍ଧ୍ର ସୀମାନ୍ତ ସୁଙ୍କି ଥାନା ଅନ୍ତର୍ଗତ ପେଟୁର ପଞ୍ଚାୟତ ବଡ଼ାଗୁଡ଼ା ଗ୍ରାମରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ଏକ ତେନ୍ତୁଳି ଗଛରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଦ୍ୱୟ ହେଲେ, ଗୁଗାଗୁଡ଼ା ଗ୍ରାମର ଝିଅ ମେରୀ ସଡାପେଲି ଓ ମାଟାମ ଜିଲ୍ଲାଗୁଣ୍ଡା ଗ୍ରାମର ରବି ସିନ୍ଧେରି। ସୂଚନାନୁଯାୟୀ, ମେରି ଓ ରବି କିଛି ବର୍ଷ ହେଲା ପରସ୍ପରକୁ ଭଲ ପାଉଥିଲେ। ପରସ୍ପରକୁ ବିବାହ କରି ଜୀବନସାଥୀ କରିବେ ବୋଲି ମନସ୍ଥ ବି କରିଥିଲେ। କିନ୍ତୁ ପରିବାରଲୋକ ସେମାନଙ୍କ ପ୍ରେମ କିମ୍ବା ବାହାଘରକୁ ସ୍ୱୀକୃତି ନ ଦେବାରୁ ଦୁହେଁ ଏପରି ଚରମ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ପୁଲିସ ଦୁହିଁଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ସୁଙ୍କି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଏନ୍‌ଏଲ୍‌ୟୁ କ୍ୟାମ୍ପସରେ ସୁରକ୍ଷାକୁ ନେଇ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ସନ୍ଦିଗ୍ଧ ଛାତ୍ରଛାତ୍ରୀଙ୍କ ବ୍ରେଥ୍ ଆନାଲାଇଜର୍ ପରୀକ୍ଷା କରିବେ କର୍ତ୍ତୃପକ୍ଷ

କଟକ, ୧୨।୨ (ସମିସ): ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ପରିସରରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଓଡ଼ିଶା ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜଣେ ଛାତ୍ରଙ୍କୁ ଅପହରଣ ଓ ଅସଦାଚରଣ ମାମଲାର ଶୁଣାଣି କରି ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ପାଇଁ କେତେକ ଜରୁରୀ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଅଦାଲତ କହିଛନ୍ତି ଯେ ଏନ୍‌ଏଲ୍‌ୟୁ ପରି ଏକ ଜାତୀୟସ୍ତରର

- କ୍ୟାମ୍ପସକୁ ନିଶାଦ୍ରବ୍ୟ ପ୍ରବେଶ ରୋକିବାକୁ ଯାଞ୍ଚ କଡ଼ାକଡ଼ି ନିର୍ଦ୍ଦେଶ
- ନରାଜରେ ପୁଲିସ୍ ଆଉଟପୋଷ୍ଟ ସହ କ୍ୟାମ୍ପସରେ ବିଟ୍‌ହାଉସ୍ କର

ଅନୁଷ୍ଠାନ ପରିସରରେ ବାରମ୍ବାର ଅଶାନ୍ତି ଓ ଅପରାଧିକ ଘଟଣା ଘଟିବା ଚିନ୍ତାର ବିଷୟ। ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନ ଏକ ସୁରକ୍ଷିତ ଓ ସମ୍ମାନଜନକ ସ୍ଥାନ ହେବା ଉଚିତ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ନରାଜଠାରେ ପୁଲିସ ଆଉଟପୋଷ୍ଟ ସ୍ଥାପନ କରାଯିବା ସହ ସେଠାରେ ଜଣେ ସବ୍-ଇନ୍ସପେକ୍ଟର୍ ପାହ୍ୟାର ଅଫିସର ମୁତୟନ ରହିବେ। ସେହିଭଳି କ୍ୟାମ୍ପସ ଭିତରେ ବିଟ୍ ହାଉସ୍ ସହ ୨୪ ଘଣ୍ଟିଆ ପୁଲିସ ମୁତୟନ ବ୍ୟବସ୍ଥା କରାଯିବା ଦିଗରେ ପଦକ୍ଷେପ ନେବା ପାଇଁ ପୁଲିସ କମିସନର୍ ଓ କଟକ ଡିସିପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଏହି ମାମଲାରେ କଟକ ଡିସିପି, ଏନ୍‌ଏଲ୍‌ୟୁ କୁଳସଚିବ ଓ ସିଡିଏ ଫେଜ ଟୁ ଥାନା ଅଧିକାରୀ ହାଜର ହୋଇଥିଲେ। ଏନ୍‌ଏଲ୍‌ୟୁର ପ୍ରବେଶ ଓ ପ୍ରସ୍ଥାନ ପଥରେ ଅଧିକ ସୁରକ୍ଷା କର୍ମୀ, ସିସିଟିଭି କ୍ୟାମେରା ଏବଂ ଲାଇଟ୍ ବ୍ୟବସ୍ଥା ସହ କ୍ୟାମ୍ପସ ଭିତରକୁ ନିଶାଦ୍ରବ୍ୟ ପ୍ରବେଶ ରୋକିବାକୁ ବ୍ୟାଗ୍ ଓ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯିବ। ଛାତ୍ରଛାତ୍ରୀଙ୍କୁ ମଦ ବା ଅନ୍ୟାନ୍ୟ ନିଶାଦ୍ରବ୍ୟ ଯୋଗାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର୍ ପଦକ୍ଷେପ ନିଆଯିବ। ସନ୍ଦେହ ହେଲେ ଛାତ୍ରଛାତ୍ରୀଙ୍କର 'ବ୍ରେଥ୍ ଆନାଲାଇଜର୍ ଟେଷ୍ଟ' ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କରିପାରିବେ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ସହରର ମୁଖ୍ୟ ବଜାରକୁ ସଂଧ୍ୟା ସମୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ବିଶ୍ୱବିଦ୍ୟାଳୟପକ୍ଷରୁ ସ୍ୱତନ୍ତ୍ର ବସ୍ ସେବାର ବ୍ୟବସ୍ଥା କରାଯିବ। ଯଦି କୌଣସି ଛାତ୍ରଛାତ୍ରୀ କ୍ୟାମ୍ପସ୍ ଭିତରେ ନିଶା ସେବନ କରୁଥିବା ଧରାପଡ଼ନ୍ତି, ତୁରନ୍ତ ସେମାନଙ୍କ ଅଭିଭାବକଙ୍କୁ ଜଣାଇବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏଥିସହ ହଷ୍ଟେଲଗୁଡ଼ିକର ନିୟମିତ ଯାଞ୍ଚ କରିବା ପାଇଁ କହିଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ମସିହାରେ କିଛି ଛାତ୍ରଙ୍କୁ ଜୋରଜବରଦସ୍ତ କାର୍‌ରେ ବସାଇ ଅପହରଣ ଉଦ୍ୟମ ଓ ଦୁର୍ବ୍ୟବହାର କରାଯାଇଥିବା ନେଇ ସିଡିଏ ଫେଜ୍-୨ ଥାନାରେ ମାମଲା ହୋଇଥିଲା। ତେବେ ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିବା ବେଳେ ଆବେଦନକାରୀ କେତେକ ଛାତ୍ରଙ୍କ ବିରୋଧରେ ସିଡିଏ ଫେଜ୍ ଟୁ ଥାନା ଏତଲା ଆଧାରରେ ହୋଇଥିବା ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ହାଇକୋର୍ଟ ରଦ୍ଦ କରିଛନ୍ତି। କିନ୍ତୁ ଭବିଷ୍ୟତ ପାଇଁ ଉପରୋକ୍ତ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି।

# କିଟ୍‌ରେ ଆରମ୍ଭ ହେବ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଠ୍ୟକ୍ରମ

## ଅସୁରକ୍ଷିତ ବୌଦ୍ଧ ଐତିହ୍ୟସ୍ଥଳୀର ସଂରକ୍ଷଣ ଓ ପରିଚାଳନା ପାଇଁ ପ୍ରତିଷ୍ଠା ହେବ ଅନ୍ତର୍ଜାତୀୟ ଏକାଡେମୀ

ଭୁବନେଶ୍ୱର,୧୨।୨(ସମିସ): ଏସିଆର ଅସୁରକ୍ଷିତ ବୌଦ୍ଧ ଐତିହ୍ୟର ସୁରକ୍ଷା ଦିଗରେ କିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏସିଆ ମହାଦେଶର ଗ୍ରାମାଞ୍ଚଳରେ ଥିବା ୯୦ ପ୍ରତିଶତରୁ ଅଧିକ ବୌଦ୍ଧ ଐତିହ୍ୟ ସ୍ଥଳ ଅସୁରକ୍ଷିତ ରହିଥିବା ବେଳେ ଏ ସମ୍ପର୍କରେ ଭାରତ, ଚୀନ୍, କୋରିଆ ଓ ଜାପାନର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। କିଟ୍ ଓ କିସ୍ ଏହିସବୁ ଐତିହ୍ୟ ସ୍ଥଳର ସୁରକ୍ଷା କିପରି କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବ। ଇଣ୍ଡିଆନ୍ ଟ୍ରଷ୍ଟ ଫର୍ ରୁରାଲ ହେରିଟେଜ୍ ଆଣ୍ଡ ଡେଭେଲପମେଣ୍ଟ ଦ୍ୱାରା ଗ୍ରାମାଞ୍ଚଳରେ ଅସୁରକ୍ଷିତ ବୌଦ୍ଧ ଐତିହ୍ୟ ସ୍ଥଳର ସଂରକ୍ଷଣ ଓ ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ଏକାଡେମୀ ପ୍ରତିଷ୍ଠା ହେବ। କିସ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏହି ଏକାଡେମୀର ନେତୃତ୍ୱ ନେବେ। ପ୍ରଫେସର ଗାଲା କିଟ୍ ଲ ସ୍କୁଲ ସହଯୋଗରେ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି।

କିଟ୍ ଲ ସ୍କୁଲରେ ଏହି ପାଠ୍ୟକ୍ରମ ଆରମ୍ଭ ହେବା ପରେ ଏହା ଦକ୍ଷିଣ ଏସିଆରେ ପ୍ରଥମ ଶୈକ୍ଷିକ କାର୍ଯ୍ୟକ୍ରମ ହେବ। ପ୍ରଫେସର ଗାଲା ଗତ ବର୍ଷ ଏକ ପ୍ରମୁଖ ଅନ୍ତର୍ଜାତୀୟ ସମ୍ମିଳନୀରେ ଏହି ଏକାଡେମୀ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିବା ବେଳେ ଉକ୍ତ ପ୍ରସ୍ତାବକୁ ଆଧାର କରି ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଏକ ପ୍ରତିନିଧି ଦଳ ଗତ ୭ ତାରିଖରେ ନୂଆଦିଲ୍ଲୀରେ ଏହି ଏକାଡେମୀର




ଗଠନ, ପାଠ୍ୟକ୍ରମ ଓ ଦୀର୍ଘକାଳୀନ ରୋଡ୍‌ମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଗ୍ରାମୀଣ ପ୍ରେକ୍ଷାପଟରେ ଅସୁରକ୍ଷିତ ବୌଦ୍ଧ ସ୍ଥଳଗୁଡିକୁ ସୁରକ୍ଷା ଦେବା ପାଇଁ ଆଇନଗତ ଢାଞ୍ଚା, ସ୍ଥାନୀୟ ଲୋକଙ୍କ ଭାଗୀଦାରି ଓ ନୈତିକ ପରିଚାଳନା ସମନ୍ୱିତ ମଡେଲର ଆବଶ୍ୟକତା ଉପରେ ପ୍ରଫେସର ଗାଲା ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରୟାସ ଓଡିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରେ। ସଂପ୍ରତି ୟୁନେସ୍କୋ ଏକ କ୍ରମିକ ନାମାଙ୍କନ ମାଧ୍ୟମରେ ରାଜ୍ୟର ପ୍ରସିଦ୍ଧ ବୌଦ୍ଧ ସ୍ୱର୍ଣ୍ଣ ତ୍ରିଭୂଜ-ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଭାରତର ଅସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିଛି। ଯଦି ଏହାକୁ ପୂର୍ଣ୍ଣ ବିଶ୍ୱ ଐତିହ୍ୟ ମାନ୍ୟତା ମିଳେ, ତେବେ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ଏକାଡେମୀ ଏହି ଐତିହାସିକ ସ୍ଥଳଗୁଡିକୁ ପରିଚାଳନା, ସଂରକ୍ଷଣ ଓ ଆଇନଗତ ସୁରକ୍ଷା ଦେବାରେ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧୈର୍ଯ୍ୟର ସହ କାମ କରନ୍ତୁ। ଅଚାନକ ଖୁସି ଖବର ପାଇବେ। ମାନସମ୍ମାନ ବୃଦ୍ଧି ପାଇବ। କ୍ୟାରିୟରରେ ଉନ୍ନତି କରିବେ।

**ବୃଷ:** ଅଟକି ଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବିଦେଶ ଯାତ୍ରା କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ସୁସମ୍ବାଦ ମିଳିପାରେ। ଧନପ୍ରାପ୍ତି ଯୋଗ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ଅତିଥି ସତ୍କାର କରିପାରନ୍ତି। ଦୂରସ୍ଥାନ ଯାତ୍ରା ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ସିଂହ:** କାମଚାପ ଅଧିକ ରହିବ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ସରକାରି ଚାକିରିଆଙ୍କ ପାଇଁ ଦିନଟି ବହୁତ ଭଲ। ଦାନ ଧର୍ମ କରିବେ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଦାନ ଧର୍ମ କରନ୍ତୁ।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ। ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ। ସାବଧାନତା ସହିତ କାର୍ଯ୍ୟ କରନ୍ତୁ। ଲୋକ ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୯୨୦- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘର ସଦସ୍ୟ ହେଲା।
- ୧୯୫୯- ପିଲାଙ୍କ ପାଇଁ ବାର୍ବି ଡଲ୍ ବିକ୍ରି ଆରମ୍ଭ ହୋଇଥିଲା।
- ୧୯୬୬-ସୋଭିଏତ୍ ସଂଘ ପୂର୍ବ କଜାଖସ୍ତାନରେ ପରମାଣୁ ପରୀକ୍ଷା କରିଥିଲା।
- ୧୯୯୧- ଆମେରିକା ଇରାକ୍ ଉପରେ ବୋମା ବିସ୍ଫୋରଣ କରିବାରୁ ୩୩୪ ଲୋକଙ୍କ ପ୍ରାଣହାନି।
- ୨୦୦୩- ୟଶ୍ ଚୋପ୍ରାଙ୍କୁ ଦାଦା ସାହେବ ପୁରସ୍କାରରେ ସମ୍ମାନିତ କରାଗଲା।

## ଆଜି ଆସିଥିଲେ


# ଭାରତର ବୁଲ୍‌ବୁଲ୍



ସରୋଜିନୀ ନାଇଡୁ ଜଣେ କିମ୍ବଦନ୍ତୀ ସ୍ୱାଧୀନତା ସଂଗ୍ରାମୀ, କବି ଏବଂ ରାଜନେତା ଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନ ଏବଂ ସାହିତ୍ୟ କ୍ଷେତ୍ରକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । 'ଦ ନାଇଟ୍ ଆଙ୍ଗେଲ ଅଫ୍ ଇଣ୍ଡିଆ' ନାମରେ ପ୍ରସିଦ୍ଧି ଅର୍ଜନ କରିଥିବା ସରୋଜିନୀ ନାଇଡୁ ଏକାଧାରରେ ଥିଲେ ଜଣେ କବି, ନାରୀନେତ୍ରୀ, ବାଗ୍ମୀ ଓ ସୁବକ୍ତା। ମହିଳା ସଶକ୍ତିକରଣ ଓ ମହିଳା ଅଧିକାର ପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ଜନ୍ମ ଦିନ ଫେବୃଆରୀ ୧୩ ତାରିଖକୁ ସାରା ଭାରତରେ 'ଜାତୀୟ ମହିଳା ଦିବସ' ଭାବେ ପାଳନ କରାଯାଇଥାଏ । ସରୋଜିନୀ ନାଇଡୁଙ୍କ ଜନ୍ମ ୧୮୭୯ ମସିହା ଆଜିର ଦିନରେ ହାଇଦ୍ରାବାଦର ଏକ ବଙ୍ଗୀୟ ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଥିଲା ଅଘୋରନାଥ ଚଟ୍ଟୋପାଧ୍ୟାୟ। ତାଙ୍କ ପିତା ହାଇଦ୍ରାବାଦର ନିଜାମ କଲେଜରେ ଅଧକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସରୋଜିନୀଙ୍କ ମାଆ ବରଦା ସୁନ୍ଦରୀ ଦେବୀ ଜଣେ କବି ଥିଲେ। ସେ ବଙ୍ଗଳା ଭାଷାରେ ସୁନ୍ଦର କବିତା ଲେଖୁଥିଲେ। ଆଠ ଭାଇଭଉଣୀଙ୍କ ମଧ୍ୟରେ ସରୋଜିନୀ ଥିଲେ ସବୁଠାରୁ ବଡ଼। ମାତ୍ର ବାରବର୍ଷ ବୟସରେ ସେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ପ୍ରଥମସ୍ଥାନ ଅଧିକାର କରି ସମସ୍ତଙ୍କୁ ଚକିତ କରିଦେଇଥିଲେ । ସେ ଇଂରାଜୀ କବିତା ଲେଖିବାକୁ ଭଲ ପାଉଥିଲେ । ସରୋଜିନୀଙ୍କ ଇଂରାଜୀ କବିତାରେ ମୁଗ୍ଧ ହୋଇ ହାଇଦ୍ରାବାଦର ନିଜାମ ତାଙ୍କୁ ବିଦେଶରେ ପଢିବାପାଇଁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ । ତେର ବର୍ଷ ବୟସରେ ପ୍ରାୟ ଛଅ ଦିନ ମଧ୍ୟରେ ସେ ୧୩୦୦ ପଦରେ 'ଲେଡି ଅଫ ଦି ଲେକ୍' ନାମକ ଦୀର୍ଘ କବିତା ରଚନା କରିଥିଲେ। ଏହାଛଡ଼ା ଦୁଇ ହଜାର ଧାଡ଼ିର ଏକ ନାଟକ ମଧ୍ୟ ଲେଖିଥିଲେ। ଉଚ୍ଚ ଶିକ୍ଷା ଲାଗି ୧୬ ବର୍ଷ ବୟସରେ ସେ ବିଲାତ ଯାତ୍ରା କରିଥିଲେ। ପରେ ସେ ଲଣ୍ଡନ ଓ ଗ୍ରିଟନ୍ କଲେଜରେ ଅଧ୍ୟୟନ ଜାରି ରଖିଥିଲେ। ତାଙ୍କର ଉର୍ଦ୍ଦୁ, ତେଲୁଗୁ, ବଙ୍ଗଳା ଓ ପାର୍ସି ଭାଷାରେ ଦଖଲ ଥିଲା। ୧୯ ବର୍ଷ ବୟସରେ ସେ ଡାକ୍ତର ଗୋବିନ୍ଦରାଜୁ ନାଇଡୁଙ୍କୁ ବିବାହ କରିଥିଲେ। ଭାରତକୁ ଫେରିବା ପରେ ସେ ଜାତୀୟ କଂଗ୍ରେସର ସଦସ୍ୟ ହୋଇଥିଲେ ଏବଂ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୧୯୨୫ ମସିହାରେ, ସରୋଜିନୀ ନାଇଡୁ ପ୍ରଥମ ମହିଳା ଭାବରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବରେ କାର୍ଯ୍ୟ କରିଥିଲେ । ଏହାବ୍ୟତୀତ ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତ ଛାଡ଼ ଆନ୍ଦୋଳନ ସମୟରେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲେ । ୧୯୩୧ ମସିହାରେ ସରୋଜିନୀ ମହାତ୍ମା ଗାନ୍ଧୀ ଓ ମଦନ ମୋହନ ମାଲବ୍ୟଙ୍କ ସହ ଲଣ୍ଡନରେ ଆୟୋଜିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ମଧ୍ୟ ଯୋଗଦାନ କରିଥିଲେ। ସେ ପ୍ରଥମ ମହିଳା ରାଜ୍ୟପାଳ ଭାବେ ଉତ୍ତର ପ୍ରଦେଶର ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ପାଇଁ ସେ ବହୁବାର ବିଦେଶ ଯାତ୍ରା କରିଥିଲେ। ସେ ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ଅଗଷ୍ଟ ୧୩ରେ 'ଲାହୋର ୧୯୪୭'

ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓ୍ୱଲଙ୍କ ଫିଲ୍ମ 'ବର୍ଡର ୨' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଛି। ଏବେ ଦର୍ଶକେ ତାଙ୍କର ଆଗାମୀ ଫିଲ୍ମ 'ଲାହୋର ୧୯୪୭'କୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହାର ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି । ଏହା ଆସନ୍ତା ଅଗଷ୍ଟ ୧୩ରେ ରିଲିଜ୍ ହେବ। ଏଥିରେ ସନ୍ନିଙ୍କ ସହ ସବାନା ଆଜ୍‌ମୀ, ପ୍ରୀତି ଜିନ୍‌ଟା, କରନ୍ ଦେଓ୍ୱଲ ଲିଡ୍ ରୋଲରେ ନଜର ଆସିବେ। ଅମିର୍ ଖାନ୍ ମଧ୍ୟ ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ଏହାର ସଙ୍ଗୀତ ନିର୍ଦ୍ଦେଶନା ଏ.ଆର୍. ରେହମାନ୍ ଦେଇଥିବାବେଳେ ଜାଭେଦ୍ ଅଖତର ଗୀତ ଲେଖିଛନ୍ତି। ଫିଲ୍ମର କାହାଣୀ ୧୯୪୭ ଭାରତ ବିଭାଜନ ପୃଷ୍ଠଭୂମି ଉପରେ ଆଧାରିତ। ରାଜ୍‌କୁମାର ସନ୍ତୋଷୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଯଦି ସନ୍ନିଙ୍କ ଫିଲ୍ମ ଏହିଦିନ ରିଲିଜ୍ ହେଉଛି ତେବେ ତାଙ୍କୁ ଦୁଇ ଜଣ ଆଗାଧାଡ଼ିର କଳାକାରଙ୍କୁ କଡ଼ା ଟକ୍କର ଦେବାକୁ ହେବ । ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଏପ୍ରିଲ୍ ୧୭ରେ ରିଲିଜ୍ ହେବାର ଥିଲା। ଫିଲ୍ମ କିଛି ସିନ୍ ରିସୁଟ୍ କରାଯିବାରୁ ଏବେ ଏହି ଫିଲ୍ମ ୧୪ ଅଗଷ୍ଟରେ ରିଲିଜ୍ ହେବ। ଅପରପକ୍ଷରେ କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ଫିଲ୍ମ 'ନାଗଜିଲା' ମଧ୍ୟ ୧୪ ଅଗଷ୍ଟରେ ରିଲିଜ୍ ହେବ। ଏହି ଦୁଇଟି ଫିଲ୍ମ ଏବେ 'ଲାହୋର ୧୯୪୭'କୁ କଡ଼ା ଟକ୍କର ଦେବେ। ସନ୍ନି, ସଲମାନ୍ ନା କାର୍ତ୍ତିକ୍ କିଏ ଦର୍ଶକଙ୍କ ହୃଦୟ ଜିତିବେ ତାହା ଦେଖିବାକୁ ବାକି ରହିଲା।



# ବିଶ୍ୱ ରେଡିଓ ଦିବସ

ଆଜି ବିଶ୍ୱ ରେଡିଓ ଦିବସ। ଜାତିସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖରେ ଏହି ଦିବସ ପାଳନ କରାଯାଏ। ଆଜିର ଡିଜିଟାଲ ଜମାନାରେ ବି କମିନି ରେଡିଓର କ୍ରେଜ୍। ଆଜି ବି ବିଭିନ୍ନ ଦୋକାନ ବଜାର, ଚା ଖଟି, ଗାଡ଼ିରେ ଶ୍ରୋତାଙ୍କୁ ମନୋରଞ୍ଜନର ଖୁରାକ ଯୋଗାଇଛି ରେଡିଓ । ହ୍ୱାଟସ୍‌ଆପ୍, ଫେସ୍‌ବୁକ୍ ଜମାନାରେ ବିଶ୍ୱ ଗଣମାଧ୍ୟମର ସବୁଠାରୁ ନିର୍ଭରଯୋଗ୍ୟ ଓ ବହୁଳ ବ୍ୟବହୃତ ମାଧ୍ୟମ ହେଉଛି ରେଡିଓ। ରେଡିଓ ଯାହା କହୁଛି ତାହା ସତ୍ୟ ଏହା ସାଧାରଣରେ ବିଶ୍ୱାସ ରହିଛି। ଅନେକ ଯାଞ୍ଚ, ଅନୁଧ୍ୟାନ ଓ ନିରୀକ୍ଷଣ ପରେ ରେଡିଓ ଖବର ପରିବେଷଣ କରୁଥିବାରୁ ତା'ର ବିଶ୍ୱସନୀୟତା ଏଯାବତ୍ ବଜାୟ ରହିଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବିନା ବିଜୁଳିରେ ଚାଲୁଥିବା ଯୋଗୁଁ ଏହାର ଲୋକପ୍ରିୟତା ଆଜିବି ରହିଛି। ଶ୍ରୋତାଙ୍କ ହୃଦୟରେ ଶତାବ୍ଦୀରୁ ଅଧିକ ସମୟ ଧରି ଘର କରି ରହିଥିବା ରେଡିଓର କଳେବର ସମୟକ୍ରମେ ବଦଳିଛି। ରୁପେଲି ପରଦା ଭଳି ଯଦିଓ ବେତାର ଦୁନିଆ ରଙ୍ଗିନ ନୁହେଁ, ହେଲେ ଶ୍ରୋତାଙ୍କୁ ବାନ୍ଧି ରଖିବା ଭଳି ସମସ୍ତ ସାମର୍ଥ୍ୟ ଖୁନ୍ଦି ହୋଇ ରହିଛି ଏହା ନିକଟରେ। ଖାସ୍ ସେଇଥିପାଇଁ ରେଡିଓ ଶବ୍ଦ ଉଚ୍ଚାରଣ ହେବା ମାତ୍ରକେ ଜଣେ ଶ୍ରୋତା ପହଞ୍ଚିଯାଏ ଭିନ୍ନ ଏକ ଦୁନିଆରେ, ଯେଉଁଠି ଥାଏ ତାଜା ଖବରଠାରୁ ଆରମ୍ଭ କରି ମନୋରଞ୍ଜନ, ସଚେତନତା ଭଳି ବହୁବିଧ କାର୍ଯ୍ୟକ୍ରମ। ସମାଜର ବିକାଶ ଦିଗରେ ରେଡିଓର ଅତୁଳନୀୟ ଭୂମିକାର ମହାନ ପରମ୍ପରାକୁ ମନେ ରଖିବା ପାଇଁ ରେଡିଓ ଦିବସ ପାଳନ କରାଯାଉଛି। ରେଡିଓକୁ ବିଶ୍ୱର ସବୁଠାରୁ ସହଜ ଏବଂ ଶସ୍ତାରେ ଉପଲବ୍ଧ ଗଣମାଧ୍ୟମ ବୋଲି କୁହାଯାଏ। କାରଣ ଏହା ଦୂରଦୂରାନ୍ତରରେ ଥିବା ସ୍ଥାନ ତଥା ଗ୍ରାମାଞ୍ଚଳର ଅପହଞ୍ଚ ଇଲାକାରେ ପହଞ୍ଚିପାରେ, ଯେଉଁଠାରେ ଅନ୍ୟ ଯୋଗାଯୋଗ ଏବଂ ଗଣମାଧ୍ୟମ ଉପଲବ୍ଧ ନୁହେଁ। ବିପର୍ଯ୍ୟୟ ଓ ସଙ୍କଟ ସମୟରେ ରେଡିଓ ଜୀବନ ରକ୍ଷାକାରୀ ସୂଚନା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ପାରିଛି। ଲୋକମାନଙ୍କୁ ଏକତ୍ର କରିବାରେ, ଯୋଗାଯୋଗକୁ ସମୃଦ୍ଧ କରିବାରେ ଏବଂ ବିଭିନ୍ନ ସଂସ୍କୃତି, ସମ୍ପ୍ରଦାୟ ଓ ଦୃଷ୍ଟିକୋଣ ମଧ୍ୟରେ ଉତ୍ତମ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ରେଡିଓ। ଏକବିଂଶ ଶତାବ୍ଦୀରେ ରେଡିଓର ବ୍ୟବସାୟୀକରଣ ହୋଇଛି। କମ୍ୟୁନିଟି ରେଡିଓ ସହ ଏଫ୍‌ଏମ୍‌ର ଚାହିଦା ବଢ଼ିଛି। ଆଞ୍ଚଳିକ ସ୍ତରରେ ଶ୍ରୋତାଙ୍କ ହୃଦୟ ଜିଣିବାକୁ ବେସରକାରୀ କମ୍ପାନିଗୁଡ଼ିକ ମଧ୍ୟରେ ଚାଲିଛି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା। ଫଳରେ ଏହାର ଫାଇଦା ମିଳିଛି ସାମାଜିକ ବ୍ୟବସ୍ଥାକୁ। ବିଶେଷ କରି କରୋନା ମହାମାରୀ ଭଳି ସମୟରେ ଜନସଚେତନତା ପାଇଁ ସାଧନ ଆବଶ୍ୟକ ପଡୁଥିବାବେଳେ ରେଡିଓ ଅନ୍ୟତମ ପ୍ରମୁଖ ଯୋଗାଯୋଗ ମାଧ୍ୟମ ଭାବେ ଲୋକଙ୍କର ନିକଟତର ହୋଇପାରିଛି। ରେଡିଓର ଯାତ୍ରା ବହୁତ ଅଙ୍କାବଙ୍କା ଓ ଲମ୍ବା। ତଥାପି ଉତ୍ଥାନ ପତନ ଓ ନୂଆ ଅଭ୍ୟୁଥାନ ମଧ୍ୟରେ ରେଡିଓ ତାର ଯାତ୍ରା ଜାରି ରଖିଛି।



## ସଞ୍ଜୀବନୀ

# ଓଜିଟିଟି



ଆଜିକାଲି ଘରେ ଘରେ ମଧୁମେହ ରୋଗୀ। ମଧୁମେହ ଚିହ୍ନଟ ପାଇଁ ସାଧାରଣତଃ HbA1c ପରୀକ୍ଷା କରାଯାଏ। ଏହି ପରୀକ୍ଷାରୁ ତିନିମାସର ରକ୍ତ ଶର୍କରାର ପରିମାଣ ଜଣାଯାଏ। ଏଚ୍‌ବିଏ୧ସି ପରି ଓଜିଟିଟି (OGTT) ଆଉ ଏକ ସ୍କ୍ରିନିଂ ଟେଷ୍ଟ। ଓଜିଟିଟି ବା ଓରାଲ ଗ୍ଲୁକୋଜ ଟଲେରେନ୍ସ ପରୀକ୍ଷାରୁ ଶରୀରର ଗ୍ଲୁକୋଜ ଗ୍ରହଣ କରିବାର କ୍ଷମତା ବିଷୟରେ ସ୍ପଷ୍ଟ ଜଣା ପଡ଼ିଥାଏ। ଏଥିରେ ନକାରାତ୍ମକ ଫଳାଫଳ ଆସିବା ସମ୍ଭାବନା କମ୍ ଥାଏ। ଓଜିଟିଟି ପରୀକ୍ଷା ସାଧାରଣତଃ ଦୁଇପ୍ରକାରେ କରାଯାଏ। ପ୍ରଥମତଃ ଖାଲି ପେଟରେ ପରୀକ୍ଷା କରାଯାଏ। ଦ୍ୱିତୀୟରେ ୭୫ ଗ୍ରାମ୍ ଗ୍ଲୁକୋଜ ସେବନର ଦୁଇଘଣ୍ଟା ପରେ ଏହି ପରୀକ୍ଷା କରାଯାଇଥାଏ। ଓଜିଟିଟି ପରୀକ୍ଷାରୁ ରକ୍ତ ଶର୍କରା ସ୍ତର ସହିତ ସାଧାରଣ ରକ୍ତ ପରୀକ୍ଷାର ଫଳାଫଳ ମଧ୍ୟ ଜଣାପଡ଼େ। ତେଣୁ ଡାକ୍ତରଙ୍କ ପରାମର୍ଶରେ ପ୍ରତି ୩ରୁ ୬ ମାସରେ ଓଜିଟିଟି ପରୀକ୍ଷା କରିବା ନିହାତି ଆବଶ୍ୟକ।

# ସ୍ତନକର୍କଟ ଚିହ୍ନଟ ପାଇଁ ଉପକରଣ



ମହିଳାଙ୍କଠାରେ ଦେଖାଯାଉଥିବା ସ୍ତନକର୍କଟ ଏକ ସାଧାରଣ କର୍କଟରୋଗ। ପ୍ରାଥମିକସ୍ତରରୁ ଏହି ରୋଗ ଚିହ୍ନଟରେ ବିଳମ୍ବ ଯୋଗୁଁ ଅଧିକାଂଶ ମହିଳା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି। ତେଣୁ ସ୍ତନ କର୍କଟ ଚିହ୍ନଟ ପାଇଁ ଏମ୍‌ଆଇଟି ବୈଜ୍ଞାନିକମାନେ ଏକ ପୋର୍ଟେବଲ ଅଲଟ୍ରାସାଉଣ୍ଡ ଉପକରଣ ତିଆରିଛନ୍ତି। ଏହା ସ୍ମାର୍ଟଫୋନ୍ ସାଇଜର ମେସିନ୍। ହାଲୁକା ଏବଂ ଏଆଇ ଆଧାରିତ। ଏମ୍‌ଆଇଟିର ସହକାରୀ ପ୍ରଫେସର କାନନ ନାଗଦେବିରେନ୍ ଏବଂ ତାଙ୍କ ଟିମ୍ ଏହି ଉପକରଣ ଡିଜାଇନ୍ କରିଛନ୍ତି। ଏଥିରେ ଏକ ଛୋଟ ପ୍ରୋସେସିଂ ମଡ୍ୟୁଲ ରହିଛି। ଏହି ଉପକରଣକୁ ଲାପଟପ୍‌ରେ ସଂଯୋଗ କଲେ ଥ୍ରିଡି ଇମେଜ୍ ଦେଖାଯାଇପାରେ। ଉପକରଣଟି ସ୍ତନକର୍କଟ ଚିହ୍ନଟ ପାଇଁ ଉପଯୋଗୀ। ଏହି ଉପକରଣକୁ ସ୍ତନ ଉପରେ ରଖି ଥ୍ରିଡି ଫଟୋ ନିଆଯାଏ। ଏହା ଭିନ୍ନ ଭିନ୍ନ ସ୍ତରରେ ସ୍ତନର ଯାଞ୍ଚ କରେ। ଯାହାଦ୍ୱାରା ସ୍ତନର ଅସ୍ୱାଭାବିକ ମାଂସବୃଦ୍ଧି ସହଜରେ ଚିହ୍ନଟ ହୋଇପାରେ। ଗବେଷକମାନେ ଏନେଇ ଏକ ପରୀକ୍ଷା କରିଥିଲେ ହେଁ ସେଥିରେ ସେ ସଫଳ ହୋଇଥିଲେ। ତେଣୁ ଉପକରଣଟି ବଜାରରେ ଉପଲବ୍ଧ ହେଲେ ସ୍ତନ କର୍କଟର ପ୍ରାରମ୍ଭିକ ଅବସ୍ଥାରୁ କର୍କଟ ସଠିକ୍ ଚିହ୍ନଟ ସହଜ ହେବ। ସେହିପରି ମହିଳା ନିଜେ ସ୍ତନର ଯାଞ୍ଚ କରିପାରିବେ।

# ଗିଳୟ ଜୁସ୍

**ଗିଳୟକୁ ଆୟୁର୍ବେଦରେ ଅମୃତ କୁହାଯାଇଛି। ଏହା ଗୁଳୁଚି ବା ଗୁଡୁଚି ନାଁରେ ପରିଚିତ। ଚିକିତ୍ସକଙ୍କ ପରାମର୍ଶରେ ଗିଳୟ ଜୁସ୍ ବା କାଢ଼ା ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।**

- ଚିକିତ୍ସକଙ୍କ ପରାମର୍ଶରେ ସକାଳୁ ଖାଲି ପେଟରେ ଗିଳୟ ଜୁସ୍ ବା କାଢ଼ା ପିଇଲେ ଶରୀର ସୁସ୍ଥ ରୁହେ।
- ଡେଙ୍ଗୁ, ମେଲେରିଆ, ଜ୍ୱରରୁ ଉପଶମ ଦିଏ । ଏହା ପ୍ଲେଟଲେଟ୍‌ସ ବଢ଼ାଏ। ମଧୁମେହ, ପାଚନ ସମସ୍ୟା ପାଇଁ ଗିଳୟ ବେଶ୍ ପ୍ରଭାବୀ।
- ଏହା ଶ୍ୱେତ ରକ୍ତ କଣିକାକୁ ସକ୍ରିୟ କରି ସଂକ୍ରମଣ ଦୂର କରିପାରେ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ବେଶ୍ ପ୍ରଭାବୀ।
- ଗିଳୟ କାଢ଼ା କିମ୍ବା ଜୁସ୍ ଡାକ୍ତରଙ୍କ ପରାମର୍ଶରେ ଦିନରେ ଥରେ କିମ୍ବା ୨ଥର ପିଇବା ହିତକର।
- ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣ ରଖିବା ସହ ପାଚନ କ୍ରିୟାକୁ ସକ୍ରିୟ କରେ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ମଧ୍ୟ ଦେଇଥାଏ।



# ପ୍ରଦୂଷଣଜନିତ ଅବସାଦ

**ଦିନକୁ ଦିନ ବାୟୁପ୍ରଦୂଷଣ ବଢ଼ିବାରେ ଲାଗିଛି। ବାୟୁରେ ଥିବା ବିଷାକ୍ତ ତତ୍ତ୍ୱ ଯୋଗୁଁ ରୋଗ ସୃଷ୍ଟି ହେଉଥିବା ବେଳେ ପିଏମ୍ ୨.୫ର ଦୀର୍ଘକାଳୀନ ସମ୍ପର୍କ ମାନସିକ ସ୍ୱାସ୍ଥ୍ୟ ତଥା ଅବସାଦ ଓ ଚିନ୍ତାକୁ ଗୁରୁତର ଭାବେ ବଢ଼ାଇଥାଏ।**

ବାୟୁ ପ୍ରଦୂଷଣରେ ନାନା ବିଷାକ୍ତ ତତ୍ତ୍ୱ ଥାଏ। ତନ୍ମଧ୍ୟରୁ ପିଏମ୍ ୨.୫ ବିପଜ୍ଜନକ। ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦୀର୍ଘ କାଳୀନ ସୂକ୍ଷ୍ମ ତତ୍ତ୍ୱ ପିଏମ୍ ୨.୫ ସମ୍ପର୍କ ମାନସିକ ସ୍ୱାସ୍ଥ୍ୟ ବିଶେଷକରି ଅବସାଦ ଏବଂ ଚିନ୍ତା ଆଶଙ୍କାକୁ ବଢ଼ାଏ। ଏହି ଅଧ୍ୟୟନ ଆଇଆଇଟି ଦିଲ୍ଲୀର ଗବେଷକ, ଏମ୍ସ ନୂଆଦିଲ୍ଲୀ, ଏନ୍‌ଆଇଏମ୍‌ଏଚ୍‌ଏଏନ୍‌ଏସ୍ ଏବଂ ସେଣ୍ଟ ଜନ୍ସ ମେଡିକାଲ କଲେଜର ମିଳିତ ପ୍ରୟାସରେ କରାଯାଇଥିଲା। ଗବେଷଣାରେ ମୋଟ୍ ୩୪,୮୦୨ ବୟସ୍କଙ୍କ ତଥ୍ୟକୁ ନିରୀକ୍ଷଣ କରାଯାଇଥିଲା। ଏଥିରୁ ଯେଉଁମାନେ ପିଏମ୍ ୨.୫ ସହିତ ଦୀର୍ଘକାଳୀନ ସମ୍ପର୍କରେ ଥିଲେ ସେମାନଙ୍କଠାରେ ଅବସାଦ ୮% ଓ ଚିନ୍ତା ୨% ବଢ଼ିଯାଇଥିବା ଦେଖାଯାଇଥିଲା। ଗବେଷକଙ୍କ ମତରେ ପିଏମ୍ ୨.୫ର ସମସ୍ତ ଉପାଦାନ ସମାନ ଭାବେ ହାନିକାରକ ନୁହେଁ। ହେଲେ ସଲଫେଟ୍, ନାଇଟ୍ରେଟ୍, ଆମୋନିୟମ, ଏଲିମେଣ୍ଟାଲ କାର୍ବନ ପରି ତତ୍ତ୍ୱ ଅବସାଦ ସହ ଅଧିକ ଭାବେ ସମ୍ପୃକ୍ତ। ଏହାର ପ୍ରଭାବ ଅଧିକାଂଶ ସହରାଞ୍ଚଳର ଲୋକଙ୍କଠାରେ ଦେଖାଯାଉଛି। ସଲ୍‌ଫେଟ୍ ଓ ମାଟି ଧୂଳି ଅକ୍ସିଡେଟିଭ୍ ଷ୍ଟ୍ରେସ୍, ସ୍ନାୟୁତନ୍ତ୍ର କ୍ଷତି ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ। ତେଣୁ ଏଥିପାଇଁ ସତର୍କତା ଅବଲମ୍ବନ କରିବା ଜରୁରି।



# ଅପସ୍ମାର



ଅପସ୍ମାର ଏକ ସାଧାରଣ ସ୍ନାୟୁଜନିତ ରୋଗ। ମସ୍ତିଷ୍କରେ କୌଣସି ଆଘାତ ଯୋଗୁଁ ଏହା ହୋଇଥାଏ। ଏହା ମାନସିକ ରୋଗ ନୁହେଁ। ଏହି ରୋଗର ଚିକିତ୍ସା ସମ୍ଭବ। ତଥାପି ଅପସ୍ମାର ସହ ଅନେକ କୁପ୍ରଥା ଯୋଡ଼ି ରହିଛି। ସମସ୍ତ ବୟସର ଲୋକଙ୍କୁ ଏହି ରୋଗ ପ୍ରଭାବିତ କରିଥାଏ। ବିଶେଷକରି ପ୍ରସବ ସମୟରେ ପିଲାଙ୍କ ମସ୍ତିଷ୍କରେ ଯଦି ଆଘାତ ହୋଇଥାଏ ତାଙ୍କଠାରେ ଏହା ଅଧିକ ମାତ୍ରାରେ ଦେଖାଯାଏ। ଯୁବାବସ୍ଥାରେ ମୁଣ୍ଡରେ ଆଘାତ ଲାଗିଲେ କିମ୍ବା ବୟସ୍କଙ୍କଠାରେ ମସ୍ତିଷ୍କାଘାତ ବା ବ୍ରେନ୍ ଷ୍ଟ୍ରୋକ୍ ସମସ୍ୟା ଥିଲେ ମଧ୍ୟ ଅପସ୍ମାର ଦେଖାଯାଏ। ତେଣୁ ଅପସ୍ମାର ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ 'ଇଣ୍ଟରନ୍ୟାସନାଲ ଲିଗ୍ ଏଗେନ୍‌ଷ୍ଟ ଏପିଲେପ୍ସି' ପକ୍ଷରୁ ଫେବୃଆରୀ ଦ୍ୱିତୀୟ ସୋମବାରକୁ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ଭାବେ ପାଳନ କରାଯାଏ।

ଅପସ୍ମାରର ମୁଖ୍ୟ କାରଣ ମଧ୍ୟରେ ମସ୍ତିଷ୍କାଘାତ, ବ୍ରେନ୍ ଷ୍ଟ୍ରୋକ୍, ମସ୍ତିଷ୍କ ଭିତରେ ସଂକ୍ରମଣ, ବ୍ରେନ୍ ଟ୍ୟୁମର ଓ ବଂଶାନୁକ୍ରମିକ ଆଦି ଅନ୍ତର୍ଭୁକ୍ତ। ଦୁଇ ବା ଅଧିକ ଥର ବାତ ମାରିଲେ ତାହାକୁ ଅପସ୍ମାର ରୋଗ କୁହାଯାଏ। ଅପସ୍ମାର ସମୟରେ ବ୍ୟକ୍ତି ହଠାତ୍ ବେହୋସ ହୋଇଯାନ୍ତି, ହାତଗୋଡ଼ ଜୋର୍‌ରେ ଥରିବାକୁ ଲାଗେ, ପାଟିରୁ ଫେଣ ବାହାରେ, ବେଳେ ବେଳେ ରୋଗୀ ଜିଭ କାମୁଡ଼ନ୍ତି କିମ୍ବା ପରିସ୍ରା କରି ଦିଅନ୍ତି। ଅପସ୍ମାର ଚିହ୍ନଟ ପାଇଁ ବ୍ରେନ୍‌ର ସ୍କାନିଂ (ସିଟି –ଏମ୍‌ଆର୍‌ଆଇ ଏବଂ ଇଇଜି) ଆଦି ପରୀକ୍ଷା କରାଯାଏ। ବାତ ମାରିବା ସମୟରେ ରୋଗୀ ସହାୟକମାନେ ଫୋନ୍ କ୍ୟାମେରା ବ୍ୟବହାର କରି ରେକର୍ଡ କରିପାରିଲେ ତାହା ରୋଗ ଚିହ୍ନଟରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ୭୦% ପୀଡ଼ିତଙ୍କ କ୍ଷେତ୍ରରେ ରୋଗ ନିୟନ୍ତ୍ରଣରେ ରଖାଯାଇପାରୁଥିଲେ ହେଁ ୩୦% ରୋଗୀ ଔଷଧ ଖାଇବା ପରେ ମଧ୍ୟ ରୋଗ ନିୟନ୍ତ୍ରଣକୁ ଆସି ନ ଥାଏ। ଏହାକୁ ରିଫ୍ରାକ୍ଟୋରି ଅପସ୍ମାର କୁହାଯାଏ। ଏଥିରେ ରୋଗର ଚିକିତ୍ସା ପାଇଁ ମସ୍ତିଷ୍କରେ ଅସ୍ତ୍ରୋପଚାର, ଖାଦ୍ୟରେ ପରିବର୍ତ୍ତନ ଅଥବା ନିଉରୋଷ୍ଟିମୁଲେସନ୍ ଆଦି ଭଳି ଉନ୍ନତମାନର ଚିକିତ୍ସା ପଦ୍ଧତି ଅବଲମ୍ବନ କରାଯାଏ।

ଚିକିତ୍ସା ସହ ପରିବାର ଲୋକଙ୍କ ସହଯୋଗ ଅତ୍ୟନ୍ତ ଜରୁରି। ଏହାଦ୍ୱାରା ସେମାନଙ୍କ ଦୈନନ୍ଦିନ ଜୀବନ ଧାରଣ ସହଜ ହୁଏ। ଅପସ୍ମାର ପୀଡ଼ିତ ଯୁବତୀ ବିବାହ, ଗର୍ଭଧାରଣ ଓ ପ୍ରସବ କରିପାରିବେ। ଗର୍ଭଧାରଣ ପୂର୍ବରୁ ସ୍ନାୟୁ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଜରୁରି । ହଠାତ୍ ବାତ ମାରିଲେ ରୋଗୀଙ୍କୁ ଧୀରେ କରି ଗୋଟିଏ କଡ଼ ଲେଉଟାଇ ଦେବା ଉଚିତ। ରୋଗୀ ପାଟିରେ ଚାମଚ କି ଚାବି ଆଦି ପୂରାଇବା ଅନୁଚିତ। ଅପସ୍ମାର ରୋଗରେ ପୀଡ଼ିତ ବ୍ୟକ୍ତିମାନେ ସମ୍ମାନ ଓ ସୁଯୋଗ ପାଇବା ଉଚିତ।


-ଡା ସନ୍ତୋଷ କୁମାର ଦାଶ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ସ୍ନାୟୁରୋଗ ବିଭାଗ
କିମ୍‌ସ, ଭୁବନେଶ୍ୱର

ସକାଳ
THE SAKALA
www.sakalaepaper.com

ଇଶାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ | ହାର୍ଦ୍ଦିକଙ୍କ ଅଲ୍‌ରାଉଣ୍ଡ ସଫଳତା | ବରୁଣ-ଅକ୍ଷରଙ୍କ ଯାଦୁକରୀ ବୋଲିଂ

# ନାମିବ୍ୟାକୁ ଭାରତର ସ୍ପିନ୍ ଚକ୍‌ମା





ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ନାମିବ୍ୟାକୁ ଚକ୍‌ମା ଦେଲେ ଭାରତୀୟ ସ୍ପିନର। ମିଷ୍ଟି ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ବାମହାତୀ ସ୍ପିନର ଅକ୍ଷର ପଟେଲଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ପୁରୁଷ ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ' ମୁକାବିଲାରେ ଭାରତ ୯୩ ରନ୍‌ରେ ନାମିବ୍ୟାକୁ ପରାସ୍ତ କରିଛି। ୫୨ ରନ୍ କରିବା ସହ ୨ଟି ୱିକେଟ ନେଇ ଅଲରାଉଣ୍ଡ ସଫଳତା ପାଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ବିଜୟ ଫଳରେ ଭାରତ ୨ଟି ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ପଏଣ୍ଟ ଟେବଲର ପ୍ରଥମସ୍ଥାନକୁ ଉଠିଛି। ଏହି ଗ୍ରୁପ୍‌ରେ ପାକିସ୍ତାନ ମଧ୍ୟ ୨ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ୪ ପଏଣ୍ଟ ପାଇଛି। କିନ୍ତୁ ନେଟ୍‌ରନ୍‌ରେଟ୍‌ରେ ଭାରତ ବହୁ ଆଗରେ ଥାଇ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। କଲମ୍ବୋରେ ଆସନ୍ତା ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ହାଇ ଭୋଲ୍ଟେଜ୍ ମୁକାବିଲା ହେବ।


ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ୨୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଇଶାନ ୨୪ ବଲ୍‌ରେ ୬ ଚୌକା ଓ ୫ ଛକା ସହ ସର୍ବାଧିକ ୬୧, ହାର୍ଦ୍ଦିକ ପାଣ୍ଡ୍ୟା ୨୮ ବଲ୍‌ରେ ୪ ଚୌକା ଓ ୪ଛକା ସହ ୫୨ ରନ୍ କରି ଅର୍ଦ୍ଧଶତକ କରିବା ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୦୯ ରନ୍ କରିଛି। ଅନ୍ୟ ଭାରତୀୟମାନଙ୍କ ମଧ୍ୟରେ ତିଲକ ବର୍ମା ୨୫, ୬ଷ୍ଠ ଥର ସୁଯୋଗ ପାଇଥିବା ସଞ୍ଜୁ ସାମସନ ୮ ବଲ୍‌ରେ ୨୨, ଶିବମ ଦୁବେ ୧୬ ବଲ୍‌ରେ ୨୩ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୨ ରନ୍ କରିଥିଲେ। ନାମିବ୍ୟା ପକ୍ଷରୁ ଅଧିନାୟକ ତଥା ସ୍ପିନର ଗେରହାଡ ଏରାସମସ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ନାମିବ୍ୟା ୨୧୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରି ପାରି ନ ଥିଲା। ଭାରତୀୟ ସ୍ପିନରଙ୍କ ମଧ୍ୟରୁ ବରୁଣ ଚକ୍ରବର୍ତ୍ତୀ ୭ ରନ୍‌ରେ ୩ଟି ଓ ଅକ୍ଷର ପଟେଲ ୨୦ ରନ୍‌ରେ ୨ଟି ୱିକେଟ ନେବା ଫଳରେ ଏକଦା ଦମ୍‌ଦାର ବ୍ୟାଟିଂର ଝଲକ ଦେଖାଇଥିବା ନାମିବ୍ୟା ୧୮.୨ ଓଭରରେ ୧୧୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ୯ମ ଓଭର ସୁଦ୍ଧା ଦଳ ପେସ୍‌ରଙ୍କୁ ଉଚିତ ମୁକାବିଲା କରି ଏକଦା ୩ ୱିକେଟ ହରାଇ ୮୬ ରନ୍ କରିଥିଲା। ଏହି ସମୟରେ ଲଫ୍ଟି-ଇଟନଙ୍କୁ ଅକ୍ଷର ପଟେଲଙ୍କ ଦ୍ୱାରା କ୍ୟାଚ୍ ଆଉଟ କରାଇଥିଲେ ବରୁଣ। ତାଙ୍କ ଆଉଟ ସହ ନାମିବ୍ୟାର ବ୍ୟାଟିଂ ତାସ ଘର ପରି ଭୁଷୁଡି ପଡ଼ିଥିଲା। ଏହି ଆଫ୍ରିକୀୟ ଦଳ ତାହାର ଶେଷ ୭ଟି ୱିକେଟ ୩୦ ରନ୍‌ରେ ହରାଇ ମ୍ୟାଚ୍‌କୁ ହାତଛଡ଼ା କରିଦେଇଥିଲା। ଏଥିଲାଗି ଭାରତୀୟ ସ୍ପିନରଙ୍କୁ ଶ୍ରେୟ ଯାଇଛି। ବୋଲିଂ ଓପନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ୨ଜଣ, ଅର୍ଶଦୀପ ସିଂ, ଶିବମ ଦୁବେ ଓ ଯଶପ୍ରୀତ୍ ବୁମ୍‌ରା ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। କିନ୍ତୁ ସ୍ପିନରମାନେ ହିଁ ପ୍ରତିପକ୍ଷ ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ: ୨୦୯/୯, ୨୦ ଓଭର (ଇଶାନ-୬୧, ହାର୍ଦ୍ଦିକ-୫୨, ଏରାସମସ-୪/୨୦)। ନାମିବ୍ୟା: ୧୧୬/୧୦, ୧୮.୨ ଓଭର (ଷ୍ଟିନ୍‌କ୍ୟାମ୍ପ-୨୯, ବରୁଣ-୩/୭, ଅକ୍ଷର-୨/୨୦, ହାର୍ଦ୍ଦିକ-୨/୨୧)।

## ରବିବାର ଭାରତ-ପାକ୍ ମୁକାବିଲା

### ଆଜିର ବିଶ୍ୱକପ୍ ମ୍ୟାଚ୍



| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ଅଷ୍ଟ୍ରେଲିଆ-ଜିମ୍ବାୱେ | ପୂର୍ବାହ୍ନ ୧୧ଟା | କଲମ୍ବୋ |
| କାନାଡା-ୟୁଏଇ | ଅପରାହ୍ଣ ୩ଟା | ନୂଆଦିଲ୍ଲୀ |
| ଆମେରିକା-ନେଦରଲାଣ୍ଡସ | ରାତି ୭ଟା | ଚେନ୍ନଇ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

● ପବନ, କୁଶାଲ ଓ ଦାସୁନଙ୍କ ବିସ୍ଫୋରକ ବ୍ୟାଟିଂ

## ଶ୍ରୀଲଙ୍କାର ଦ୍ୱିତୀୟ ବୃହତ୍ ବିଜୟ

ପାଲେକେଲେ,୧୨।୨(ଏଜେନ୍ସି): ଯୁବ ଖେଳାଳି ପବନ ରତନାୟକେ, ଦୁଇ ଅଭିଜ୍ଞ ଖେଳାଳି କୁଶାଲ ମେଣ୍ଡିସ୍ ଓ ଅଧିନାୟକ ଦାସୁନ ଶାନକାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବ, ଗ୍ରୁପ୍-ବି'ରେ ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୧୦୫ ରନ୍‌ର ବିରାଟ ବ୍ୟବଧାନରେ ଓମାନକୁ ପରାସ୍ତ କରିଛି। ଏହା ଫଳରେ ୨ଟି ଗ୍ରୁପ୍ ମ୍ୟାଚ୍‌ରୁ ୨ଟିରେ ବିଜୟ ହାସଲ କରି ଶ୍ରୀଲଙ୍କା ଗ୍ରୁପ୍-ବି' ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ଆଜି ଏଠାରେ ଖେଳାଯାଇଥିବା ମୁକାବିଲାରେ କୁଶାଲ ମେଣ୍ଡିସ୍ ୪୫ ବଲ୍‌ରୁ ୬୧, ପବନ ରତନାୟକେ ୨୮ ବଲରୁ ୬୦ ଓ ଦାସୁନ ଶାନକା ୨୦ ବଲ୍‌ରୁ ଅପରାଜିତ ୫୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୫ ୱିକେଟରେ ୨୨୫ ରନ୍ କରିଥିଲା। ପ୍ରତିପକ୍ଷ ଦଳର ଜିତେନ ରାମଚଣ୍ଡି ସର୍ବାଧିକ ୨ଟି, ଜୟ ଓଡେରା ଓ ଶୁଫିୟାନ ମେହମୁଦ୍ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଓମାନ ୨୦ ଓଭରରେ ୮ ୱିକେଟ ହରାଇ ୧୨୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ପାକିସ୍ତାନୀ ଜନ୍ମିତ ୪୩ ବର୍ଷୀୟ ବ୍ୟାଟର ମହମ୍ମଦ୍ ନଦୀମ ସର୍ବାଧିକ ୫୩ ରନ୍ କରି ଅପରାଜିତ ରହିଥିଲେ। ୱାସିମ ଅଲି ୨୭ ରନ୍ କରି ଦ୍ୱିତୀୟ ଖେଳାଳି ଭାବେ ଡବଲ ଫିଗର ଛୁଇଁଥିଲେ। ଶ୍ରୀଲଙ୍କାର ଦୁଷ୍ମନ୍ତ ଚାମୀରା ଓ ମାହୀଶ ଥିକ୍‌ସାନା ୨ଟି ଲେଖାଏଁ ୱିକେଟ ପାଇଥିଲେ। ୨ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ୨୮ ବଲ୍‌ରେ ୮ ଚୌକା ଓ ୧ ଛକା ସହ ୬୦ ରନ୍ କରିଥିବା ପବନ ରତନାୟକେଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଭାରତ ମାଟିରେ ରଶିଦଙ୍କ ୫୦ ୱିକେଟ୍



ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ କ୍ରମାଗତ ୨ଟି ପରାଜୟବରଣ ପରେ ଆଫଗାନିସ୍ତାନର ସୁପର୍-୮ ପ୍ରବେଶ ଆଶଙ୍କା ମଧ୍ୟକୁ ଚାଲିଯାଇଛି। ଗତକାଲି ଅନୁଷ୍ଠିତ ଏକ ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସୁପର ଓଭରରେ ୪ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ବିଜୟୀ ହୋଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକାକୁ ନାକେଦମ କରିଥିଲା ଆଫଗାନିସ୍ତାନ। ଦଳ ପରାସ୍ତ ହୋଇଥିଲେ ମଧ୍ୟ ଆଫଗାନିସ୍ତାନ ଅଧିନାୟକ ରଶିଦ ଖାନ ଏହି ମ୍ୟାଚ ଅବସରରେ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବିଶ୍ୱର ପ୍ରଥମ ବୋଲର ଭାବେ ରଶିଦ ଅନ୍ତର୍ଜାତୀୟ ଟି-୨୦ରେ ଭାରତ ମାଟିରେ ୫୦ଟି ୱିକେଟ୍ ନେଇଛନ୍ତି। ଭାରତୀୟ ପରିବେଶରେ ୨୪ତମ ଟି-୨୦ ପାଳିରେ ରଶିଦ ଏହି ସଫଳତା ପାଇଛନ୍ତି। ଏହି ତାଲିକାରେ ଯୁଜବେନ୍ଦ୍ର ଚହଲ ୨ୟ ସ୍ଥାନରେ ରହିଛନ୍ତି। ଚହଲ ଘରୋଇ ମାଟିରେ ୩୮ ଟି-୨୦ ମ୍ୟାଚ ଖେଳି ୪୯ ୱିକେଟ ନେଇଛନ୍ତି। ଅକ୍ଷର ପଟେଲ (୪୮ ୱିକେଟ୍), ଅର୍ଶଦୀପ୍ ସିଂହ (୪୩) ଓ ହାର୍ଦ୍ଦିକ ପାଣ୍ଡ୍ୟା (୩୮ ୱିକେଟ୍) ଏହି ତାଲିକାରେ ଯଥାକ୍ରମେ ପରବର୍ତ୍ତୀ ୩ଟି ସ୍ଥାନରେ ରହିଛନ୍ତି।

## ନଗେଶ ଟ୍ରଫି ସେମିରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୧୨।୨(ସମିସ): ନୂଆଦିଲ୍ଲୀରେ ଚାଲିଥିବା ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫିର ସେମିଫାଇନାଲରେ ଓଡ଼ିଶା ପରାଜିତ ହୋଇଛି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ କର୍ଣ୍ଣାଟକ ୧୦ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୩ ୱିକେଟରେ ୨୦୬ ରନ୍ କରିଥିଲା। ଦଳ ପକ୍ଷରୁ ସୁଖରାମ ମାଝି ୭୦ ବଲ୍‌ରେ ଅପରାଜିତ ୧୩୩ ରନ୍ କରିଥିଲେ। ଜବାବରେ କର୍ଣ୍ଣାଟକ କୌଣସି ୱିକେଟ ନ ହରାଇ ୧୬.୧ ଓଭରରେ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଉନ୍ନତ ରନ୍ ହାରରେ ତୃତୀୟ ସ୍ଥାନରେ ରହିଛି।

● ପ୍ରଶାନ୍ତ ମେମୋରିଆଲ୍ ଆଇନଜୀବୀ କ୍ରିକେଟ୍

## ଫାଇନାଲରେ ଭୁବନେଶ୍ୱର-ରେଭିନ୍ୟୁ

ଭୁବନେଶ୍ୱର, ୧୨।୨ (ସମିସ): ଭୁବନେଶ୍ୱର ବାର୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ ମେମୋରିଆଲ୍ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଶନିବାର ଆୟୋଜକ ଭୁବନେଶ୍ୱର ସଂଘ ଓ ବୋର୍ଡ ଅଫ୍ ରେଭିନ୍ୟୁ ମଧ୍ୟରେ ଫାଇନାଲ ଖେଳାଯିବ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବୋର୍ଡ ଅଫ୍ ରେଭିନ୍ୟୁ ୫ ୱିକେଟ୍‌ରେ ଓଡ଼ିଶା ହାଇକୋର୍ଟକୁ ପରାସ୍ତ କରିଥିଲା। ୧୮ ରନ ସହ ବୋଲିଂରେ ୨ଟି ୱିକେଟ୍ ନେଇଥିବା ବିଜୟୀ ଦଳର ଗିରିଜା ଶଙ୍କର ମିଶ୍ରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ଭୁବନେଶ୍ୱର ବାର୍ ଓ ଭୁବନେଶ୍ୱର ରେଡ୍ସ ସାମ୍ନାସାମ୍ନି ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାର୍ ଦଳ ୧୮ ଓଭରରେ ୩ ୱିକେଟ୍ ହରାଇ ୧୮୪ ରନ କରିଥିଲା। ଜବାବରେ ରେଡ୍ସ ୫୮ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଭୁବନେଶ୍ୱର ବାର୍ ଦଳର ମୋହନ ସାହୁ (୪୧ ରନ ଓ ୩ଟି ୱିକେଟ) ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ବାର୍ ସଂଘର ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ଆୟୋଜକ ସଂଘର ସଭାପତି ଅଶୋକ ପାତ୍ର ଓ ସମ୍ପାଦକ ସତ୍ୟରଞ୍ଜନ ସେନାପତି ଅତିଥିଭାବେ ଯୋଗଦେଇଥିଲେ। ଶୁକ୍ରବାର ବିଶ୍ରାମ ଦିବସରେ ଓସ୍‌ଜା ଏବଂ ଓଡ଼ିଶା ସିନେଷ୍ଟାର୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ।



## ଯୁବା ବାସ୍କେଟବଲ୍ ଶନିବାରରୁ



ଭୁବନେଶ୍ୱର, ୧୨।୨ (ସମିସ): ସନସାଇନ ଯୁବା ସଂଗଠନ ଆନୁକୂଲ୍ୟରେ ଫେବୃଆରୀ ୧୪ (ଶନିବାର)ରୁ ଯୁବା ବାସ୍କେଟବଲ୍ ଓପନ ପ୍ରତିଯୋଗିତା ଆରମ୍ଭ ହେବ। ସହିଦନଗରସ୍ଥିତ ଇମ୍ପା ଗ୍ରାଉଣ୍ଡରେ ୪ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୫ଟି ରାଜ୍ୟର ୧୬ଟି ଦଳ ଅଂଶଗ୍ରହଣ କରିବେ। ଯେଉଁଥିରେ ଓଡ଼ିଶାରୁ ବ୍ରହ୍ମପୁର ବିଏମ୍‌ଏସ୍‌ସି, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଭୁବନେଶ୍ୱର ୱାରିୟର୍ସ, କଟକର ସିବିଏ, ଏମ୍‌୩ ପାନ୍ଥର୍ସ, ଭୁବନେଶ୍ୱରର ଓଡିବିଏ, କେବିସି, ଡବ୍ଲ୍ୟୁ ବଲର୍ସ, ପୁରୀ ଓ ଆୟୋଜକ ଯୁବା ବାସ୍କେଟବଲ୍ କ୍ଲବ ରହିଛନ୍ତି। ସେହିଭଳି ପଶ୍ଚିମବଙ୍ଗର ମେଟ୍ରୋ ରେଳବାଇ, ପିଏସି, ଝାଡ଼ଖଣ୍ଡର ୱଲଭ୍‌ସ ପ୍ୟାକ ଓ ୟୁନିଟି, ଛତିଶଗଡ଼ର ରିଜଲର୍ସ ଓ ଦିଲ୍ଲୀର ବ୍ଲୁଲାଇନ ଏଥିରେ ଭାଗ ନେଇଛି। ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୧ ହଜାର ଓ ରନର୍ସଅପ୍ ହୋଇଥିବା ଦଳକୁ ୨୧ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ୩ୟ ସ୍ଥାନ ହାସଲ କରିଥିବା ଦଳ ୧୧ହଜାର ଟଙ୍କା ପାଇବ ବୋଲି ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କ୍ଲବର ଉପଦେଷ୍ଟା ସରୋଜ ପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଆୟୋଜକ ଦଳର ଜର୍ସି ଉନ୍ମୋଚିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ବିଶ୍ୱଜିତ ମହାନ୍ତି, ଉପସଭାପତି ଦେବାଶିଷ ସବ୍ୟସାଚୀ ଚକ୍ର, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ସଂଯୋଜକ ପ୍ରଶାନ୍ତ ବେହେରା, ମିଥୁନ ବିଶୋୟୀ ପ୍ରମୁଖ ଉପସ୍ଥିତ ରହିଥିଲେ।

କାଲୁଗାମାଗେଙ୍କ ଯାଦୁକରୀ ସ୍ପିନ୍, ମୋସ୍କା ବ୍ରଦର୍ସଙ୍କ ଦମ୍‌ଦାର ବ୍ୟାଟିଂ

## ଟି-୨୦ ବିଶ୍ୱକପ୍‌ରେ ଇଟାଲୀର ଐତିହାସିକ ବିଜୟ



ୱାଙ୍ଖେଡେ,୧୨।୨ (ଏଜେନ୍ସି): ୩୪ ବର୍ଷୀୟ ଲେଗ୍‌ସ୍ପିନର କ୍ରିସାନ କାଲୁଗାମାଗେଙ୍କ ଯାଦୁକରୀ ସ୍ପିନ୍ ଓ ମୋସ୍କା ବ୍ରଦର୍ସ ତଥା ଜଷ୍ଟିନ ଓ ଆଣ୍ଟୋନୀଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଆଜି ଅନୁଷ୍ଠିତ ପୁରୁଷ ଟି-୨୦ ବିଶ୍ୱକପ୍‌ର ଏକ ଗ୍ରୁପ୍-ସି' ଲିଗ୍ ମ୍ୟାଚ୍‌ରେ ନେପାଳକୁ ୧୦ ୱିକେଟରେ ହରାଇ ଇଟାଲୀ ଐତିହାସିକ ବିଜୟ ହାସଲ କରିଛି। ବିଶ୍ୱକପ୍‌ରେ ଇଟାଲୀର ଏହା ପ୍ରଥମ ଏବଂ ୧୦ ୱିକେଟରେ ମଧ୍ୟ ପ୍ରଥମ ବିଜୟ। ଏହି ବିଜୟ ଫଳରେ ଇଟାଲୀକୁ ପୂରା ୨ ପଏଣ୍ଟ ମିଳିଥିଲାବେଳେ ଏକାଧିକ ରେକର୍ଡ କରିଛି। ଏହି ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ୧୮ ରନ୍‌ରେ ୩ଟି ୱିକେଟ ନେଇଥିବା ଶ୍ରୀଲଙ୍କା ଜନ୍ମିତ ଲେଗ୍‌ସ୍ପିନର କାଲୁଗାମାଗେଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଉଭୟ ଦଳର ଏହା ଗ୍ରୁପ୍‌ରେ ଦ୍ୱିତୀୟ ମ୍ୟାଚ୍ ଥିଲା। ଏଥିରେ ଇଟାଲୀ ପ୍ରଥମ ବିଜୟ ହାସଲ କରିଥିଲାବେଳେ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ନାକେଦମ କରିଥିବା ନେପାଳ ୨ଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇଛି।

ଏହି ମ୍ୟାଚ୍‌ରେ ଇଟାଲୀ ଟସ୍ ଜିତିବା ପରେ ନେପାଳକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ନେପାଳ କିନ୍ତୁ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ସହ ଯେପରି ଲଢ଼ିଥିଲା ଏଠାରେ ତାହା ଦେଖିବାକୁ ମିଳି ନ ଥିଲା। କାଲୁଗାମାଗେ ଓ ବେନ୍ ମାନେଟିଙ୍କ ସ୍ପିନ୍ ବୋଲିଂକୁ ମୁକାବିଲା କରି ନ ପାରି ନେପାଳ ୧୯.୩ ଓଭରରେ ୧୨୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆରିଫ୍ ସେଖ୍ ୨୭, ରୋହିତ ପୌଡେଲ ୨୩, ଆସିଫ୍ ସେଖ୍ ୨୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର କାଲୁଗାମାଗେ ୧୮ ରନ୍‌ରେ ୩ଟି ଓ ମାନେଟି ୪ ଓଭରରେ ମାତ୍ର ୮ ରନ୍ ଦେଇ ୨ଟି ୱିକେଟ ନେଇଥିଲେ। ଜବାବରେ ୧୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ଇଟାଲୀ ୧୨.୪ ଓଭରରେ କୌଣସି ୱିକେଟ ନ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ମୋସ୍କା ବ୍ରଦର୍ସଙ୍କ ମଧ୍ୟରୁ ବଡ଼ ଭାଇ ଆଣ୍ଟୋନୀ ୩୨ ବଲ୍‌ରେ ୩ ଚୌକା ଓ ୬ଟି ଛକା ସହ ସର୍ବାଧିକ ୬୨ ଏବଂ ସାନଭାଇ ଜଷ୍ଟିନ୍ ୪୪ ବଲ୍‌ରୁ ୫ ଚୌକା ଓ ୩ ଛକା ସହ ୬୦ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ନେପାଳର ଦୀପେନ୍ଦ୍ର ସିଂ ଆଇରୀଙ୍କୁ ବାଦ୍‌ଦେଲେ ଅନ୍ୟ କୌଣସି ବୋଲର ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ।

**ଏକାଧିକ ରେକର୍ଡ :** ଏହି ମ୍ୟାଚ୍‌ରେ ବିଜୟ ହାସଲ କରି ଇଟାଲୀ ଏକାଧିକ ରେକର୍ଡ ପ୍ରତିଷ୍ଠା କରିଛି। ଆସୋସିଏଟ ଦେଶରୁ ଦ୍ୱିତୀୟ ଟିମ୍ ଭାବେ ଇଟାଲୀ ୧୦ ୱିକେଟରେ ବିଜୟୀ ହୋଇଛି। ପୂର୍ବରୁ ୨୦୨୧ରେ ପାପୁଆ ନ୍ୟୁ ଗିନିକୁ ଓମାନ ୧୦ ୱିକେଟରେ ହରାଇଥିଲା। ସେହିପରି ପ୍ରଥମ ୱିକେଟରେ ଆଣ୍ଟୋନୀ ଓ ଜଷ୍ଟିନ୍ ୧୨୪ ରନ୍ ଉଠାଇବା ବ୍ରଦର୍ସ ଯୋଡିଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ପାର୍ଟନରସିପ୍।

ଇଟାଲୀ ଲାଗି ଏହି ସ୍କୋର ମଧ୍ୟ ସର୍ବଶ୍ରେଷ୍ଠ ପାର୍ଟନରସିପ୍। ଏହି ମ୍ୟାଚ୍‌ରେ ଇଟାଲୀ ୪୪ଟି ବଲ୍ ବାକିଥାଇ ମ୍ୟାଚ୍ ଜିତିଛି। ବିଶ୍ୱକପ୍‌ରେ ଏହା ତୃତୀୟ ସର୍ବାଧିକ ବଲ ବାକିଥାଇ ମ୍ୟାଚ୍ ଜିତିବା। ପୂର୍ବରୁ ୟୁଏସ୍‌ଏ ବିପକ୍ଷରେ ୱେଷ୍ଟଇଣ୍ଡିଜ୍ ୫୫ଟି ବଲ୍ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୫୦ଟି ବଲ୍ ବାକିଥାଇ ମ୍ୟାଚ୍ ଜିତିବାର ରେକର୍ଡ ରହିଛି।

**ସଂକ୍ଷିପ୍ତ ସ୍କୋର:** ନେପାଳ: ୧୨୩/୧୦, ୨୦ ଓଭର (ଆରିଫ୍ ସେଖ-୨୭, ରୋହିତ ପୌଡେଲ-୨୩, କ୍ରିସାନ କାଲୁଗାମାଗେ-୩/୧୮, ବେନ୍ ମାନେଟି-୨/୯)। **ଇଟାଲୀ :** ୧୨୪/୦, ୧୨.୪ ଓଭର (ଆଣ୍ଟୋନୀ ମୋସ୍କା-ଅପରାଜିତ ୬୨, ଜଷ୍ଟିନ ମୋସ୍କା ଅପରାଜିତ ୬୦)।

ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍

## ସେମିରେ ପ୍ରମୋଦ

ଭୁବନେଶ୍ୱର,୧୨।୨(ସମିସ): ଅଲିମ୍ପିକ୍ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ବିଡ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗଲ୍ସ କ୍ୱାର୍ଟରରେ ସେ ନିଜ ଦେଶର ଉମେଶ ବିକ୍ରମ କୁମାରଙ୍କୁ ୨୧-୧୭, ୨୧-୧୩ ସେଟ୍‌ରେ ହରାଇଥିଲେ। ଏହି ଇଭେଣ୍ଟରୁ ଭାରତକୁ ପଦକ ମିଳିବା ନିଶ୍ଚିତ ହୋଇଛି। ଏହା ପରେ ଖେଳାଯାଇଥିବା ଏସ୍‌ଏଲ-୩ ଏସ୍‌ଏଲ-୪ କ୍ୱାର୍ଟରରେ ପ୍ରମୋଦ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ୨-୦ ସେଟ୍‌ରେ ଦକ୍ଷିଣ କୋରିଆ ଯୋଡିଙ୍କୁ ହରାଇଥିଲେ।

ଜାତୀୟ ସିନିଅର ମହିଳା ଦିନିକିଆ କ୍ରିକେଟ୍

## କର୍ଣ୍ଣାଟକର ବିଜୟ ଚୌକା

ଭୁବନେଶ୍ୱର, ୧୨।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ରାଜକୋଟରେ ଚାଲିଥିବା ଜାତୀୟ ସିନିଅର ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ୨ୟ ପରାଜୟବରଣ କରିଛି। ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ କର୍ଣ୍ଣାଟକ ୯୨ ରନରେ ଓଡ଼ିଶା ମହିଳା ଦଳକୁ ହରାଇଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କର୍ଣ୍ଣାଟକ ଅଧିନାୟିକା ଏସ୍. ଶୁଭ (୯୦ ରନ), ନିକି ପ୍ରସାଦ (୭୯) ଓ ସୌମ୍ୟା ବର୍ମା (୫୮)ଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ୫୦ ଓଭରରେ ୭ ୱିକେଟ୍ ହରାଇ ୩୨୬ ରନ ସଂଗ୍ରହ କରିଛି। ଓଡ଼ିଶା ପାଇଁ ଜ୍ୟୋତି ପ୍ରସାଦଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ଜବାବରେ ଓଡ଼ିଶା ଏହି ଚ୍ୟାଲେଞ୍ଜିଂ ଟାର୍ଗେଟକୁ ପିଛା କରି ୯ ୱିକେଟ୍‌ରେ ୨୩୪ ରନ କରିବାକୁ ସମର୍ଥ ହୋଇଥିଲା। ଇନଫର୍ମ ବ୍ୟାଟର ମାଧୁରୀ ମେହେଟା ସର୍ବାଧିକ ୭୮, ସରିତା ମେହେର ୫୬ ଓ ତନ୍ମୟୀ ବେହେରା ୩୩ ରନର ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। କର୍ଣ୍ଣାଟକ ୪ର୍ଥ ମ୍ୟାଚରୁ ୪ର୍ଥ ବିଜୟ ସହ କର୍ଣ୍ଣାଟକ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିଛି।

## ବ୍ରହ୍ମପୁର ଆର୍‌ସିର ପ୍ରଥମ ବିଜୟ

ତମାଣ୍ଡୋ ପ୍ରିମିୟର ଲିଗ୍




ଭୁବନେଶ୍ୱର,୧୨।୨(ସମିସ): ଭୁବନେଶ୍ୱରର ବିଜେତା ୱାରିୟର୍ସଙ୍କୁ ୫ ୱିକେଟରେ ପରାସ୍ତ କରି ବ୍ରହ୍ମପୁର ଆର୍‌ସି ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ବିଜେତା ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୩ ରନ୍ କରିଥିଲା। ଦଳ ପକ୍ଷରୁ ଲକି କୁମାର ୩୩ ବଲ୍‌ରେ ୫୬ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ତସ୍‌ରିମ୍ ଖାନ୍ ୩୩ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ଜବାବରେ ବ୍ରହ୍ମପୁର ୧୫.୨ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୭୪ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରେ ଲୋହିତ ମହାନ୍ତି ୨୪ ବଲ୍‌ରେ ୫୬ ରନ୍ କରି ଦଳର ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଇ. ସିଂ ୪୪ ଓ ଟି. ଡେଭିଡ ୨୯ ରନ୍‌ର ଯୋଗଦାନ ଦେଇଥିଲେ। ଘାତକ ବୋଲିଂ କରିଥିବା ବ୍ରହ୍ମପୁରର ତସରିମ୍ ଖାନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଆଜିର ଅତିଥି ତଥା ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡ଼ା ପ୍ରଦାନ କରିଥିଲେ। ଆସନ୍ତାକାଲି କାକଟପୁରର ଏମ୍‌ସିସି ଓ ଭୁବନେଶ୍ୱରର ଆଦିତ୍ୟ ଏକାଦଶ ମଧ୍ୟରେ ମୁକାବିଲା ହେବ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍

## ଭାରତର ୨ୟ ପରାଜୟ



ରାଉରକେଲା/ଭୁବନେଶ୍ୱର, ୧୧।୨ (ସମିସ): ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଘରୋଇ ଭାରତ କ୍ରମାଗତ ୨ୟ ପରାଜୟବରଣ କରିଛି। ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ମ୍ୟାଚରେ ବିଶ୍ୱର ୬ଷ୍ଠ ମାନ୍ୟତା ଦଳ ଆର୍ଜେଣ୍ଟିନା ୮-୦ ଗୋଲରେ ଭାରତୀୟ ପୁରୁଷ ଦଳକୁ ହରାଇଦେଇଛି। ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିବା ଆର୍ଜେଣ୍ଟିନା ପ୍ରଥମାର୍ଦ୍ଧ ମଧ୍ୟରେ ୭ଟି ଗୋଲ୍ ଦେଇ ମ୍ୟାଚକୁ ଏକପାଖିଆ କରିଦେଇଥିଲା। ଦଳ ପକ୍ଷରୁ ତୋମାସ ଡୋମେନ ୪ଟି ଗୋଲ୍ ଦେଇଥିଲେ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ୧-୩ ଗୋଲରେ ୟୁରୋପୀୟ ପାୱାରହାଉସ ବେଲ୍‌ଜିୟମ ନିକଟରୁ ପରାସ୍ତ ହୋଇଥିଲା। ଫଳରେ ପ୍ରୋ ଲିଗ୍‌ର ଚଳିତ ସଂସ୍କରଣରେ ପ୍ରଥମ ଦୁଇଟି ମ୍ୟାଚରେ ପରାଜୟ ସହ ଭାରତ ଖାତା ଖୋଲିପାରିନି। ଶୁକ୍ରବାର ଏଠାରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଖେଳାଯିବ। ଶନିବାର ଭାରତ ପୁଣିଥରେ ଆର୍ଜେଣ୍ଟିନାକୁ ଭେଟିବ। ସେହିଭଳି ରାଉରକେଲା ଲେଗ୍ (ପର୍ଯ୍ୟାୟ)ର ଶେଷ ମ୍ୟାଚରେ ରବିବାର ଭାରତ ଓ ବେଲ୍‌ଜିୟମ ସାମ୍ନାସାମ୍ନି ହେବ। ଏହି ପ୍ରତିଯୋଗିତାରେ ବେଲ୍‌ଜିୟମ ବର୍ତ୍ତମାନ ସୁଦ୍ଧା ୬ଟି ମ୍ୟାଚରୁ ୫ ବିଜୟ ସହ ୧୬ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ସେହିଭଳି ଆର୍ଜେଣ୍ଟିନା ୫ ମ୍ୟାଚରୁ ୧୧ ପଏଣ୍ଟ ପାଇ ୪ର୍ଥ ସ୍ଥାନ ହାସଲ କରିଛି।

## ଏସୀୟ ଲନ୍‌ବଲ୍: ଭାରତୀୟ ଶିବିରରେ ଓଡ଼ିଶାର ରୋଶନୀ ଓ ରାଜେଶ୍ୱରୀ



ଭୁବନେଶ୍ୱର,୧୨।୨(ସମିସ): ଓଡ଼ିଶା ରୋଶନୀ ସାହୁ ଓ ରାଜେଶ୍ୱରୀ ସେଠ୍ ଏସୀୟ ଲନ୍ ବଲ ଚାମ୍ପିଅନସିପ ଲାଗି ୨୫ ବର୍ଷରୁ କମ୍ ଭାରତୀୟ ଶିବିରରେ ସ୍ଥାନ ପାଇଛନ୍ତି। ଏସୀୟ ଲନ୍‌ବଲ ଲାଗି ଭାରତୀୟ ଦଳର ଚୟନ ଶିବିର ମାର୍ଚ୍ଚ ୬ରୁ ୮ ତାରିଖଯାଏ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ରୋଶନୀ ଓ ରାଜେଶ୍ୱରୀ ଜାତୀ ଲନବଲ ଚାମ୍ପିଅନସିପ୍‌ରେ ରନର୍ସ ଅପ୍ ହୋଇଥିଲେ। ଗୋଟିଏ ବର୍ଷରେ ଉଭୟ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରି ଜାତୀୟ ଶିବିରକୁ ଡକରା ପାଇଥିବାରୁ ଓଡ଼ିଶା ରାଜ୍ୟ ଲନ୍‌ବଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ ଓ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଉଭୟ ଖେଳାଳିଙ୍କ ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS